


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-147 ◆SUNDAY ◆23 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୪୭ ◆ରବିବାର ◆୨୩ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


# ଲଘୁଚାପ ରୂପ ନେଲା ଘୂର୍ଣ୍ଣିବଳୟ

## ୨୪ରେ ଅବପାତ; ୨୭ରେ ସ୍ପଷ୍ଟ ହେବ ବାତ୍ୟାର ଚିତ୍ର

■ ଭୁବନେଶ୍ୱର, ୨୨।୧୧ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ମଲକ୍କା ଉପସାଗର ମଧ୍ୟଭାଗ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଲଘୁଚାପର ରୂପ ନେଇଛି। ଏହି ଲଘୁଚାପ ଆସନ୍ତା ୨୪ ତାରିଖରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବ। ତେବେ ଏହା ବାତ୍ୟାର ରୂପ ନେବ କି ନାହିଁ, ତାହା ୨୭ ତାରିଖରେ ହିଁ ସ୍ପଷ୍ଟ ହେବ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ଡ. ମନୋରମା ମହାନ୍ତି କହିଛନ୍ତି ଯେ ଆଜି ସକାଳ ପ୍ରାୟ ୮ଟା ୩୦ ମିନଟରେ ମଲକ୍କା ଏବଂ ସଂଲଗ୍ନ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଆସନ୍ତା ୨୪ ତାରିଖ ସୁଦ୍ଧା ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ଏହା କ୍ରମଶଃ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରିବା ସହିତ ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ରାଜ୍ୟରେ ଆଗାମୀ ୬ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ। ସେଥିପାଇଁ କୌଣସି ସତର୍କ ସୂଚନା ଜାରି କରାଯାଇ ନାହିଁ। ଦିନ କିମ୍ବା ରାତି ତାପମାତ୍ରାରେ



ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

ଅପରପକ୍ଷେ ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ୨୭ ତାରିଖରୁ ଶୁଷ୍କ ଥଣ୍ଡା ଉତ୍ତରା ପବନ ରାଜ୍ୟକୁ ବହିବ। ଫଳରେ ସାରା ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବ। ଅନେକ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀରୁ ତଳକୁ ଖସିବ ଏବଂ ଶୀତ ବଢ଼ିବ। ରାଜ୍ୟର ଉପକୂଳ ଓ ସଂଲଗ୍ନ ବଙ୍ଗୋପସାଗରରେ ତାପମାତ୍ରା କମିବା ଯୋଗୁଁ ଗୋପାଳପୁରରୁ ଉତ୍ତରରେ ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଜଳପୃଷ୍ଠର ତାପମାତ୍ରା ୨୭ ଡିଗ୍ରୀରୁ କମିପାରେ ବୋଲି ସେ ପୂର୍ବାନୁମାନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶା ଉପକୂଳକୁ ଶୁଷ୍କ ବାୟୁର ସମ୍ଭାବ୍ୟ ପ୍ରବାହ ଓ ଥଣ୍ଡା ବଢ଼ିବା କାରଣରୁ ସମ୍ଭବତଃ ସମ୍ଭାବ୍ୟ ବାତ୍ୟା ଓଡ଼ିଶା ଉପକୂଳ ଛୁଇଁନପାରେ। ତେବେ ସମ୍ଭାବ୍ୟ ବାତ୍ୟାର ଚିତ୍ର ଆସନ୍ତା ୨୭ ତାରିଖ ବେଳକୁ ସ୍ପଷ୍ଟ ହେବ ବୋଲି ଡ. ପଶୁପାଳକ କହିଛନ୍ତି।

# 'ସକାଳ' ପକ୍ଷରୁ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା ଆଜି

■ ଭୁବନେଶ୍ୱର, ୨୨।୧୧ (ସମିସ): ଆସନ୍ତା ଡ଼ିସେମ୍ବର ୧ ତାରିଖରେ ପଞ୍ଚମ ସ୍ୱନକ୍ଷତ୍ର ଦିବସ ପାଳନ କରିବ ଦୈନିକ 'ସକାଳ'। ଏହି ଅବସରରେ ସାରା ରାଜ୍ୟରେ ଆସନ୍ତାକାଲି ଅନୁଷ୍ଠିତ ହେବ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତା। ସବୁ ଜିଲ୍ଲା ସହ ଭୁବନେଶ୍ୱର, ରାଉରକେଲା ଓ ଜୟପୁର ସହରରେ ଦୁଇ ପର୍ଯ୍ୟାୟରେ କନିଷ୍ଠ ଓ ବରିଷ୍ଠ ବର୍ଗଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଛି। କନିଷ୍ଠ ବର୍ଗରେ ଅଷ୍ଟମରୁ ଦଶମ ଶ୍ରେଣୀ ଓ ବରିଷ୍ଠ ବର୍ଗରେ କଲେଜ, ବିଶ୍ୱବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ଅଂଶଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଜିଲ୍ଲାସ୍ତରରେ ଉଭୟ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆସନ୍ତା ଡିସେମ୍ବର ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହେବେ।




# ମହଙ୍ଗା ହେବ ଔଷଧ

■ ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଜିଏସ୍‌ଟି ହାର ହ୍ରାସ ପରେ ଜନତାଙ୍କୁ ଆଶ୍ୱସ୍ତି ମିଳିବ ବୋଲି କୁହାଯାଉଥିଲା। ମାତ୍ର ଏହାର ସେତେ ଲାଭ ଜନସାଧାରଣଙ୍କୁ ମିଳିନାହିଁ। ଅନ୍ୟପକ୍ଷରେ କିଛି କମ୍ପାନୀ ଅସାଧୁ ଭାବେ ମୂଲ୍ୟ ସହିତ ପରିମାଣ କମାଇ ଅଧିକ ଲାଭ ଅର୍ଜନ କରୁଥିବା ଦେଖିବାକୁ ମିଳୁଛି। ଏବେ ପୁଣି ଜନତାଙ୍କୁ ବଡ଼ ଝଟ୍‌କା ଲାଗିବାକୁ ଯାଉଛି। ସରକାର ଫାର୍ମା କ୍ଷେତ୍ରରେ ବ୍ୟବହୃତ କଞ୍ଚାମାଲ ଅର୍ଥାତ ଫାର୍ମାସ୍ୟୁଟିକାଲ୍ସ ଇନ୍‌ପୁଟ ପାଇଁ ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମଆଇପି) ଧାର୍ଯ୍ୟ କରିବାକୁ ନିଷ୍ପତ୍ତି



ନେଇଛନ୍ତି। ଏଥିଯୋଗୁଁ ଔଷଧ ମୂଲ୍ୟ ବଢ଼ିପାରେ। ଫାର୍ମା ଉଦ୍ୟୋଗ ସହ ଜଡ଼ିତ ଅନେକ ବିଶେଷଜ୍ଞ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, କିଛି ଜରୁରୀ କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଆକ୍ଟିଭ ଫାର୍ମାସ୍ୟୁଟିକାଲ ଇନଗ୍ରିଡିଆଣ୍ଟ (ଏଆଇପି) ଏବଂ ଔଷଧ ଉତ୍ପାଦନ କରୁଥିବା କମ୍ପାନୀଙ୍କ ବ୍ୟୟ ବଢ଼ିବ। ବ୍ୟୟ ବଢ଼ିଲେ ଔଷଧ ମୂଲ୍ୟ ବୃଦ୍ଧି କରାଯିବ। ଏହାର ପ୍ରତ୍ୟକ୍ଷ ପ୍ରଭାବ ରୋଗୀଙ୍କ ଉପରେ ପଡ଼ିବା ନିଶ୍ଚିତ।

ରିପୋର୍ଟ ଅନୁଯାୟୀ ଚୀନ୍ ଭଳି ଦେଶରୁ ଆସୁଥିବା ବିପୁଳ କଞ୍ଚାମାଲ ଆମଦାନୀ ହ୍ରାସ କରିବା ଏହାର ଉଦ୍ଦେଶ୍ୟ। କାରଣ ଏହା ଭାରତର ଘରୋଇ ଉତ୍ପାଦକଙ୍କ ସ୍ଥାୟୀ କ୍ଷମତାକୁ ପ୍ରଭାବିତ କରୁଛି। ତେବେ ଅନେକ ମେଡିକାଲ ବିଶେଷଜ୍ଞ ଏହି ପଦକ୍ଷେପ ଫାର୍ମା ଉଦ୍ୟୋଗ ପାଇଁ କ୍ଷତିକାରକ ହେବ ବୋଲି କହିଛନ୍ତି। ଏବେ ସରକାର ପେନସିଲିନ-ଜି, ଆମୋକ୍ସିଲିନ ପାଇଁ ଏମଆଇପି ଧାର୍ଯ୍ୟ କରିବାକୁ ବିଚାର କରୁଛନ୍ତି। ଆଣ୍ଟିବାୟୋଟିକରେ ପ୍ରସ୍ତୁତ ଏହି କଞ୍ଚାମାଲ ଉପରେ ଏମଆଇପି ଲଗାଇଲେ ଏମଏସଏମଇ ଉପରେ ପ୍ରଭାବ ପଡ଼ିପାରେ। ଏହାଦ୍ୱାରା ୧୦ ହଜାରରୁ ଅଧିକ ଏମଏସଏମଇ ପ୍ରଭାବିତ ହୋଇପାରନ୍ତି। ଅନେକ ସଂସ୍ଥା ବନ୍ଦ ହୋଇପାରେ। ଏହାଦ୍ୱାରା ୨ ଲକ୍ଷ ଲୋକ ନିଯୁକ୍ତି ହରାଇବେ।

### ଠକେଇ ମାମଲାରେ ଆମେରିକା କୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ

# ବାଇଜୁ ରବୀନ୍ଦ୍ରନଙ୍କୁ ୯ ହଜାର କୋଟି ଟଙ୍କା ଜୋରିମାନା




■ ୱାସିଂଟନ, ୨୨।୧୧ (ଏଜେନ୍ସି): ଏଡ୍‌ଟେକ କମ୍ପାନୀ ବାଇଜୁସର ପ୍ରତିଷ୍ଠାତା ବାଇଜୁ ରବୀନ୍ଦ୍ରନଙ୍କୁ ବଡ଼ ଝଟ୍‌କା ଲାଗିଛି। ଆମେରିକାର ବ୍ୟାଙ୍କରପ୍‌ସି କୋର୍ଟ ତାଙ୍କ ଉପରେ ୧ ବିଲିୟନ ଡଲାର ତଥା ୯ ହଜାର କୋଟି ଟଙ୍କାର ଜୋରିମାନା ଲଗାଇଛନ୍ତି। ଋଣ ଭାରରେ ବୁଡ଼ିଥିବା ରବୀନ୍ଦ୍ରନଙ୍କ ପାଇଁ ଏହା ବୋଝ ଉପରେ ଲଳିତା ବିଡ଼ା ସଦୃଶ ହୋଇଛି। ବାଇଜୁସ ଆଲ୍‌ଫା ଏବଂ ଋଣ ଦେଇଥିବା ଆମେରିକା କମ୍ପାନୀ ଗ୍ଲାସ ଟ୍ରଷ୍ଟ ଏଲଏଲସିର ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବାଇଜୁସ ଆଲ୍‌ଫା ଏକ ଆମେରିକୀୟ କମ୍ପାନୀ। ଏହା ଭାରତୀୟ ଏଡଟେକ୍ ବାଇଜୁସର ସହାୟକ। ୨୦୨୧ରେ ଡେଲାୱେୟର (ଆମେରିକା)ରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ବାଇଜୁସ୍ ପାଇଁ ପାଣ୍ଠି ସଂଗ୍ରହ କରିବା ଏହାର ଉଦ୍ଦେଶ୍ୟ ଥିଲା। ସୂଚନା ଅନୁଯାୟୀ ବାଇଜୁ ରବୀନ୍ଦ୍ରନଙ୍କ କମ୍ପାନୀ ବାଇଜୁସ ୨୦୨୧ରେ ଆମେରିକା ବ୍ୟାଙ୍କ ଏବଂ ଲେଣ୍ଡର୍ସଙ୍କ ଏକ ଗ୍ରୁପଠାରୁ ପ୍ରାୟ ୧.୨ ବିଲିୟନ ଡଲାର ଅର୍ଥାତ୍ ୧୧ ହଜାର କୋଟି ଟଙ୍କା ଋଣ ନେଇଥିଲା। ଏହା ବାଇଜୁସର ପରିଚାଳନାରେ ବ୍ୟବହାର କରାଯାଇଥିଲା। ଋଣ ପରିଶୋଧରେ ବିଫଳ ହେବା ପରେ ୨୦୨୪ ଏପ୍ରିଲରେ ବାଇଜୁସ୍ ଆଲ୍‌ଫା ଏହାର ପ୍ରତିଷ୍ଠାତା ରବୀନ୍ଦ୍ରନ, ତାଙ୍କ ପତ୍ନୀ ଦିବ୍ୟା ଗୋକୁଳନାଥ, ଭାଇ ରାଜୁ ଏବଂ ଅନ୍ୟମାନଙ୍କ ଉପରେ ୫୩୩ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୪,୫୦୦ କୋଟି ଟଙ୍କାର ଚୋରି ଓ ଠକେଇ ଅଭିଯୋଗ ଲଗାଇ ମାମଲା ରୁଜୁ କରିଥିଲା। କିଛି ଦିନ ତଳେ କୋର୍ଟ ଏହି ମାମଲାରେ ରାୟ ଦେଇ ୧ ବିଲିୟନ ଡଲାର ଜୋରିମାନା ଲଗାଇଛନ୍ତି।

**ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ**

# କେନ୍ଦ୍ରର ପ୍ରତ୍ୟାଖ୍ୟାନ; ରାଜ୍ୟକୁ ଧକ୍କା

## ଏକାଧିକ କାରଣ ଦର୍ଶାଇ ମିଶ୍ରଣ ପ୍ରସ୍ତାବକୁ ବିରୋଧ କରିଥିଲେ ଶକ୍ତି ସମୀକ୍ଷକ

■ ଭୁବନେଶ୍ୱର, ୨୨।୧୧ (ସମିସ): ଓଡ଼ିଶା କୋଲ ଏଣ୍ଡ ପାୱାର ଲିମିଟେଡ (ଓସିପିଏଲ)କୁ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି) ସହିତ ମିଶ୍ରଣ ନିମନ୍ତେ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ରୋକଠୋକ ଖାରଜ କରି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ମନୋନୀତ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ଓସିପିଏଲକୁ ସୂଚନା ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସରକାରଙ୍କୁ ଘେରିଛନ୍ତି। କେଉଁ ଆଧାରରେ ସରକାର ଦୁଇ ସଂସ୍ଥାକୁ ମିଶ୍ରଣ ପାଇଁ ଯୋଜନା କରିଥିଲେ ଓ କ'ଣ ପାଇଁ କେନ୍ଦ୍ର ଏହାକୁ ଖାରଜ କଲେ ସେ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ଥିବା ବିରୋଧୀ କହିଛନ୍ତି।

ଓସିପିଏଲ-ଓପିଜିସି ମିଶ୍ରଣ ପ୍ରସ୍ତାବ ଉପରେ ଓଡ଼ିଶା ସରକାର ଗତ ଅକ୍ଟୋବର ୮ ତାରିଖରେ ନୀତିଗତ ନିଷ୍ପତ୍ତି ନେବାପରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଏକାନ୍ତ ଆବଶ୍ୟକ ଥିଲା। କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ଅନୁମୋଦନ ହାସଲ କରିବାପାଇଁ ଗତ ନଭେମ୍ବର ୧ ତାରିଖରେ ଓସିପିଏଲ ଏକ ପତ୍ର ମାଧ୍ୟମରେ କେନ୍ଦ୍ର କୋଇଲା ମନ୍ତ୍ରଣାଳୟକୁ ଆବେଦନ କରିଥିଲେ। ଓସିପିଏଲର ଆବେଦନକୁ ବିଚାରକରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟର ନିଜର ବିଚାର ଓ ନିଷ୍ପତ୍ତିକୁ ସ୍ପଷ୍ଟ ଉଲ୍ଲେଖ କରି ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ପ୍ରତ୍ୟାଖାନ କରିଛନ୍ତି।

**ମିଶ୍ରଣ ପାଇଁ ରାଜ୍ୟ ସରକାର ଗତ ମାସରେ ନେଇଥିଲେ ନୀତିଗତ ନିଷ୍ପତ୍ତି**

କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଦ୍ୱାରା ନିଯୁକ୍ତ ମନୋନୀତ କର୍ତ୍ତୃପକ୍ଷ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ମନୋହରପୁର କୋଇଲା ଖଣି ପାଇବା ପାଇଁ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ସହିତ ଓସିପିଏଲ ସମ୍ପାଦନ କରିଥିବା ଆବଣ୍ଟନ ଚୁକ୍ତିନାମାର ଧାରା ୧୩.୨.୧ ଅନୁସାରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହିଁ। ଦ୍ୱିତୀୟରେ ଟାଙ୍ଗରଡିହି ଉତ୍ତର କୋଇଲାଖଣିକୁ ନିଲାମ କରିବା ପାଇଁ କୋଇଲା ମନ୍ତ୍ରଣାଳୟ ପ୍ରକାଶ କରିଥିବା ବିଜ୍ଞପ୍ତି ଦସ୍ତାବିଜର ପାରା ୫.୨.୧.୩ ଅନୁସାରେ ଲକ-ଇନ ଅବଧିରେ ଓସିପିଏଲ-ଓପିଜିସି ମିଶ୍ରଣ ହୋଇପାରିବ ନାହି। ସେହିପରି ଟାଙ୍ଗରଡିହି ଉତ୍ତର କୋଇଲାଖଣି ପାଇବା ପରେ ଓସିପିଏଲ ଓ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମାର ଧାରା ୧୩.୧.୩ ଅନୁସାରେ ସାଂପ୍ରତିକ ପରିସ୍ଥିତିରେ ଉକ୍ତ ମିଶ୍ରଣ ବେଆଇନ। ଅର୍ଥାତ କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଓସିପିଏଲ-ଓପିଜିସି ମିଶ୍ରଣ ପାଇଁ ଓସିପିଏଲର ଆବେଦନକୁ ଅଗ୍ରାହ୍ୟ କରିବା ସହିତ ଓଡ଼ିଶା ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଖାରଜ କରିଦେଇଛନ୍ତି।

ଗତ ଅକ୍ଟୋବର ୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏକ ନୋଟସିଟରେ ଶକ୍ତି ବିଭାଗକୁ ସୂଚିତ କରି ରାଜ୍ୟ ସରକାର ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବାପାଇଁ ନୀତିଗତ ନିଷ୍ପତ୍ତି ନେଇଥିବା ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତି ବିରୁଦ୍ଧରେ ସେତେବେଳେ ପ୍ରବଳ ସ୍ୱର ଉତ୍ତୋଳନ କରିଥିଲେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର। ଶ୍ରୀ ମହାପାତ୍ର କହିଥିଲେ ଯେ ମିଶ୍ରଣ ନିଷ୍ପତ୍ତି ସପକ୍ଷରେ ଓପିଜିସିର ଯୁକ୍ତି ହେଉଛି ଯେ ମିଶ୍ରଣ ହୋଇଗଲେ ଜିଏସଟି କ୍ଷତିପୂରଣ ସେସ୍ ବାବଦକୁ ଟନ ପିଛା ୪୦୦ ଟଙ୍କା ଦେବାକୁ ▶ପୃଷ୍ଠା-୭

**ନୂଆପଡ଼ା ବ୍ୟବଚ୍ଛେଦ**

# ବୁଥ୍‌ୱାରୀ ତଦନ୍ତ କରିବ ଦଳ

■ ଭୁବନେଶ୍ୱର, ୨୨।୧୧ (ସମିସ): ନୂଆପଡ଼ା ଉପ ନିର୍ବାଚନରେ ଶାସକ ବିଜେପି କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମକୁ ବ୍ୟବହାର କରି ଭୋଟ ହାତେଇଛନ୍ତି। ନୂଆପଡ଼ାବାସୀଙ୍କ ଜନାଦେଶ ଗୋଟିଏ ପଟେ ଥିବାବେଳେ ବିଜେପି ବହୁ ଉପାୟରେ ମତ ପରିବର୍ତ୍ତନ କରିବାରେ ସମର୍ଥ ହୋଇଛି। ନିର୍ବାଚନମଣ୍ଡଳୀର ୬୩ଟି ବୁଥରେ ବିଜେପି ଜାଲିଆତି କରିଛି। ଏହି ୬୩ଟି ବୁଥରେ ଦଳ ପକ୍ଷରୁ ତଦନ୍ତ, ତର୍ଜମା କରାଯିବ ବୋଲି ସୂଚନା ଦେଇଛନ୍ତି ବିଜେଡିର ରାଜନୈତିକ ବ୍ୟାପାର କମିଟି ସଦସ୍ୟା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ଶନିବାର ସନ୍ଧ୍ୟାରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର କମିଟି ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ବୈଠକରେ ନୂଆପଡ଼ା ଉପନିର୍ବାଚନ ଫଳାଫଳ ନେଇ ପୁଙ୍ଖନାପୁଙ୍ଖ ଆଲୋଚନା ହୋଇଛି। ଯେପରି ଭାବେ କଳ, ବଳ, କୌଶଳ, ବାହୁବଳ, ଅର୍ଥବଳ ଖର୍ଚ୍ଚ ସହ ଇଭିଏମ୍‌କୁ ଶାସକ ଦଳ ବ୍ୟବହାର କରି ଭୋଟ ହାତେଇଛନ୍ତି, ସେ ନେଇ ଆଲୋଚନା କରାଯାଇଛି। ▶ପୃଷ୍ଠା-୭



**ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ**

**ବିଜେପିର ଜାଲିଆତିକୁ ବରଦାସ୍ତ କରିବନି ବିଜେଡି**

**କୌଶଳ କରି ଭୋଟ ଦେବାରୁ ଲୋକଙ୍କୁ ରୋକାଯାଇଛି**

**ପୁଲିସ ଚାକିରି ବେପାର**

# ପୁଣି ୪ ପରୀକ୍ଷାର୍ଥୀଙ୍କୁ ସିବିଆଇର ଜେରା

■ ଭୁବନେଶ୍ୱର, ୨୨।୧୧ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିବିଆଇ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ୪ଜଣ ପରୀକ୍ଷାର୍ଥୀଙ୍କୁ ଜେରା କରିଛି। ନୋଟିସ ଅନୁଯାୟୀ ଆଶାୟୀମାନେ ସକାଳେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେମାନଙ୍କୁ ସିବିଆଇର ଏକ ସ୍ୱତନ୍ତ୍ର ଟିମ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପଚରାଉଚରା କରିଥିଲା। ତେବେ ଆଗକୁ ସିବିଆଇ କାର୍ଯ୍ୟାଳୟରେ ଏସ୍‌ଆଇ ପରୀକ୍ଷା ବଡ଼ବଡ଼ିଆ ହାଜର ହେବେ। ସେମାନଙ୍କୁ ଜେରା କରିବାକୁ ସିବିଆଇ ଯୋଜନା ପ୍ରସ୍ତୁତ କରୁଛି। ଏମାନଙ୍କ ମଧ୍ୟରୁ କେତେକ ପୁଲିସ ଦ୍ୱାରା ଗିରଫ ହୋଇଥିଲା ବେଳେ କିଛି ଆଶାୟୀ ସିବିଆଇ ତଦନ୍ତରେ ସ୍ୱେଚ୍ଛାକୃତ ▶ପୃଷ୍ଠା-୭

**ଆଗକୁ ବଡ଼ବଡ଼ିଆଙ୍କ ପାଳି!**

**ଖୋର୍ଦ୍ଧା ମେଡିକାଲରୁ ଅପହୃତା ଛାତ୍ରୀ ଉଦ୍ଧାର ଘଟଣାରେ ନୂଆ ମୋଡ଼**

# ଗଣଦୁଷ୍କର୍ମ ପରେ ହସ୍ପିଟାଲରେ ଛାଡ଼ିଦେଲେ !

■ ଖୋର୍ଦ୍ଧା/ବେଗୁନିଆ, ୨୨।୧୧ (ସମିସ): ବାଘମାରୀ ଥାନା ଅଞ୍ଚଳରୁ ନିଖୋଜ କଲେଜ ଛାତ୍ରୀ ଖୋର୍ଦ୍ଧା ମେଡିକାଲରୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର ହେବା ଘଟଣା ନୂଆ ମୋଡ଼ ନେଇଛି। ସଂପୃକ୍ତ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରାଯାଇଥିବା ପରିବାରଲୋକ ସନ୍ଦେହ କରୁଛନ୍ତି। କିଛି ଦୁର୍ବୃତ୍ତ ତାଙ୍କୁ ଅପହରଣ କରିବା ପରେ ଗଣଦୁଷ୍କର୍ମ କରିଥିଲେ। ଏଥିରେ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଚେତାଶୂନ୍ୟ ଅବସ୍ଥାରେ ଛାଡ଼ି ଚାଲିଯାଇଥିଲେ। ଅପରପକ୍ଷେ, ଛାତ୍ରୀଙ୍କ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ପୁଲିସ ତାଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରିଥିବା ଜଣାଯାଇଛି। ଏହାସହ ଏହି ଘଟଣାରେ ପୁଲିସ ଖୋର୍ଦ୍ଧା ମେଡିକାଲରେ କାର୍ଯ୍ୟରତ

**ଖୋର୍ଦ୍ଧା ମେଡିକାଲର ୨ ସୁରକ୍ଷା କର୍ମୀଙ୍କ ସମେତ ୬ ଅଟକ**

**ସିସିଟିଭି ଫୁଟେଜ ଯାଞ୍ଚ, ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ଉ**

ମହିଳା ଓ ପୁରୁଷ ସୁରକ୍ଷାକର୍ମୀଙ୍କ ସମେତ ୬ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ପୁଲିସ ମୁହଁ ଖୋଲୁନାହିଁ। ତେବେ ନାବାଳିକା ଛାତ୍ରୀଙ୍କ ପରିବାର ଅଭିଯୋଗ ଉପରେ ଏକ ମାମଲା ରୁଜୁ କରି ତଦନ୍ତକୁ ଜୋର୍ କରିଥିବା ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ନାବାଳିକାଜଣଙ୍କ ଖୋର୍ଦ୍ଧାର ଏକ କଲେଜରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢ଼ନ୍ତି। ଗତ ୧୮ ତାରିଖ ଦିନ ସେ କଲେଜରୁ ଘରକୁ ଫେରିନଥିଲେ। ପରିବାରଲୋକ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ୧୯ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଦିନ ଝିଅ କଲେଜକୁ ଯିବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ବେଳେ ୪ଜଣ ତାଙ୍କୁ କାରରେ ଜୋରଜବରଦସ୍ତ ନେଇ ଯାଇଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା। ମାତ୍ର ପୁଲିସ ସେମାନଙ୍କ ଅଭିଯୋଗକୁ ହାଲକା ଭାବେ ନେଇଥିବା ▶ପୃଷ୍ଠା-୭

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା !

■ ବ୍ରହ୍ମପୁର, ୨୨।୧୧ (ସମିସ): ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା। ଗଞ୍ଜାମ ଜିଲ୍ଲା ନିମଖଣ୍ଡି ଥାନାରେ ଆଜି ଏପରି ଏକ ଅଭିଯୋଗ ହୋଇଛି। ମୃତକ ହେଲେ, ରାଧାକୃଷ୍ଣ ହରିଜନ ସାହିର ସାଇବାଣୀଙ୍କ ପୁଅ ମିଳନ। ସାଇବାଣୀଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ କେନ୍ଦ୍ରର ପରିଚାଳକ ଓ ସହଯୋଗୀଙ୍କୁ ଥାନାକୁ ଡାକି ପୁଲିସ ପଚରାଉଚରା କରୁଛି।

ସୂଚନାନୁଯାୟୀ, ମିଳନ ଅତ୍ୟଧିକ ନିଶା ସେବନ କରୁଥିବାରୁ ପରିବାର ଲୋକ ଚିନ୍ତାରେ ଥିଲେ। ତାଙ୍କ ନିଶା ଛଡ଼ାଇବା ପାଇଁ ପରିବାରଲୋକ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରରେ ତାଙ୍କୁ ଭର୍ତ୍ତି କରାଇଥିଲେ। ଗତ ୧୬ ତାରିଖରେ ମିଳନ ଉକ୍ତ କେନ୍ଦ୍ରକୁ ଯାଇଥିଲେ। ସେତେବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକଠାକ୍ ଥିଲା। କିନ୍ତୁ, ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୨ଟାରେ ଉକ୍ତ କେନ୍ଦ୍ରର ପରିଚାଳକ ଫୋନ କରି ତାଙ୍କ ପରିବାରଲୋକଙ୍କୁ ଏମ୍‌କେସିଜି ମେଡିକାଲକୁ ଡକାଇଥିଲେ। ମିଳନ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି କହିଥିଲେ। ମାତ୍ର ମେଡିକାଲରେ ପହଞ୍ଚିବା ବେଳକୁ ମିଳନଙ୍କ ମୃତ୍ୟୁ ହୋଇସାରିଥିବା ମା' ସାଇବାଣୀ ଦେଖିବାକୁ ପାଇଥିଲେ। ତାଙ୍କ ହାତ, ଗୋଡ଼ରେ କ୍ଷତ ଚିହ୍ନ ରହିଥିଲା। ତେଣୁ, କେନ୍ଦ୍ରର ପରିଚାଳକ ଓ ତାଙ୍କ ସହଯୋଗୀ ପୁଅକୁ ହତ୍ୟା କରିଛନ୍ତି ବୋଲି ସାଇବାଣୀ ଅଭିଯୋଗରେ ଦର୍ଶାଇଛନ୍ତି।

ପ୍ରକାଶଥାଉ, ୨ମାସ ତଳେ ସଦର ଥାନା ଅନ୍ତର୍ଗତ ଲାଠିରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ରହୁଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ।

## ଚୀନ୍ ନିର୍ମାଣ କରୁଛି ପ୍ରଥମ କୃତ୍ରିମ ଭାସମାନ ଦୀପ



ବେଜିଂ, ୨୨।୧୧(ଏଜେନ୍ସି): ଚୀନ୍ ସବୁବେଳେ ନୂଆ ନୂଆ ଆବିଷ୍କାର ଓ ଉଦ୍ଭାବନ ନେଇ ସାରା ବିଶ୍ୱକୁ ଚକିତ କରିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଚୀନ୍ ଏବେ ଏକ ବିଶାଳ ଭାସମାନ ଦୀପ ନିର୍ମାଣ କରୁଛି। ପରମାଣୁ ଆକ୍ରମଣର ସକ୍‌ୱେଭ୍‌ରୁ ବର୍ତ୍ତି ପାରିବା ଭଳି ଏହି ଦୀପର ଡିଜାଇନ୍ କରାଯାଇଛି। ୭୮ ୦୦୦ ଟନ୍ ଓଜନ, ଅଧା ବୁଡି ପାରୁଥିବା ଏହି ଭ୍ରାମ୍ୟମାଣ ଦୀପ ସମୁଦ୍ରରେ ଦୀର୍ଘ ସମୟ ଧରି ତିଷ୍ଠି ପାରିବ। ଏହି କୃତ୍ରିମ ହ୍ରଦ ଉପରେ ୨୩୮ ଲୋକ ରହିପାରିବେ। ଏହାର ଭିତ୍ତିଭୂମି ଚୀନ୍‌ର ଫୁଜିଆନ ବିମାନ ବାହକ ଜାହଜ ଭଳି ବୃହତ୍। ଏହା ୨୦୨୮ରେ କାର୍ଯ୍ୟକ୍ଷମ ହେବ। ଏହା ୬-୯ ମିଟର ଲମ୍ବ ତରଙ୍ଗ ଓ ବଡ଼ ବଡ଼ ବାତ୍ୟାର ସମ୍ମୁଖୀନ ହେବା ସହ ଅଶାନ୍ତ ସମୁଦ୍ରକୁ ସହ୍ୟ କରିପାରିବ। ଏହାର ଲମ୍ବ ୧୩୮ ମିଟର ହୋଇଥିବା ବେଳେ ଚଉଡା ୮୫ ମିଟର ରହିଛି। ଏହାର ମୁଖ୍ୟ ଡେକର ଉଚ୍ଚତା ୪୫ ମିଟର ରହିଥିବା ବେଳେ ଏହା ପରମାଣୁ ଆକ୍ରମଣକୁ ସହ୍ୟ କରିବାର କ୍ଷମତା ବହନ କରିବ। ଏହା କ୍ୟାଟାଗୋରି-୧୭ ଘୂର୍ଣ୍ଣିବାତ୍ୟାର ସମ୍ମୁଖୀନ ହୋଇପାରିବ। ଏହାକୁ ଚୀନ୍ ବିବାଦୀୟ ଦକ୍ଷିଣ ଚୀନ୍ ସାଗରରେ ନିୟୋଜିତ କରିପାରିବ। ଏହାର ଆକାର, ଗତିଶୀଳତା, ସହନ ଶକ୍ତି କାରଣରୁ ଚୀନ ଏହାକୁ ଯେକୌଣସି ସ୍ଥାନରେ ବ୍ୟବହାର କରିପାରିବ। କିନ୍ତୁ ଚୀନ୍ ଏହାକୁ ଏକ ନାଗରିକ ପରିଯୋଜନା ବୋଲି କହୁଛି। ଯଦି ପରମାଣୁ ଆକ୍ରମଣ ହୁଏ, ତେବେ ଏହା ତିଷ୍ଠି ପାରିବ ଓ ନିଜ କାର୍ଯ୍ୟ ଜାରି ରଖିପାରିବ। ଚୀନ୍‌ର ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ କିପରି କାର୍ଯ୍ୟ କରିବ ତାହା ୨୦୨୮ ପରେ ହିଁ ଜଣାପଡ଼ିବ।

## ଇଣ୍ଡୋନେସିଆରେ ଅଗ୍ନି ଉଦ୍‌ଗୀରଣ

### ଉଦ୍ଧାର ହେଲେ ୧୭୦ ପର୍ବତାରୋହୀ



ଜାକର୍ତ୍ତା, ୨୨।୧୧(ଏଜେନ୍ସି): ଇଣ୍ଡୋନେସିଆର ଜାଭା ଦୀପରେ ଥିବା ସେମେରୁ ଆଗ୍ନେୟଗିରିରେ ଅଗ୍ନିଉଦ୍‌ଗିରଣ ହୋଇଛି। ଫଳରେ ଆକାଶରେ ୬, ୫୦୦ ଫୁଟ୍ ଉଚ୍ଚର ପାଉଁଶର ଏକ ଲମ୍ବା ଧାର ଦେଖିବାକୁ ମିଳିଛି। ଏହି ଆଗ୍ନେୟଗିରିରୁ ଅତ୍ୟନ୍ତ ଉତପ୍ତ ଲାଭା ୨୦ କିମି ପର୍ଯ୍ୟନ୍ତ ପ୍ରବାହିତ ହୋଇଛି। ରାସ୍ତା, ପୋଲ ଓ ଆଖପାଖ ଅଞ୍ଚଳ ପାଉଁଶ ଦ୍ୱାରା ଆଚ୍ଛାଦିତ ହୋଇଛି। ନିକଟବର୍ତ୍ତୀ ଗାଁଗୁଡିକରୁ ଲୋକଙ୍କୁ ଖାଲି କରାଯାଇଛି। ୩ ଗାଁରୁ ପାଖାପାଖି ୧, ୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଆକାଶରେ ଧୂଆଁ ଉଡିବା କାରଣରୁ କେତୋଟି ଗାଁରେ ଦିନରେ ମଧ ଅନ୍ଧାର ଆଚ୍ଛାଦିତ ହୋଇଥିଲା। ସଲଫରର ଗନ୍ଧ ଉତ୍କଟ ସ୍ଥିତି ସୃଷ୍ଟି କରିଥିଲା। ଏପରିକି ଉତପ୍ତ ଲାଭାରେ କିଛି ଲୋକ ଜଳିଯାଇଛନ୍ତି। ପ୍ରତିବର୍ଷ ଇଣ୍ଡୋନେସିଆରେ ୪ରୁ ୫ଟି ଜ୍ୱାଳାମୁଖି ଉଦ୍‌ଗିରଣ ହୋଇଥାଏ। ମାଉଣ୍ଟ ସେମେରୁ ହେଉଛି ଜାଭା ଦୀପର ଉଚ୍ଚତମ ଶୃଙ୍ଗ। ନଭେମ୍ବର ୧୯ରେ ଏଥିରେ ଉଦ୍‌ଗିରଣ ହୋଇଥିଲା। ଫଳରେ ସେଠାକାର ଶିବିରରେ ଥିବା ୧୭୦ରୁ ଊର୍ଦ୍ଧ୍ୱ ପର୍ବତାରୋହୀ ଫସି ରହିଥିଲେ। ସମସ୍ତଙ୍କୁ ଇଣ୍ଡୋନେସିଆର ଅଧିକାରୀମାନେ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଏହା ପୂର୍ବରୁ ୨୦୨୧ ଡିସେମ୍ବରରେ ମାଉଣ୍ଟ ସେମେରୁରେ ବଡ଼ ଧରଣର ବିସ୍ଫୋଟ ହୋଇଥିଲା। ଏହି ବିସ୍ଫୋଟରେ ୫୧ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ହଜାର ହଜାର ଘର ନଷ୍ଟ ହୋଇଥିଲା। ଉଲ୍ଲେଖଥାଉ କି, ଇଣ୍ଡୋନେସିଆ 'ରିଙ୍ଗ ଅଫ୍ ଫାୟାର' ଅଞ୍ଚଳରେ ଅବସ୍ଥିତ। ଏହି କାରଣରୁ ଏଠାରେ ଭୂକମ୍ପ ଓ ଜ୍ୱାଳାମୁଖୀ ବିସ୍ଫୋରଣ ଏକ ସାଧାରଣ କଥା।

## ଧରାବୀରେ ନିଆଁ; ରେଳ ଚଳାଚଳ ବାଧାପ୍ରାପ୍ତ

ମୁମ୍ବଇ, ୨୨।୧୧(ଏଜେନ୍ସି): ମୁମ୍ବଇର ଧରାବୀ ନିକଟସ୍ଥ ରେଳ ଲାଇନ୍ ପାଖରେ ନବରଙ୍ଗ କମ୍ପାଉଣ୍ଡରେ ଶନିବାର ଅପରାହ୍ଣରେ ନିଆଁ ଲାଗିଛି। ଫଳରେ ୱେଷ୍ଟର୍ଣ୍ଣ ରେଳବାଇର ମୁମ୍ବଇ ସେଣ୍ଟ୍ରାଲ ଡିଭିଜନ୍‌ରେ ରେଳ ଚଳାଚଳ ଆଂଶିକ ଭାବେ ବାଧାପ୍ରାପ୍ତ ହୋଇଛି। ବାନ୍ଦ୍ରା ଓ ମାହିମ୍ ମଧ୍ୟରେ ଝୁପି ହାର୍ବର ଲାଇନରେ ଥିବା ଝୁମ୍ପୁଡି ଘରେ ଅଗ୍ନିକାଣ୍ଡ ଘଟିବା ପରେ ଏହି ସମସ୍ୟା ଉପୁଜିଛି। ଅପରାହ୍ଣ ୧୨.୨୫ରେ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା। ଫଳରେ ସୁରକ୍ଷାକୁ ଦୃଷ୍ଟିରେ ରଖି ଅଧିକାରୀମାନେ ଉପରେ ଯାଇଥିବା ଇଲେକଟ୍ରିକ୍ ଯୋଗାଣକୁ ବନ୍ଦ କରିଥିଲେ। ଅଗ୍ନିକାଣ୍ଡଠାରୁ ରେଳ ଚଳାଚଳ ନିରାପଦ ଦୂରରେ ଥିବାରୁ ଟ୍ରେନ୍ ଓ ଯାତ୍ରୀଙ୍କର କୌଣସି କ୍ଷତି ହୋଇନାହିଁ ବୋଲି ଅଧିକାରୀମାନେ କହିଛନ୍ତି। ଘଟଣାସ୍ଥଳରେ ଦମକଳ ବାହିନୀ ଓ ରେଳବାଇ କର୍ମଚାରୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ ଜାରି ରଖିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ଅପରାହ୍ଣ ୨ଟାରେ ଟ୍ରେନ୍ ଚଳାଚଳ ପୁଣି ଆରମ୍ଭ ହୋଇଥିଲା। ତେବେ ଟ୍ରେନ୍‌ର ଗତିକୁ ଘଣ୍ଟା ପ୍ରତି ୪୫ କିମିରେ ସୀମିତ ରଖାଯାଇଥିଲା।

## ଉତ୍ତରାଖଣ୍ଡରେ ହ୍ରଦ ପାଲଟିଲା ବରଫ

ନୂଆଦିଲ୍ଲୀ, ୨୨।୧୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତର ଲହରି କାରଣରୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ହିମାଳୟ କ୍ଷେତ୍ରରେ ଥିବା ରାଜ୍ୟମାନଙ୍କରେ ତୁଷାରପାତ ଆରମ୍ଭ ହୋଇଛି। ସମତଳ ଅଞ୍ଚଳରେ ଖାସ୍ କରି ମଧ୍ୟପ୍ରଦେଶରେ ମଧ ପ୍ରବଳ ଶୀତର ପ୍ରଭାବ ଦେଖିବାକୁ ମିଳିଛି। ଫଳରେ ଗତ ଦୁଇଦିନ ମଧ୍ୟରେ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଭୋପାଳ, ଇନ୍ଦୋର ସମେତ ୭ଟି ଜିଲ୍ଲାରେ ଶୀତ ଲହରି ଖେଳିଯାଇଛି। ସେପଟେ ଉତ୍ତରାଖଣ୍ଡର ଚାମୋଲି ସ୍ଥିତ ବଦ୍ରିନାଥ ଧାମରେ ଏବର୍ଷ ଗୁରୁବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ଫଳରେ ପୂରା ମନ୍ଦିର ପରିସର ବରଫର ଧଳା ଚାଦରରେ ଛାଇ ହୋଇଯାଇଛି। ଏଠାରେ ତାପମାତ୍ର ୬ ଡିଗ୍ରୀ ସେଲ୍‌ସିୟସ୍‌ରେ ପହଞ୍ଚିଛି। ସେହିପରି ଉତ୍ତରାଖଣ୍ଡରେ ହ୍ରଦ ପୂରା ବରଫ ପାଲଟିଯାଇଛି। ଚମୋଲି ଜିଲ୍ଲାର ଶେଷନେତ୍ର ହ୍ରଦ ଜମିଯାଇଛି। ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ତାପମାତ୍ରାରେ ହ୍ରାସ ହେବ ନାହିଁ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।

## ଡ୍ରାଇଭରଙ୍କୁ ହୃଦ୍‌ଘାତ: ୪-୫ ବାଇକ୍ ଉପରେ ଚଢ଼ିଗଲା କାର୍; ୪ ମୃତ

ଥାଣେ, ୨୨।୧୧(ଏଜେନ୍ସି): ମହାରାଷ୍ଟ୍ରର ଥାଣେ ଜିଲ୍ଲାରେ ଅମ୍ବରନାଥ ସହରରେ ଶୁକ୍ରବାର ସନ୍ଧ୍ୟା ୬.୪୨ରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଜଣେ ଡ୍ରାଇଭର ହୃଦ୍‌ଘାତ୍‌ର ସମ୍ମୁଖୀନ ହେବା ଫଳରେ ନିୟନ୍ତ୍ରଣ ହରାଇ ଏକ ଟାଟା ନେକ୍ସନ କାର୍ ସାମ୍ନାପଟୁ ଆସୁଥିବା ବାହାନଗୁଡିକୁ ଧକ୍କ ଦେବା ପଲଟି ଯାଇଥିଲା। କାର୍‌ଟି ୪-୫ ବାଇକ୍‌କୁ ଧକ୍କା ଦେଇଥିଲା। ସହରର ଫ୍ଲାଏଓଭର ଉପରେ ହିଁ ଏହି ଦୁର୍ଘଟଣା ଘଟିଛି ଓ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏଥିରେ ୪ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। କାର ଏତେ ଜୋରରେ ଧକ୍କା ଦେଇଥିଲା ଯେ, ବାଇକ୍ ଚଢ଼ିଥିବା ଜଣେ ଲୋକ ଫ୍ଲାଏ ଓଭର ଉପରୁ ଉପରକୁ ଉଠି ତଳେ ଖସି ପଡ଼ିଥିଲେ। ସମ୍ପୂର୍ଣ୍ଣ ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଦୁର୍ଘଟଣା ପରେ ଫ୍ଲାଏଓଭର ଓ ସଡ଼କର ଦୁଇପଟେ ଲୋକଙ୍କ ଭିଡ଼ ଜମା ହୋଇଥିଲା। ଏହାପରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ଆହତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣା କାରଣ ନେଇ ଯାଞ୍ଚ ଆରମ୍ଭ କରିଛି। ମୃତକ ଓ ଆହତଙ୍କ ପରିଚୟ ପାଇବାକୁ ପୁଲିସ ପ୍ରୟାସ ଜାରି ରଖିଛି।

# ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ-ମମ୍‌ଦାନୀ ଭେଟଘାଟ

ୱାଶିଂଟନ, ୨୨।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ନ୍ୟୁୟର୍କ ସିଟିର ନବନିର୍ବାଚିତ ମେୟର ଜୋହରାନ ମମ୍‌ଦାନୀ ଶୁକ୍ରବାର ହ୍ୱାଇଟ୍ ହାଉସ୍‌ରେ ପ୍ରଥମଥର ପାଇଁ ପରସ୍ପରକୁ ସାକ୍ଷାତ କରିଛନ୍ତି। ଦୁଇ ନେତାଙ୍କ ମଧ୍ୟରେ ଏହି ସାକ୍ଷାତ ଆଲୋଚନା ଆମେରିକା ରାଜନୀତିରେ ଚର୍ଚ୍ଚାର କେନ୍ଦ୍ର ହୋଇଛି। କାରଣ ମେୟର ନିର୍ବାଚନ ବେଳେ ଦୁଇ ନେତା ପରସ୍ପରକୁ ଅତି କଡ଼ା ଭାଷାରେ ସମାଲୋଚନା କରିଥିଲେ। ଏପରିକି ପରସ୍ପର ବିରୋଧରେ ବିଷୋଦଗାର କରିବାକୁ ପଛାଇ ନଥିଲେ। ନିର୍ବାଚନ ପରେ ଏହି ଦୁଇ ନେତା ହ୍ୱାଇଟ୍ ହାଉସରେ ଏକାଠି ହୋଇ ସାକ୍ଷାତ ଆଲୋଚନା କରିବା ଏବଂ ଆଲୋଚନା ବେଳେ ପରିବେଶ ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବା ଘଟଣା ଦେଶବାସୀଙ୍କୁ ଆଶ୍ୱସ୍ତ କରିଛି।

■ ନିର୍ବାଚନ ବେଳେ ବିଷୋଦଗାର
■ ଏବେ ଏକାଠି ହେଲେ
■ ଭାରତରେ କେବେ? : ଥରୁର

ସାକ୍ଷାତ ଆଲୋଚନା ପରେ ଉଭୟ ଟ୍ରମ୍ପ ଏବଂ ମମଦାନୀ ଗଣମାଧ୍ୟର ସାମନା ମଧ କରିଛନ୍ତି। ସେମାନଙ୍କ ମଧ୍ୟରେ ଆଲୋଚନା ଫଳପ୍ରଦ ରହିଥିବା ଦୁଇ ନେତା କହିଛନ୍ତି। ତେବେ ଜଣେ ସମ୍ବାଦିକ ମମ୍‌ଦାନୀଙ୍କୁ ଏମିତି ଏକ ପ୍ରଶ୍ନ ପଚାରିଥିଲେ, ଯାହାକି ଟିକିଏ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। କିନ୍ତୁ ଟ୍ରମ୍ପ ଏହାର ଏମିତି ଉତ୍ତର ଦେଲେ ଯେ ଗଣମାଧମ ପ୍ରତିନିଧି ଆଚମ୍ବିତ ହୋଇପଡ଼ିଥିଲେ। ମମଦାନୀଙ୍କୁ ସାମ୍ବାଦିକଙ୍କ ପ୍ରଶ୍ନ ଥିଲା-ଆପଣ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ନେତା ବୋଲି ବିବେଚନା କରୁଛନ୍ତି କି? ମମଦାନୀଙ୍କୁ ସୁରକ୍ଷା ଦେବାକୁ ଯାଇ ଟ୍ରମ୍ପ ମମଦାନୀଙ୍କୁ କହିଥିଲେ ଯେ, ହଁ କହିଦିଅ, ମତେ କିଛି ଫରକ ପଡ଼ିବ ନାହିଁ। ସୂଚନାଯୋଗ୍ୟ ଯେ ନ୍ୟୁୟର୍କ ମେୟର ନିର୍ବାଚନ ସମୟରେ ଟ୍ରମ୍ପ ମମ୍‌ଦାନୀଙ୍କୁ କମ୍ୟୁନିଷ୍ଟ ପାଗଳ ଓ ଜିହାଦୀ ବୋଲି କହିଥିଲେ। ସେହିପରି ମମ୍‌ଦାନୀ ଟ୍ରମ୍ପଙ୍କୁ ଏକଛତ୍ରବାଦୀ ଓ ଫାସିଷ୍ଟ ବୋଲି କହିଥିଲେ। ତେବେ ବର୍ତ୍ତମାନ ମମ୍‌ଦାନୀଙ୍କୁ ମୁଁ ଜିହାଦୀ ବୋଲି ମାନୁନାହିଁ ବୋଲି ଟ୍ରମ୍ପ କହିଥିଲେ। ନ୍ୟୁୟର୍କ ପୁଣି ସୁନ୍ଦର ହେବା ଆବଶ୍ୟକ। ତେଣୁ ନ୍ୟୁୟର୍କକୁ ପୁଣି ସୁନ୍ଦର କରିବା ସହ ଏହାର ବିକାଶ କରିବା ଦିଗରେ ମମ୍‌ଦାନୀ କାର୍ଯ୍ୟ କଲେ ଅଧିକ ଖୁସି ହେବି ବୋଲି ଟ୍ରମ୍ପ କହିଥିଲେ। ସେହିପରି ଟ୍ରମ୍ପଙ୍କ ସହ ସାକ୍ଷାତକୁ ବହୁତ ଫଳପ୍ରଦ ବୋଲି ମମ୍‌ଦାନୀ କହିଛନ୍ତି।

ଟ୍ରମ୍ପ ଓ ମମ୍‌ଦାନୀଙ୍କ ସାକ୍ଷାତକୁ କଂଗ୍ରେସ ସାଂସଦ ଶଶୀ ଥରୁର ପ୍ରଶଂସା କରିଛନ୍ତି। ସେ ମଧ ଏହାର ଭିଡିଓ ସେୟାର କରିଛନ୍ତି। ଗଣତନ୍ତ୍ରରେ ଏହି ଭଳି କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି। ନିର୍ବାଚନରେ ନିଜର ବିଚାରଧାରା ସହ ପୂରା ଶକ୍ତି ଓ ସାମର୍ଥ୍ୟ ଖଟାଇ ଲଢ଼ିବା ଉଚିତ। କିନ୍ତୁ ନିର୍ବାଚନ ସରିଲେ ଦେଶହିତ ପାଇଁ ସାଥୀ ହୋଇ କାର୍ଯ୍ୟ କରିବା ଉଚିତ। ଭାରତରେ ମଧ ଏଭଳି ପରିବେଶ ସୃଷ୍ଟି ହେଉ ବୋଲି ଥରୁର କହିଛନ୍ତି। ଥରୁରଙ୍କ ଏହି ମନ୍ତବ୍ୟକୁ ବିଜେପି ପ୍ରଶଂସା କରିଛି।



## ଆତଙ୍କବାଦ-ନିଶା ଚାଲାଣ ମେଣ୍ଟ ଭଙ୍ଗାଯାଉ

ଜୋହାନ୍ସବର୍ଗ, ୨୨।୧୧ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି-୨୦ ସମ୍ମିଳନୀରେ ଯୋଗଦେଇ ବିଶ୍ୱ ସମ୍ମୁଖୀନ ହେଉଥିବା ଆହ୍ୱାନର



ମୁକାବିଲା ପାଇଁ ଭାରତର ଆଭିମୁଖ୍ୟ ରଖିଛନ୍ତି।। ଆତଙ୍କବାଦ ଓ ନିଶା କାରବାର ବିରୋଧେରେ ବିଶ୍ୱ ଏକାଠି ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ସାରା ବିଶ୍ୱରେ ସିନ୍ଥେଟିକ୍ ଡ୍ରଗ୍ସ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଏହା କେବଳ ସ୍ୱାସ୍ଥ୍ୟ ପାଇଁ ବିପଦ ନୁହେଁ, ସାମାଜିକ ସ୍ଥିରତା ଓ ସୁରକ୍ଷା ପ୍ରତି ସବୁଠାରୁ ବଡ଼ ବିପଦ। ଏଭଳି ନିଶା କାରବାର ବିଶ୍ୱରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବାରେ ସହାୟକ ହେଉଛି। ନିଶା କାରବାର ଏବଂ ଆତଙ୍କବାଦର ଏହି ନେଟୱାର୍କକୁ ଧ୍ୱଂସ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଆଉ ତିନିଟି ନୂଆ ପ୍ରସ୍ତାବ ଦେଇଛନ୍ତି। ଏଥିରେ ଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ପ୍ରସ୍ତାବ ରହିଛି। ଏହା ସାମୂହିକ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଲକ୍ଷ୍ୟ ହାସଲରେ ସହାୟକ ହେବ ବୋଲି ମୋଦୀ କହିଛନ୍ତି।

ଏହି ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚୀନ୍

■ ଜି-୨୦ ସମ୍ମିଳନୀରେ ମୋଦୀ ଦେଲେ ପ୍ରସ୍ତାବ

ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ ସାମିଲ ହୋଇନାହାନ୍ତି। ଜିନପିଙ୍ଗ ଅସୁସ୍ଥତା କାରଣରୁ ଆସିପାରିନଥିବା ବେଳେ ପୁଟିନ ଗିରଫ ଭୟରେ ଆସି ନାହାନ୍ତି। ସେହିପରି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ସମ୍ମିଳନୀକୁ ବର୍ଜନ କରିଛନ୍ତି। ଆସନ୍ତା ବର୍ଷ ପାଇଁ ଆମେରିକାକୁ ଜି-୨୦ର ଅଧ୍ୟକ୍ଷତା ମିଳିବାର ଥିଲା। କିନ୍ତୁ ଆମେରିକାର କୌଣସି ପ୍ରତିନିଧି ଆଜି ଏଥିରେ ସାମିଲ ହୋଇ ନାହାନ୍ତି। ତେଣୁ ଆୟୋଜକ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ରାମଫୋସା 'ଖାଲି ଚୌକି'କୁ ଅଧ୍ୟକ୍ଷତା ପ୍ରଦାନ କରିବେ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଅନୁପସ୍ଥିତି ସତ୍ତ୍ୱେ ଅନ୍ୟ ଦେଶ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତ କରିଥିବା ଘୋଷଣାପତ୍ରକୁ ମଞ୍ଜୁରି ଦେଇଛନ୍ତି।

## ୨୧୫ ଛାତ୍ରଙ୍କୁ ଅପହରଣ

ଅବୁଜା, ୨୨।୧୧(ଏଜେନ୍ସି): ନାଇଜେରିଆ ସ୍କୁଲ୍‌ରେ ପୁଣି ଏକ ଅପହରଣ କାଣ୍ଡ ଘଟିଛି। ଏକ କ୍ୟାଥେଲିକ୍ ବୋର୍ଡିଂ ସ୍କୁଲ୍‌ରେ କେତେଜଣ ଅଜଣା ବନ୍ଧୁକଧାରୀ



ଲୋକ ୨୨୦ରୁ ଊର୍ଦ୍ଧ୍ୱ ଛାତ୍ରଙ୍କୁ ଅପହରଣ କରିଛନ୍ତି। ଖ୍ରୀଷ୍ଟିଆନ୍ ଆସୋସିଏସନ ଅଫ୍ ନାଇଜେରିଆ (ସିଏଏନ୍) ତରଫରୁ କୁହାଯାଇଛି ଯେ, ସ୍କୁଲ୍‌ରୁ ୨୨୭ ଜଣ ଲୋକଙ୍କୁ ଅପହରଣ କରାଯାଇଛି। ଏମାନଙ୍କ ମଧରେ ୨୧୫ ଜଣ ଛାତ୍ର ଓ ୧୨ ଜଣ ଶିକ୍ଷକ ସାମିଲ ରହିଛନ୍ତି। ବନ୍ଧୁକଧାରୀମାନେ ସ୍କୁଲ୍‌ରେ ଧସେଇ ପସିବା ସହ ଛାତ୍ର, ଶିକ୍ଷକ ଓ ଜଣେ ସୁରକ୍ଷାକର୍ମୀଙ୍କୁ ଉଠାଇ ନେଇଥିଲେ। ସୁରକ୍ଷାକର୍ମୀଙ୍କୁ ସେମାନେ ଗୁଳି ମଧ ମାରିଥିଲେ। କିଛି ଛାତ୍ର ଦୌଡ଼ି ପଳାଇବା ସହ ନିଜକୁ ବଞ୍ଚାଇବାକୁ ସକ୍ଷମ ହୋଇଥିଲେ। ଏବେ ଏହି ସ୍କୁଲ୍‌କୁ ବନ୍ଦ କରାଯାଇଛି। ପିତାମାତା ନିଜ ପିଲାଙ୍କୁ ଘରକୁ ନେବା ପାଇଁ ସ୍କୁଲ୍‌ରେ ପହଞ୍ଚିଛନ୍ତି। ଶୁକ୍ରବାର ସକାଳେ ନାଇଜର ରାଜ୍ୟର ଅଗୱାରା ଜିଲ୍ଲାରେ ପାପରି କମ୍ୟୁନିଟିସ୍ଥିତ ସେଣ୍ଟ ମେରୀ ସ୍କୁଲରେ ଏହି ଘଟଣା ଘଟିଥିଲା। ଭୋରରୁ ଏହି ଘଟଣା ଘଟିଥିଲା ବୋଲି ପୁଲିସ କହିଛି। ନିଜ ପିଲାଙ୍କୁ ଖୋଜି ପାଉ ନଥିବାରୁ ପିତାମାତା ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହାର କିଛିଦିନ ପୂର୍ବରୁ ନାଇଜେରିଆର ଉତ୍ତର ପଶ୍ଚିମ ରାଜ୍ୟର କେବି ଜିଲ୍ଲାରେ ଏକ ସେକେଣ୍ଡାରୀ ସ୍କୁଲ୍‌ରେ ପଶି ୨୫ ଜଣ ଛାତ୍ରୀଙ୍କୁ ଅପହରଣ କରିଥିଲେ। ଏମାନଙ୍କ ମଧ୍ୟରୁ ଜଣେ ଖସିଆସିଥିବା ବେଳେ ବାକି ୨୪ଜଣ ଛାତ୍ର ଏବେ ମଧ ନିଖୋଜ ଅଛନ୍ତି।

## ପାକିସ୍ତାନ ଦେଇ ଆସୁଛି ଚୀନ-ତୁର୍କୀ ନିର୍ମିତ ଅସ୍ତ୍ରଶସ୍ତ୍ର


ନୂଆଦିଲ୍ଲୀ, ୨୨।୧୧ (ଏଜେନ୍ସି): ଦିଲ୍ଲୀ ପୁଲିସ ଶନିବାର ଏକ ବଡ଼ଧରଣର ବେଆଇନ ଅସ୍ତ୍ରଶସ୍ତ୍ର କାରବାର କରୁଥିବା ଅନ୍ତର୍ଜାତୀୟ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି। ଏହି ନେଟୱାର୍କରେ ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ଆଇଏସଆଇ ସାମିଲ ରହିଛି। ଚୀନ୍, ତୁର୍କୀରୁ ଅସ୍ତ୍ରଶସ୍ତ୍ର ଅଣଯାଇ ପାକିସ୍ତାନରୁ ଭାରତ ପଠା ଯାଉଥିଲା। ଏଥିପାଇଁ ଡ୍ରୋନ ବ୍ୟବହାର କରାଯାଉଥିଲା। ଏହି ମାମଲାରେ ଦିଲ୍ଲୀ ପୁଲିସ ଚାରି ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ପଞ୍ଜାବର ୱାଣ୍ଟେଡ ଅପରାଧୀ ମନଦୀପ ସାମିଲ ରହିଛି। ଉତ୍ତର ପ୍ରଦେଶର ତାର ଦୁଇ ସହଯୋଗୀ ରୋହନ ଏବଂ ମନୁକୁ ମଧ ଧରାଯାଇଛି। ପୁଲିସ ୧୦ ମହଙ୍ଗା ବିଦେଶୀ ପିସ୍ତଲ ଏବଂ ୯୨ ଜୀବନ କ୍ୟାଟ୍ରିଜ ଜବତ କରିଛି। ସୋନୁ ଖତ୍ରି ଗ୍ୟାଙ୍ଗ ସହ ସାମିଲ ମନଦୀପ ବିରୋଧରେ ହତ୍ୟା ସହିତ ଅନେକ ମାମଲା ରହିଛି। ତଦନ୍ତରୁ ଜଣାପଡ଼ିଛି ଯେ ପାକିସ୍ତାନରୁ ଡ୍ରୋନ ମାଧ୍ୟମରେ ଭାରତକୁ ଅସ୍ତ୍ରଶସ୍ତ୍ର ଅଣଯାଇ ଥିଲା। ଏହା ଜଣା ନ ପଡ଼ିବା ଲାଗି କାର୍ବନ ପେପର ବ୍ୟବହାର କରାଯାଉଥିଲା। ପରେ ଏହାକୁ ଦିଲ୍ଲୀ ଏବଂ ଅନ୍ୟ ସ୍ଥାନକୁ ପଠା ଯାଉଥିଲା। ଏହା ଅପରାଧୀଙ୍କୁ ଯୋଗା ଯାଉଥିଲା। ଏବେ ଭାରତକୁ କେତେ ଅସ୍ତ୍ରଶସ୍ତ୍ର ଆସିଛି ଏବଂ କାହାକୁ ବିକାଯାଇଛି ତାହା ଜାଣିବା ପାଇଁ ଦିଲ୍ଲୀ ପୁଲିସ ପ୍ରୟାସ କରୁଛି। ଜନପ୍ରୀତ ଓରଫ ଜସା ଏହି ନେଟୱାର୍କର ମୁଖ୍ୟ କାର୍ପଟଦାର ବୋଲି କୁହାଯାଉଛି। ସେ ଆମେରିକାରେ ରହି ପାକିସ୍ତାନୀ ଚୋରାଚାଲାଣକାରୀଙ୍କ ମାଧ୍ୟମରେ ଏହି ନେଟୱାର୍କ ଚଳାଉ ଥିଲା।

■ ପଞ୍ଜାବ ଗ୍ୟାଙ୍ଗର ପର୍ଦ୍ଦାଫାସ୍

## ଏଟିଏମ୍ ଭ୍ୟାନରୁ ୭ କୋଟି ଲୁଟ୍‌ରେ ପୁଲିସ

ବେଙ୍ଗାଲୁରୁ, ୨୨।୧୧(ଏଜେନ୍ସି): କିଛିଦିନ ତଳେ ବେଙ୍ଗାଲୁରୁରେ ଏଟିଏମ୍ ଭ୍ୟାନ୍‌ରୁ ୭.୧୧ କୋଟି ଟଙ୍କା ଲୁଟ୍ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏବେ ପୁଲିସ ଏହି ମାମଲାର ପର୍ଦ୍ଦାଫାସ୍ କରିଛି। ପୁଲିସ ଜଣେ କାର୍ଯ୍ୟରତ କନଷ୍ଟେବଲଙ୍କ ସହିତ କମ୍ପାନୀ ପୂର୍ବତନ କର୍ମଚାରୀଙ୍କ ସହ ମୋଟ୍ ୩ ଜଣଙ୍କୁ ଗିରଫ କରିଛି। ଏମାନଙ୍କଠାରୁ ୫.୭୬ କୋଟିର ନଗଦ ଟଙ୍କା ଜବତ କରାଯାଇଛି। କମ୍ପାନୀର ଜଣେ ପୂର୍ବତନ କର୍ମଚାରୀ ଭ୍ୟାନର ଇନଚାର୍ଜ ତଥା ଗୋବିନ୍ଦପୁର ପୁଲିସ ଥାନାରେ ନିୟୋଜିତ କନଷ୍ଟେବଲଙ୍କ ସହ ସାଥି ହୋଇ ଲୁଟ୍ ଷଡଯନ୍ତ୍ର ରଚିଥିଲେ। ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ପୁଲିସ କମିଶନର ସିମନ୍ତ କୁମାର ସିଂ କହିଛନ୍ତି। ୭.୧୧ରୁ ଏମାନଙ୍କଠାରୁ ୫.୭୬ କୋଟି ଟଙ୍କା ଜବତ କରାଯାଇଛି ବୋଲି ସେ କହିଛନ୍ତି। ଏମାନେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଓ ଆୟକର ଅଧିକାରୀ ଭାବେ ନିଜର ପରିଚୟ ଦେଇ ଲୁଟ୍ କରିଥିଲେ। ଗତ ବୁଧବାର ଦ୍ୱିପହର ପାଖାପାଖି ୧୨ଟା ବେଳେ ଦକ୍ଷିଣ ବେଙ୍ଗାଲୁରୁର ଏକ ବ୍ୟସ୍ତବହୁଳ ଫ୍ଲାଏ ଓଭର ବ୍ରିଜ୍‌ରେ ହିଁ ଏହି କାଣ୍ଡ ଘଟାଯାଇଥିଲା। ସିଏମ୍‌ଏସ୍ ଇନଫୋ ସିଷ୍ଟମ ନାମକ ଏକ କମ୍ପାନୀର ଏହି କ୍ୟାଶ ଭ୍ୟାନକୁ ଜେପି ନଗରର ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୨୨ କିମି ଦୂରରେ ଥିବା ଏସ୍‌ବିଆର ଲେଟ୍‌ଆଉଟ୍‌କୁ ନିଆଯାଉଥିବା ବେଳେ ଏହି କାଣ୍ଡ ଘଟିଥିଲା। ଏହି ମାମଲାରେ ୧୧ ଟିମ୍‌ରେ ୨୦୦ ପୁଲିସକର୍ମୀ ଅପରାଧୀଙ୍କୁ ଖୋଜୁଥିଲେ।

# ଶେଷରେ ମୁହଁ ଖୋଲିଲେ ଜଗଦୀପ ଧନଖଡ଼



ଭୋପାଳ, ୨୨।୧୧ (ଏଜେନ୍ସି): ଅଚାନକ ନିଜ ପଦରୁ ଇସ୍ତଫା ଦେଇଥିବା ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ଦୀର୍ଘ ଦିନ ପରେ ମୁହଁ ଖୋଲିଛନ୍ତି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡ. ମନମୋହନ ବୈଦ୍ୟଙ୍କ ପୁସ୍ତକ 'ହମ୍ ଔର ୟହ ବିଶ୍ୱ' ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇ 'ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ' ବୋଲି କହିଛନ୍ତି। ଗତକାଲି ସନ୍ଧ୍ୟାରେ ସେ ଦେଇଥିବା ଏଭଳି ଟିପ୍ପଣୀକୁ ନେଇ ରାଜନୀତି ସରଗରମ ହୋଇ ଉଠିଛି। ଇସ୍ତଫାର କାରଣ ପଚାରିବାରୁ ସେ ଏଭଳି ମନ୍ତବ୍ୟ କାହିଁକି ଓ କାହା ଉଦ୍ଦେଶ୍ୟରେ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଲାଣି।

ଧନଖଡ଼ କହିଥିଲେ ଯେ 'ଭଗବାନ କୃପାରୁ କେହି ଅପପ୍ରଚାରର ଶିକାର ହୋଇ ନ ଫସନ୍ତୁ। ଯିଏ କିଛି ବୁଝିବାକୁ ଚାହେଁ ନାହିଁ, ଯେତେ ବୁଝାଇଲେ ବି ସେ ଅର୍ଥକୁ ଅନର୍ଥ କରିବ। ଯିଏ ଶୋଇ ରହିଛି ତାକୁ ନିଦରୁ ଉଠାଇ ହେବ, କିନ୍ତୁ ଯିଏ ଚେଇଁ କି ଶୋଇଛି ତାକୁ କେହି ଉଠାଇ ପାରିବେ ନାହିଁ।' ତେବେ କାର୍ଯ୍ୟକ୍ରମ ଶେଷରେ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେବାର କାରଣ ପଚାରିବାରୁ ସେ ହାତ ଯୋଡ଼ି ଦେଇଥିଲେ। ଧନଖଡ଼ କିଛି ନ କହି ଗାଡ଼ିରେ ବସି ଚାଲି ଯାଇଥିଲେ।

ସମ୍ବୋଧନରେ ପୂର୍ବତନ ଉପ-ରାଷ୍ଟ୍ରପତି କହିଥିଲେ ଯେ ବହୁତ ବିଚାରବିମର୍ଶ ପରେ ଏବେ ଇଂରାଜୀରେ ସମ୍ବୋଧନ କରିବାକୁ ନିଷ୍ପତ୍ତି ନେଇଛି। କାରଣ ଯିଏ ବୁଝିବାକୁ ଚାହେଁ ନାହିଁ, ସେ କଥାର ଭୁଲ୍ ଅର୍ଥ ବାହାର କରିବା ନିଶ୍ଚିତ। ରାଷ୍ଟ୍ରର

**ଇସ୍ତଫା କାରଣ ପଚାରିବାରୁ ହାତ ଯୋଡ଼ିଦେଲେ**

ବ୍ୟାପକ ଅବଧାରଣାକୁ ସୀମିତ କରିଦିଆଯାଇଛି। ବ୍ୟକ୍ତି ଏକାକୀ ଲଢ଼ିପାରିବ ନାହିଁ, କିନ୍ତୁ ସଂସ୍ଥା ଲଢ଼ି ପାରିବ। ଯିଏ ଚେଇଁ କି ଶୋଇଛି ବଳ ପ୍ରୟୋଗ କଲେ ବି ସେ ଉଠି ପାରିବ ନାହିଁ। ଏହି ସମ୍ବୋଧନ ସମୟରେ ଜଣେ ସହଯୋଗୀ ବିମାନ ସମୟ ହୋଇଗଲାଣି କହିବାରୁ ଧନଖଡ଼ କହିଥିଲେ ଯେ ବିମାନ ପାଇଁ ମୁଁ କର୍ତ୍ତବ୍ୟକୁ ଛାଡ଼ିପାରିବି ନାହିଁ। କିଛି ଲୋକ ବଡ଼ ହଇଚଇ ସ୍ଥିତି ସୃଷ୍ଟି କରିଛନ୍ତି। ଆହ୍ୱାନ ମଧ୍ୟରେ ନିଜକୁ ମଜଭୁତ ରଖ। ଦେଶଭକ୍ତି ସବୁଠୁ ଜରୁରୀ। ଦେଶ ପ୍ରତି ନିଜ କର୍ତ୍ତବ୍ୟକୁ ଜାଣ ଏବଂ ଦେଶହିତରେ କାମ କର। ଏହା ହିଁ ଦେଶଭକ୍ତି। କୌଣସି କଥାକୁ ନ ବୁଝି ତାହାର ଅପପ୍ରଚାରରେ ସାମିଲ ହୁଅ ନାହିଁ। ପ୍ରଥମେ କଥାକୁ ଭଲ ଭାବେ ବୁଝ।

ସୂଚନାଯୋଗ୍ୟ, ନିଜ କାର୍ଯ୍ୟକାଳ ସରିବା ପୂର୍ବରୁ ଗତ ଜୁଲାଇ ୨୧ରେ ଧନଖଡ଼ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେତେବେଳେ ଅନେକ ଚର୍ଚ୍ଚା ହୋଇଥିଲା। ସରକାରଙ୍କ ସହ ବିବାଦ କାରଣରୁ ତାଙ୍କୁ ଇସ୍ତଫା ଦେବାକୁ ପଡ଼ିଥିବା କୁହାଯାଇଥିଲା। ତେବେ ସେ ଇସ୍ତଫାର କାରଣରେ ସ୍ୱାସ୍ଥ୍ୟ ସମସ୍ୟା ବୋଲି ଉଲ୍ଲେଖ କରିଥିଲେ।

ଅନ୍ୟପଟେ ବିମାନବନ୍ଦରରେ ଧନଖଡ଼ଙ୍କୁ ଉପଯୁକ୍ତ ସମ୍ମାନ ଦେଇ ନ ଥିବାରୁ ଏହି କାର୍ଯ୍ୟକ୍ରମରେ ସାମିଲ ଦିଗବିଜୟ ସିଂହ ବିଜେପି ସରକାରଙ୍କୁ ନିନ୍ଦା କରିଛନ୍ତି। 'ବ୍ୟବହାର କର ଏବଂ ଫୋପାଡ଼' ବିଜେପିର ନୀତି ବୋଲି ଦିଗବିଜୟ କହିଛନ୍ତି।

## ଏସ୍‌ଆଇଆର୍ ଚାପ : ପଶ୍ଚିମବଙ୍ଗରେ ଆଉ ଜଣେ ବିଏଲ୍‌ଓ ମୃତ

କୋଲକାତା, ୨୨।୧୧(ଏଜେନ୍ସି): ସ୍ପେଶାଲ ଇନଟେନସିଭ ରିଭିଜନ (ଏସ୍‌ଆଇଆର୍) ଚାପ କାରଣରୁ ପଶ୍ଚିମବଙ୍ଗରେ ଆଉ ଜଣେ ଶିକ୍ଷୟିତ୍ରୀ ତଥା ବ୍ଲକ ଲିବେଲ ଅଫିସର (ବିଏଲ୍‌ଓ) ମୃତ୍ୟୁବରଣ କରିଛନ୍ତି। ଏସ୍‌ଆଇଆର ପ୍ରକ୍ରିୟା ଚାଲିଥିବାରୁ ସେ ପ୍ରବଳ ଚାପରେ ଥିଲେ ଓ ଏଥିପାଇଁ ସେ ଜୀବନ ହରାଇଛନ୍ତି ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ଏହି ଶିକ୍ଷୟିତ୍ରୀ ହେଉଛନ୍ତି ୫୪ ବର୍ଷୀୟା ରିଙ୍କୁ ତରଫଦାର। ସେ ବେଙ୍ଗଲି ସ୍ୱାମୀ ବିବେକାନନ୍ଦ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଥିଲେ। କ୍ରିଷ୍ଣାନଗର ବାସଭବନରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ପ୍ରକୋଷ୍ଠରୁ ଏକ ନୋଟ୍ ଉଦ୍ଧାର କରାଯାଇଛି। ଯଦି ବିଏଲ୍‌ଓ ଭାବେ କାର୍ଯ୍ୟ ସମ୍ପାଦନ ନ କରିପାରିବି, ତେବେ ପ୍ରଶାସନ ତରଫରୁ ମୋ ଉପରେ ଚାପ ବୃଦ୍ଧି ପାଇବ ବୋଲି ଏହି ନୋଟ୍‌ରେ ଲେଖାଯାଇଛି। ବିଏଲ୍‌ଓ ଭାବେ ଦାୟିତ୍ୱ ନେବା ପରେ ତାଙ୍କ ଉପରେ ପ୍ରବଳ ମାନସିକ ଚାପ ଥିଲା ବୋଲି ରିଙ୍କୁଙ୍କ ଦିଅର କହିଛନ୍ତି।। ଗୁଜରାଟରେ ମଧ ଆଜି ଆଉ ଜଣେ ବିଏଲ୍‌ଓଙ୍କ ଏହି କାରଣରୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

■ ସ୍ୱାମୀର ମୃତ୍ୟୁ ପରେ ସ୍ତ୍ରୀର ଚରମ ପଦକ୍ଷେପ

## ପୁଅ-ଝିଅକୁ ବିଷ ପିଆଇ ମା'ର ଆତ୍ମହତ୍ୟା ଉଦ୍ୟମ

ମାଲକାନଗିରି, ୨୨।୧୧(ସମିସ): ସ୍ୱାମୀଙ୍କ ଅକାଳ ମୃତ୍ୟୁରେ ଭାଙ୍ଗିପଡ଼ି ପୁଅ, ଝିଅକୁ ବିଷ ପିଆଇବା ସହ ନିଜେ ଆତ୍ମହତ୍ୟା ଉଦ୍ୟମ କରିବା ଭଳି ଏକ ଘଟଣା ମାଲକାନଗିରିରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏପରି ଅଭାବନୀୟ ଘଟଣା ଘଟିଛି ମାଲକାନଗିରି ସଦର ଥାନା ଅନ୍ତର୍ଗତ କଟଲିଗୁଡ଼ା ଗ୍ରାମରେ। ସମସ୍ତଙ୍କୁ ମାଲକାନଗିରି ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସୂଚନାନୁସାରେ, ସପ୍ତାହେ ତଳେ ଗ୍ରାମର ମହେଶ୍ୱର ସୋଡ଼ି କୌଣସି କାରଣରୁ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ତାଙ୍କ ସ୍ତ୍ରୀ ବାସନ୍ତୀ ଭାଙ୍ଗି ପଡ଼ିଥିଲେ। ସ୍ୱାମୀଙ୍କ ପରେ ତାଙ୍କ ପରିବାର ମୁହଁରେ କିଏ ଦାନା ଦେବ, ସେଇ ଚିନ୍ତାରେ ଅହରହ ଘାରି ହେଉଥିଲେ। ଆଜି ସେ ୨ ବର୍ଷର ପୁଅ ଓ ବର୍ଷକର ଝିଅକୁ ବିଷାକ୍ତ କନିଅର ଫଳ ଖୁଆଇ ନିଜେ ବିଷ ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତାଙ୍କ ସମ୍ପର୍କୀୟ ଦିଲୀପ ସୋଡି ଓ ଅନ୍ୟମାନେ ଏହା ଜାଣିପାରି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ତେବେ ଏହି ଘଟଣା ପଛରେ କଣ ରହସ୍ୟ ରହିଛି ତାହା ସ୍ପଷ୍ଟ ହୋଇନାହିଁ।

## ଲଢ଼େଇରେ ଗଲା ଦନ୍ତା ଜୀବନ

ରାସଗୋବିନ୍ଦପୁର, ୨୨।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ସାରୁମୂଳା ବିଟ୍‌ର ବେତନାସିଆ ସଂରକ୍ଷିତ ଜଙ୍ଗଲରୁ ଆଜି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ହାତୀଟିର ବୟସ ୧୦ରୁ ୧୨ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା କିଛି ଲୋକଙ୍କଠାରୁ ଖବର ପାଇ ବାରିପଦା ଡିଏଫଓ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ୍ ମେହେରବାନ ଅଲ୍ଲୀ, ଆରସିସିଏଫ ପ୍ରକାଶଚନ୍ଦ୍ର ଗୋଗିନେନି, ରାସଗୋବିନ୍ଦପୁର



ରେଞ୍ଜର୍ ଘନଶ୍ୟାମ ସିଂ, ଫରେଷ୍ଟର୍ ମାଳତୀଲତା ସିଂ, ଗାର୍ଡ ଚିତ୍ତରଞ୍ଜନ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଶୁକ୍ରବାର ଦନ୍ତାଟି ଅନ୍ୟ ଏକ ହାତୀ ସହ ଜଙ୍ଗଲରେ ଲଢ଼େଇ କରୁଥିବା ବନ ବିଭାଗ କର୍ମଚାରୀ ଦେଖିଥିବା କହିଛନ୍ତି। ପରସ୍ପର ଲଢ଼େଇରୁ ଦନ୍ତାର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନାଯୋଗ୍ୟ, ଶୁକ୍ରବାର ବାଙ୍କବଣରେ ୪୦ଟି ଝାଡ଼ଖଣ୍ଡୀ ହାତୀ ଥିବା ବେଳେ ସନ୍ଧ୍ୟାରେ ସାରମୂଳା ବିଟର ବେତନସିଆ ଜଙ୍ଗଲରେ ପ୍ରବେଶ କରିଥିଲେ।

# ଅସହାୟ ବାପାର ଡାକ ଶୁଣିଲେ ମହାବାହୁ!

## ନିସ୍ତେଜ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର

ପୁରୀ, ୨୨।୧୧ (ସମିସ): କଥାରେ ଅଛି, ବିଶ୍ୱାସେ ମିଳନ୍ତି ହରି। ସେଇ ବିଶ୍ୱାସରେ ୫ବର୍ଷର ରୋଗଗ୍ରସ୍ତ ପୁଅକୁ ଧରି ସୁଦୂର ରାଜସ୍ଥାନରୁ ଜଗା ପାଖକୁ ଧାଇଁ ଆସିଥିଲେ ନିଖିଲ ଭୋଇ। ସିଂହଦ୍ୱାରରେ ଭୋ' ଭୋ' ହୋଇ କାନ୍ଦିବା ସହ ପୁଅକୁ ମହାପ୍ରଭୁଙ୍କୁ ସମର୍ପି ଦେଇଥିଲେ। ପୁଅକୁ ପତିତପାବନଙ୍କ ନିକଟରେ ଗଡ଼ାଇ ତା'ର ଜୀବନ ଭିକ୍ଷା କରିଥିଲେ। ଶେଷରେ ମହାପ୍ରଭୁ ତାଙ୍କ ଡାକ ଶୁଣିଛନ୍ତି। ଘଟଣାର ୧୩ ଦିନ ପରେ ପୁଣିଥରେ ନିଖିଲ ଆଜି ମନ୍ଦିରକୁ ଆସି ମହାପ୍ରଭୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆପଣଙ୍କ କୃପାରୁ ପୁଅ ଏବେ ସୁସ୍ଥ ହେଉଛି, ଏମିତି କୃପା ରଖିଥା'ନ୍ତୁ ପ୍ରଭୁ ଜଗନ୍ନାଥ କହି କାନ୍ଦି ପକାଇଛନ୍ତି। ପୁରୀରେ ସେ ଆଉ ୧୦ ଦିନ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବେ ବୋଲି କହିଛନ୍ତି। ଏହାସହ ସେ ସିଂହଦ୍ୱାର ନିକଟରେ ପୁଅକୁ ଗଡ଼ାଇ ଶରଣ ପଶିଥିଲେ। ଏହାକୁ ନେଇ ସିଂହଦ୍ୱାର ନିକଟରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା।

ସୂଚନାନୁଯାୟୀ, ରାଜସ୍ଥାନ ପାସ୍‌ୱାଡାର ନିଖିଲ ଭୋଇଙ୍କ ୫ ବର୍ଷର ପୁଅକୁ ମସ୍ତିଷ୍କାଘାତ ହୋଇଥିଲା। ବିଭିନ୍ନ ସ୍ଥାନରେ ଚିକିତ୍ସା କରାଇବା ପରେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ସବୁଆଡୁ ନିରାଶ ହେବା ପରେ ଶେଷରେ ସେ ମହାପ୍ରଭୁଙ୍କ ଶରଣ ପଶିଥିଲେ। ଗତ ୯ ତାରିଖରେ ପୁରୀ ଆସି ମହାପ୍ରଭୁଙ୍କୁ ନିଜ ପୁଅର ଜୀବନ ଭିକ୍ଷା କରିଥିଲେ। କୋଳରେ ଆଣିଥିବା ୫ ବର୍ଷର ଅସୁସ୍ଥ ପୁଅକୁ



ସିଂହଦ୍ୱାର ନିକଟରେ ଗଡ଼ାଇ ଦେଇଥିଲେ। ପୁଅ ନାକରେ ଖାଦ୍ୟନଳୀ ଲାଗିଥିଲା। ପରେ ପୁଅକୁ ପତିତପାବନଙ୍କ ନିକଟରେ ଗଡ଼ାଇ ତା'ର ଜୀବନ ଭିକ୍ଷା ମାଗିଥିଲେ। ଶ୍ରୀମନ୍ଦିର ସେବାୟତ ମହାପ୍ରଭୁଙ୍କ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ନିଖିଲଙ୍କ କାନ୍ଦ ଦେଖି ପାଖରେ ଥିବା ଶ୍ରଦ୍ଧାଳୁଙ୍କ ଆଖିରୁ ବି ଲୁହ ଜକେଇ ଆସିଥିଲା। ସେମାନେ ବି ମହାପ୍ରଭୁଙ୍କୁ ଗୁହାରି କରିଥିଲେ। 'କାଳିଆ ତୁ

**୧୩ ଦିନ ତଳେ ଶରଣ ପଶିଥିଲେ ବାପା**

ନିରାଶ କରନା, ଜଣେ ଅସହାୟ ବାପାକୁ ଖାଲି ହାତରେ ଫେରାନା' ବୋଲି କହୁଥିଲେ। ପରେ ନିଖିଲ ପୁଅକୁ କୋଳରେ ଧରି ବାଇଶିପାହଚ ଚଢ଼ି ଶ୍ରୀମନ୍ଦିର ଭିତରକୁ ଯାଇଥିଲେ।

ଏହି ଘଟଣାର ୧୩ଦିନ ପରେ ପୁଣି ନିଖିଲ ଆଜି ପୁଅକୁ ସାଙ୍ଗରେ ଧରି ଶ୍ରୀମନ୍ଦିରକୁ ଆସିଥିଲେ। ଡାକ ଶୁଣିଥିବାରୁ ମହାପ୍ରଭୁଙ୍କୁ କୃତଜ୍ଞତା ଜଣାଇବା ସହ କୋଟି ଦଣ୍ଡବତ କରିଥିଲେ। ସେହିପରି, ସେଦିନର ସେହି ନିସ୍ତେଜ ଶିଶୁର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିବା ବେଳେ ସେ ହାତଗୋଡ଼ ହଲାଉଥିଲା। ନିଖିଲ ପୁରୀରେ ଆଉ ୧୦ ଦିନ ରହି ମହାପ୍ରଭୁଙ୍କୁ ପ୍ରାର୍ଥନା କରିବେ ବୋଲି କହିଛନ୍ତି।

ପୁଅର ଔଷଧ ଖର୍ଚ୍ଚ ବାବଦ ଆବଶ୍ୟକ ଅର୍ଥ ସହୃଦୟ ବ୍ୟକ୍ତିଙ୍କଠାରୁ ନିଖିଲ ମାଗୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। କିଛି ସହୃଦୟ ବ୍ୟକ୍ତି ତାଙ୍କୁ ସହଯୋଗ କରିବା ସହ ଏ ସମ୍ପର୍କରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ସିଡିଏମ୍‌ଓ ଏକ ଆମ୍ବୁଲାନ୍ସ ପଠାଇ ତାଙ୍କୁ ହସ୍ପିଟାଲ ନେଇଛନ୍ତି। ମେଡିସିନ୍ ୱାର୍ଡରେ ତାଙ୍କ ପୁଅଙ୍କୁ ଆବଶ୍ୟକ ଚିକିତ୍ସା କରାଯାଉଥିବା ଜଣାପଡ଼ିଛି।

**ମୃତ ବ୍ୟକ୍ତିଙ୍କ ଫ୍ୟାମିଲି ପେନସନ ହଡ଼ପ ଘଟଣା**

## ବରିଷ୍ଠ କିରାଣିଙ୍କୁ ବାନ୍ଧିଲା ଭିଜିଲାନ୍ସ

ଢେଙ୍କାନାଳ/ହିନ୍ଦୋଳ/ଖଜୁରିଆକଟା, ୨୨।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସବ୍‌ଟ୍ରେଜେରୀରୁ ମୃତ ବ୍ୟକ୍ତିଙ୍କ ନାମରେ ପେନସନ୍ ଟଙ୍କା ହଡ଼ପ ଘଟଣାରେ ବରିଷ୍ଠ କିରାଣି ମନୋରଞ୍ଜନ ସାହୁଙ୍କୁ ଗିରଫ କରିଛି ଭିଜିଲାନ୍ସ। ମନୋରଞ୍ଜନ ହିନ୍ଦୋଳ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟର ବରିଷ୍ଠ କିରାଣି ଭାବେ କାର୍ଯ୍ୟରତ ଥିଲେ। ସେ ମୃତ ବ୍ୟକ୍ତିଙ୍କ ଫ୍ୟାମିଲି ପେନସନ୍ ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ହିନ୍ଦୋଳ ସବଟ୍ରେଜରୀ ଅଫିସର୍ ୨୦୨୩ ଅଗଷ୍ଟ ୫ରେ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ। ସେବେଠାରୁ ମନୋରଞ୍ଜନ ଫେରାର୍ ଥିଲେ। ପରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ୨୦୨୪ରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଏହି ଏହି ମାମଲାର ତଦନ୍ତ ଭାର ନେଇଥିଲା। ତଦନ୍ତ ବେଳେ ମନୋରଞ୍ଜନ ପ୍ରାୟ ୬୮ଲକ୍ଷ ୮୫ ହଜାର ୪୯୭ ଟଙ୍କା ହଡ଼ପ କରିଥିବା ଜଣାପଡ଼ିଥିଲା। ଭିଜିଲାନ୍ସ ମନୋରଞ୍ଜନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଶୁକ୍ରବାର ରାତି ୧୦ଟାରେ ମନୋରଞ୍ଜନ କଟକ ଯାଉଥିବା ବେଳେ ସଦର ଥାନା ସମ୍ମୁଖରୁ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବିଚାର



ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଢେଙ୍କାନାଳ ଭିଜିଲାନ୍ସ ଡିଏସପି ଅନସୂୟା ସେନାପତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମନୋରଞ୍ଜନଙ୍କ ଘର ସଦର ଥାନା ସାଇଁବିରି ଗ୍ରାମରେ। ହିନ୍ଦୋଳ ସବ୍-ଟ୍ରେଜେରୀରେ ୫୬୦ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ଖାତା ରହିଥିଲା। କଟକ ସିଡିଏ ଆଲ୍ଲାହାବାଦ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ବିଲେଇଖୋଳି ଗ୍ରାମର ମାୟାଧର ଭୋଇ ୨୦୧୪ ଅକ୍ଟୋବରରେ ମୃତ୍ୟୁବରଣ କରିଥିଲେ। ପରେ ନିୟମ ଅନୁସାରେ ତାଙ୍କ ପରିବାରଲୋକ ପେନସନ ଟଙ୍କା ଉଠାଇ ନାହାନ୍ତି। ମାୟାଧରଙ୍କ ସ୍ତ୍ରୀ ଜିରା ଭୋଇଙ୍କର ମଧ୍ୟ ୨୦୧୮ରେ ମୃତ୍ୟୁ ହୋଇଛି। ଦୀର୍ଘ ବର୍ଷ ହେବ ମାୟାଧରଙ୍କ ପେନସନ ଏବଂ ଅନ୍ୟାନ୍ୟ ଟଙ୍କା ଉଠାଯାଇ ନ ଥିବା ବେଳେ ଟ୍ରେଜେରୀରୁ କିନ୍ତୁ କାଗଜପତ୍ରରେ ଟଙ୍କା ଉଠାଯାଇଥିଲା। ୨୦୨୦ ପର୍ଯ୍ୟନ୍ତ ଏହି ଟଙ୍କା ଉଠାଯାଇଥିବା ବେଳେ ଜୀବନ ପ୍ରମାଣପତ୍ରରେ ମାୟାଧର ଏବଂ ତାଙ୍କ ସ୍ତ୍ରୀ ଜୀବିତ ଥିବା ଦର୍ଶାଇ ଟଙ୍କା ଉଠାଯାଉଥିଲା। ଏ ସମ୍ପର୍କରେ ମାୟାଧରଙ୍କ ନାତୁଣୀ ଅଭିଯୋଗ କରିବା ପରେ ମୃତ ବ୍ୟକ୍ତିଙ୍କ ପେନସନ ଟଙ୍କା ଜାଲିଆତି ଘଟଣା ଲୋକଲୋଚନକୁ ଆସିଥିଲା। ସବଟ୍ରେଜେରୀର ବରିଷ୍ଠ କିରାଣି ମନୋରଞ୍ଜନ ସାହୁ ଏଥିରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ହଡ଼ପ କରାଯାଇଥିବା ଟଙ୍କା ଏକ କାନାରା ବ୍ୟାଙ୍କ ଆକାଉଣ୍ଟ ଏବଂ ସ୍ଥାନୀୟ ପଞ୍ଚପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଖାତାକୁ ଟ୍ରାନ୍ସଫର୍ କରାଯାଇଥିଲା। ଟ୍ରେଜେରୀ ଅଧିକାରୀଙ୍କ ପାସୱାର୍ଡକୁ ଅନୈତିକ ଭାବେ ବ୍ୟବହାର କରି ଏହି କାର୍ଯ୍ୟ କରାଯାଉଥିବା ଜଣାପଡ଼ିଥିଲା। କେବଳ ମାୟାଧର ନୁହଁନ୍ତି, ଏପରି ବହୁ ବ୍ୟକ୍ତିଙ୍କ ପେନସନ ଟଙ୍କା ହଡ଼ପ ହୋଇଥିଲା।

## ବେକ କାଟି ମା'କୁ ହତ୍ୟା

ସେମିଳିଗୁଡ଼ା, ୨୨।୧୧ (ସମିସ): ମା'ର ବେକ କାଟି ମାରିଦେଲା ପୁଅ। କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅଧୀନ ଉପରସାହିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଭାନୁ ଖରା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବଳରାମ ଖରାକୁ ଗିରଫ କରିଛି। ପୁଲିସ ସୂଚନାନୁଯାୟୀ, ଗୁରୁବାର ବିଳମ୍ବିତ ରାତିରେ ମା'-ପୁଅଙ୍କ ମଧ୍ୟରେ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ବଳରାମ ଏକ ଧାରୁଆ ଅସ୍ତ୍ରରେ ଭାନୁଙ୍କ ବେକ କାଟି ଦେଇଥିଲା। ଘଟଣାସ୍ଥଳରେ ହିଁ ଭାନୁଙ୍କ ମୃତ୍ୟୁ ହୋଇଯାଇଥିଲା। ଭାନୁଙ୍କ ଭଣଜା ରାମଚନ୍ଦ୍ର ଖରା ଏ ସଂପର୍କରେ ଅଭିଯୋଗ କରିବାରୁ ସାଇଣ୍ଟିଫିକ ଟିମ୍ ସହ ସେମିଳିଗୁଡ଼ା ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଭାନୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି। ଏହାସହ ଅଭିଯୁକ୍ତ ବଳରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ସ୍କୁଟିକୁ ଧକ୍କା ଦେଲା ବସ୍; ୨ ମୃତ

ଭଦ୍ରକ/ତିହିଡ଼ି, ୨୨।୧୧ (ସମିସ): ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ପୀରହାଟ ଥାନା ଅଧୀନ ସିନ୍ଦୋଳଠାରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଗୋଲେଖ ଦାସ(୪୫) ଓ ଦୈତାରୀ ପ୍ରଧାନ(୩୮)। ସେମାନଙ୍କ ଘର ତିହିଡ଼ି ଥାନା ସୟା ପଞ୍ଚାୟତ ଅଧୀନ ବାଲିଚତୁରୀ ଗ୍ରାମରେ। ଦୈତାରୀ ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କ ଭାଇ ବୋଲି ଜଣାଯାଇଛି। ଦୁହେଁ ଅଲେଖ ମେଳାରେ ଯୋଗ ଦେବାକୁ ସ୍କୁଟିରେ ଚାନ୍ଦବାଲି ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଆସୁଥିବା 'ହାସାମ' ନାମକ ବସ୍ ସେମାନଙ୍କୁ ସିନ୍ଦୋଳ ନିକଟରେ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବାରୁ ବହୁ ସଂଖ୍ୟାରେ ଗାଡ଼ି ମଟର ଅଟକି ରହିଛି। ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ପୀରହାଟ ଥାନା ଆଇଆଇସି ରୋଜାଲିନ୍ ବେହେରା ପ୍ରମୁଖ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଅତିରିକ୍ତ ତହସିଲଦାର ନମିତା ଧଳ ମଧ୍ୟ ଘଟଣାସ୍ଥଳକୁ ଆସି ଲୋକଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଲୋକେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଖବର ଲେଖା ହେବା ବେଳକୁ ରାସ୍ତାରୋକ ହଟିନଥିଲା।

## ଆତ୍ମସମର୍ପଣ କଲେ ୩୭ ମାଓବାଦୀ

ମାଲକାନଗିରି,୨୨।୧୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ତେଲେଙ୍ଗାନାରେ ୩୭ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଛତିଶଗଡ଼ ମାଓ ସଂଗଠନର ଦୁଇଜଣ ଟପ୍ ମାଓନେତା ତଥା ମାଓବାଦୀଙ୍କ କେନ୍ଦ୍ରୀୟ କମିଟି ସଦସ୍ୟ କୋୟଡା ସାମ୍ବାଇ ଓରଫ ଆଜାଦ୍ ଏବଂ ଆପ୍ପାସି ନାରାୟଣ ଓରଫ ରମେଶ ରହିଛନ୍ତି। ସେହିପରି, ୩ଜଣ ଷ୍ଟେଟ୍ କମିଟି ସଦସ୍ୟ, ୩ଜଣ ଡିଭିସିଏମ ମେମ୍ବର, ୯ଜଣ ଏରିଆ କମିଟି ମେମ୍ବର ଓ ୨୨ଜଣ ପାର୍ଟି ମେମ୍ବର ଅଛନ୍ତି। ଏମାନେ ତେଲେଙ୍ଗାନା ଡିଜିପିଙ୍କ ନିକଟରେ ଏହି ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଦୁଇଜଣ ଆନ୍ଧ୍ର କ୍ୟାଡର୍‌ଙ୍କୁ ଛାଡ଼ିଦେଲେ ବାକି ସମସ୍ତ ମାଓବାଦୀ ହେଉଛନ୍ତି ଛତିଶଗଡ଼ ବିଜାପୁର ଓ ସୁକୁମା ଜିଲ୍ଲାର। ଏମାନେ ସମସ୍ତେ ଟପ୍ ମାଓନେତା ହିଡ଼ମାଙ୍କୁ ସହଯୋଗ କରୁଥିଲେ ବୋଲି ତେଲେଙ୍ଗାନା ଡିଜିପି କହିଛନ୍ତି। ହିଡମାଙ୍କ ଏନ୍‌କାଉଣ୍ଟର୍ ପରେ ଭୟଭୀତ ହୋଇ ସମସ୍ତେ ତେଲେଙ୍ଗାନା ଯାଇ ପୁଲିସ ପାଖରେ ଆତ୍ମସମର୍ପଣ କରିଥିବା ନେଇ ସୂଚନା ଦେଇଛନ୍ତି ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଆଜାଦ୍। ଏମାନଙ୍କଠାରୁ ମୋଟ ୮ଟି ବନ୍ଧୁକ ଜବତ କରାଯାଇଛି।

## ରାଜ୍ୟରେ ବଢୁଛି ବିଦେଶୀ ନିଶାଦ୍ରବ୍ୟର ଚାହିଦା

ଭୁବନେଶ୍ୱର,୨୨।୧୧(ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ଗଳିକନ୍ଦିରେ ଗଞ୍ଜେଇ ଓ ବ୍ରାଉନସୁଗର ମିଳିବା ସମସ୍ତଙ୍କ ଚିନ୍ତା ବଢ଼ାଇଲାଣି। ହେଲେ ନିଶା ବେପାରୀଙ୍କୁ ମାତ୍ ଦେବାକୁ ଜାଲ ବିଛାଇଛି ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍)। ଅପରେସନ 'ପ୍ରହାର' ଓ 'ବଜ୍ର' ମାଧ୍ୟମରେ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଚଳାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ଥାନୀୟ ପୁଲିସ ସହାୟତାରେ ଚଢ଼ଉ କରାଯାଉଛି।

**■ ଡିଆର୍‌ଆଇ, ଏନ୍‌ସିବି ସହ ଯୋଗାଯୋଗରେ ଏସ୍‌ଟିଏଫ୍**
**■ 'ପ୍ରହାର' ଓ 'ବଜ୍ର'ରେ ନିଶା ମାଫିଆଙ୍କ ଅଣ୍ଟା ଭାଙ୍ଗିବାକୁ ପ୍ରୟାସ**

ପ୍ରାପ୍ତ ତଥ୍ୟ ମୁତାବକ, ଗତ ୧୦ ମାସ ମଧ୍ୟରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିଛି ଏସଟିଏଫ୍। ଚଳିତବର୍ଷ ଅକ୍ଟୋବର ମଧ୍ୟରେ ୧୪ କିଲୋ ବ୍ରାଉନସୁଗର ଜବତ ହୋଇଥିବା ବେଳେ ୫୨୪ ଜଣ ନିଶା ମାଫିଆଙ୍କୁ କାବୁ କରିଛି। ସେହିପରି ୧୬୪୧ ନିଶା ବେପାରୀଙ୍କୁ ଗିରଫ କରି ସେମାନଙ୍କଠାରୁ ୧୮୭୭ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଓ ବ୍ରାଉନସୁଗର ଜବତ ହୋଇଥିବା ବେଳେ ନିଶାଡ଼ିଙ୍କ ଅନ୍ୟତମ ମାଧ୍ୟମ ପାଲଟିଥିବା କଫ୍ ସିରପ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ମୋଟ ୭୩ ହଜାର ୧୮୧ ବୋତଲ କଫ୍ ସିରପ ଜବତ ହେବା ସହ ୧୮୧ ଅଭିଯୁକ୍ତ ବନ୍ଧା ହେଲେଣି। ଗତ ଦୁଇ ଦିନ ମଧ୍ୟରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ଭୁବନେଶ୍ୱର ଅବକାରୀ ବିଭାଗ ରାଜଧାନୀରୁ ୯ ଶହ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଛି। ନୂଆବର୍ଷ ଆସୁଥିବାରୁ ନିଶା ମାଫିଆମାନେ ବସ୍ତିରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ଓ ବାର୍‌ଠାରୁ ପବ୍ ଯାଏଁ ଜାଲ ବିଛାଇଲେଣି। କିନ୍ତୁ ନିଶା ମାଫିଆଙ୍କୁ ସାବାଡ଼ କରିବାକୁ ଉଦ୍ୟମ ଆରମ୍ଭ କରିଛି ଏସଟିଏଫ୍। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି କରୁଥିବା ବେପାରୀଙ୍କ ତାଲିକା କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଜେଲ୍‌ରେ ରହିଛନ୍ତି ଓ କେଉଁମାନେ ବାହାରେ ଅଛନ୍ତି, ସେନେଇ ଯାଞ୍ଚ ଚାଲିଛି। ପୂର୍ବରୁ ଗିରଫ ହୋଇ ଏବେ ଜାମିନରେ ଥିବା ନିଶା ମାଫିଆଙ୍କ ଉପରେ କଡ଼ା ନଜର ରଖାଯାଇଛି।

ସେପଟେ କିଛିଦିନ ହେବ ବିଦେଶୀ ନିଶାରେ ମତୁଆଲା ହେଉଛନ୍ତି ରାଜଧାନୀର ଯୁବପିଢ଼ି। ଗତ କିଛିଦିନ ମଧ୍ୟରେ ରାଜଧାନୀରୁ ସିନ୍ଥେଟିକ୍ ଡ୍ରଗ୍ସ ଓ ମାରିଜୁଆନା ଜବତ ହେବାପରେ ଏଭଳି ଘଟଣା ସ୍ପଷ୍ଟ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ନୋଡାଲ ଏଜେନ୍ସି ଭାବେ ଏସଟିଏଫ୍ ଏହି ଘଟଣାର ତଦନ୍ତ କରୁଛି। ବିଦେଶରୁ ଆସୁଥିବା ନିଶାଦ୍ରବ୍ୟରେ ରୋକ୍ ଲଗାଇବା ପାଇଁ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ଓ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ସହ ଏସଟିଏଫ୍ ଯୋଗାଯୋଗରେ ରହିଛି। ଏୟାରପୋର୍ଟ ଉପରେ ନଜର ରଖିବା ସହ ବିଦେଶରେ ଥିବା ମୂଳ ନିଶା ମାଫିଆଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ ଚଳାଇଛି। ନିଶା କାରବାର ବିରୋଧରେ ଚାଲିଥିବା ଏହି ଧରପଗଡ଼ ଆଗକୁ ଜୋରଦାର କରାଯିବ ବୋଲି ଏସଟିଏଫ୍‌ର ଅତିରିକ୍ତ ଏସ୍‌ପି ସଞ୍ଜୀବ ଶତପଥୀ କହିଛନ୍ତି।




## କୁମ୍ଭୀର ଆତଙ୍କ, ସଚେତନ କରାଇଲା ପ୍ରଶାସନ



ଅସ୍ତରଙ୍ଗ,୨୨।୧୧(ସମିସ): ଅସ୍ତରଙ୍ଗ ପୀର ଜାହାନିଆ ସମୁଦ୍ରରେ ପର୍ଯ୍ୟଟକମାନେ ଗାଧେଇବା ସମୟରେ କୁମ୍ଭୀର ଦେଖିଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରଲ ହେବା ପରେ ଆଜି ଠୁ ବନ ବିଭାଗ, ସ୍ଥାନୀୟ ସିକୁରିଟି ଓ ଲାଇଫ ଗାର୍ଡ ମାନଙ୍କ ତରଫରୁ ସଚେତନତା ଜାରି କରାଯାଇଛି। ଦେବି ନଦୀ ମୁହାଣ ଠାରୁ କେଲୁଣି ମୁହାଣ ପର୍ଯ୍ୟନ୍ତ ପେଟ୍ରୋଲିଙ୍ଗ କରାଯାଇ ସଚେତନତା କରାଯାଉଛି। ପର୍ଯ୍ୟଟକ ମାନେ ଆଜି ଅନେକ ମାତ୍ରାରେ ସମୁଦ୍ର କୂଳକୁ ଯିବା ପାଇଁ ଇଛା ପ୍ରକାଶ କରିଥିବା ବେଳେ ପ୍ରଶାସନ ତରଫରୁ ସେମାନଙ୍କୁ ସଚେତନତା କରାଯିବା ସହ ବାରଣ କରାଯାଇଥିଲା, ବନ ବିଭାଗ, ନିୟୋଜିତ ସିକୁରିଟି, ଲାଇଫ ଗାର୍ଡ ଙ୍କ ତରଫରୁ ସମୁଦ୍ର କୂଳ ରେ ପର୍ଯ୍ୟଟକ ଙ୍କ ଉପରେ କଡା ନଜର ରଖାଯାଇଛି, କୁମ୍ଭୀର ର ଉଦ୍ଧାର କରିବାକୁ ବନ ବିଭାଗ ତରଫରୁ ଗଙ୍ଗା, ଦେବୀ ଓ କେଲୁଣୀ ମୁହାଣ ପର୍ଯ୍ୟନ୍ତ ପାଟ୍ରୋଲିଙ୍ଗ କଡାକଡ଼ି କରାଯିବା ସହ ତଟ ସୁରକ୍ଷା ରେ କର୍ମଚାରୀ ମାନେ ଦୂର ବିକ୍ଷଣ ଯନ୍ତ୍ର ମାଧ୍ୟମ ରେ ବିଭିନ୍ନ ସ୍ଥାନରେ କୁମ୍ଭୀରକୁ ଦେଖିବାକୁ ଚେଷ୍ଟା ଜାରି ରଖିଛନ୍ତି, ଅନ୍ୟ ପଟେ ଏହି ସମୟରେ ଅଲିଭ ରିଡଲେ କଇଁଛ ଅଣ୍ଡା ଦେବାକୁ କୂଳ କୁ ଆସନ୍ତି, ସେମାନଙ୍କ ସୁରକ୍ଷା ସହିତ ପର୍ଯ୍ୟଟକ ଙ୍କ ସୁରକ୍ଷା ପାଇଁ ବିଭାଗ ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହ ଅଧିକାରୀ ମାନେ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ସଚେତନତା କରାଉଛନ୍ତି।

## ବନ୍ଧୁକ ସହିତ ଯୁବକ ଗିରଫ



ବ୍ରହ୍ମଗିରି,୨୨।୧୧(ସମିସ): ବ୍ରହ୍ମଗିରି ଦହିଖିଆ ସେତୁ ନିକଟରେ ବନ୍ଧୁକ ଦେଖାଇ ଆତଙ୍କ ଖେଳାଉଥିବା ଯୁବକକୁ ଗିରଫ କରିଛି ପୁଲିସ। ତା'ଠାରୁ ପିସ୍ତଲ ସହିତ ୨ ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଛି। ବ୍ରହ୍ମଗିରି ଥାନା ଦହିଖିଆ ସେତୁ ନିକଟରେ ଶୁକ୍ରବାର ରାତିରେ ନିଶାସକ୍ତ ଅବସ୍ଥାରେ ବନ୍ଧୁକ ଦେଖାଇ ହଇରାଣ କରୁଥିଲା। କିଛି ସ୍ଥାନୀୟ ଲୋକ ତାହା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବ୍ରହ୍ମଗିରି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ସେଠାରୁ ଯୁବକଙ୍କୁ କାବୁ କରିବା ସହ ତାଙ୍କ ପାଖରୁ ଦୁଇ ରାଉଣ୍ଡ ଜୀବନ୍ତ ଗୁଳି ସହ ଏକ ପିସ୍ତଲ ଜବତ କରିଛି। ଗିରଫ ଯୁବକ ଜଣଙ୍କ ପୁରୀ ଚୁଡ଼ଙ୍ଗ ସାହି ମାତା ଗୋସେଇଁ ମଠ ଲେନ୍‌ର ମନୋଜ ନାୟକ (୩୩) ବୋଲି ପୁଲିସର ସୂତ୍ରରୁ ପ୍ରକାଶ। ମନୋଜଙ୍କ ନାମରେ ପୁରୀ ଟାଉନ ଥାନାରେ ୫ରୁ ଉର୍ଦ୍ଧ୍ୱ ଅପରାଧୀ ମୂଳକ ଅଭିଯୋଗ ରହିଥିବା ବ୍ରହ୍ମଗିରି ଥାନା ଆଇଆଇସି ବାମଦେବ ସ୍ୱାଇଁ ସୂଚନା ଦେଇଛନ୍ତି।

## ସହିଦ୍ ଲକ୍ଷ୍ମଣ ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା

କୋଣାର୍କ,୨୨।୧୧(ସମିସ): କୋଣାର୍କ ନିକଟସ୍ଥ ନୂଆଗାଁସ୍ଥିତ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ଓ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ଜନ୍ମତିଥି ପାଳନ କରାଯାଇଛି। ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଭୈରବ ନୋଡାଲ ୟୁପିଏସ କ୍ଲଷ୍ଟର ସିଆରସିସି ରବୀନ୍ଦ୍ରନାଥ ବାହିନୀପତି ଅତିଥି ରୂପେ ଯୋଗଦେଇ



ମାଲକାନଗିରିର ଗାନ୍ଧୀ ଲକ୍ଷ୍ମଣ ନାୟକଙ୍କ ସଂଗ୍ରାମୀ ଜୀବନ ଓ ଗଭୀର ଦେଶପ୍ରେମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ହାଇସ୍କୁଲରେ ଅଧ୍ୟୟନରତ ଜନଜାତି ବର୍ଗର ଛାତ୍ରଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅମର ସହିଦଙ୍କ ଜୀବନୀ ସମ୍ପର୍କରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ ବେହେରା, ପଣ୍ଡିତ ରବୀନ୍ଦ୍ର କୁମାର ଦ୍ୱିବେଦୀ, ସହକାରୀ ଶିକ୍ଷୟିତ୍ରୀ ଚିତ୍ରାଞ୍ଜଳି ନାୟକ, ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ନାୟକ, ମାନସ କୁମାର ମୁଦୁଲି ପ୍ରମୁଖ ଅମର ସହିଦଙ୍କ ସ୍ୱାଧୀନତା ସଂଗ୍ରାମକୁ ଅବଦାନ ସଂପର୍କରେ ଆଲୋଚନା କରିଥିଲେ।

## ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ଶିବିର

ସାକ୍ଷୀଗୋପାଳ,୨୨।୧୧(ସମିସ): ସତ୍ୟବାଦୀ ବ୍ଲକ୍ ବ୍ରାହ୍ମଣପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା କୌଶଳ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଦ୍ୟାଳୟର ୬ଷ୍ଠ, ୭ମ ଓ ୮ମ ଶ୍ରେଣୀର ଛାତ୍ରୀ ଆତ୍ମରକ୍ଷାର ବିଭିନ୍ନ କୌଶଳ ସାଧନକର୍ମୀ ବିଷ୍ଣୁପ୍ରିୟା ସାହୁ ଓ ମଞ୍ଜୁଲତା ମିଶ୍ରଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। ଏହି ଶିବିରକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ମହାନ୍ତି। ସହକାରୀ ଶିକ୍ଷୟିତ୍ରୀ ମାଳବିକା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଚାଷୀଙ୍କୁ ଘାରିଲାଣି ଲଘୁଚାପ ଭୟ



ପିପିଲି,୨୨।୧୧(ସମିସ)

ପିପିଲି ବ୍ଲକ୍‌ରେ ପ୍ରାୟ ୯୦ପ୍ରତିଶତ ଧାନ ପାଚିଗଲାଣି। କିଛି ଜମିରୁ ଧାନ କଟା ଆରମ୍ଭ ହୋଇଛି। ମାତ୍ର ୫ପ୍ରତିଶତ ଧାନ ନିଜ କ୍ଷେତରୁ ଧାନ ସୁରକ୍ଷିତ ଭାବେ ଅମଳ କରି ଘରକୁ ଆଣିଛି। ଏହାବାଦ୍ ସମସ୍ତ ଜମିରେ ଧାନ ଅମଳ ଅପେକ୍ଷାରେ ରହିଛି। ପୁରୀ ଜିଲ୍ଲା ପିପିଲି ବ୍ଲକ୍‌ରେ ଏଭଳି ସ୍ଥିତି ଥିବାବେଳେ ପୁଣି ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବ ଉପକୂଳ ଓଡ଼ିଶାରେ ପଡ଼ିବ ବୋଲି କୁହାଯାଉଛି। ଫଳରେ ପିପିଲି ଅଞ୍ଚଳର ଚାଷୀଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ଚାଷୀଙ୍କ କ୍ଷେତରେ ଏବେ ଧାନ କେଣ୍ଡା ଝୁଲୁଛି। ଅଳ୍ପ ଦିନ ମଧ୍ୟରେ ଧାନ କଟା ଜୋର ଧରିବ। ଏଭଳି ସ୍ଥିତିରେ ଯଦି ବଡ଼ ବର୍ଷା ହେବ, ତେବେ ଧାନ ଫସଲ ନଷ୍ଟ ହୋଇଯିବା ଥୟ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀ ଆତଙ୍କିତ ହୋଇପଡିଛନ୍ତି। ଚଳିତ ଖରିଫ ଋତୁରେ ପିପିଲି ଅଞ୍ଚଳରେ ୧୦ ହଜାର ୫ଶହ ୭୦ ହେକ୍ଟର କ୍ଷେତରେ ଧାନ ଚାଷ କରାଯାଇଛି। ସମସ୍ତ କ୍ଷେତରେ ଅମଳ ହେବାକୁ ଥିବା ପାଚିଲା ଧାନ କେଣ୍ଡା ଗୁଡ଼ିକ ଲହଡ଼ି ମାରୁଥିବା ଭଳି ଦେଖିବାକୁ ମିଳିଛି। ଚାଷୀ ତା'ର ମୁଣ୍ଡ ଝାଳ ତୁଣ୍ଡରେ ମାରି ଖରା, ବର୍ଷା, ଶୀତକୁ ଖାତିର ନକରି ଫସଲ ଠିଆ କରିଛି। କ୍ଷେତରେ ସୁନେଲି ଧାନ କେଣ୍ଡା ଦେଖି ଚାଷୀର ଖୁସି କହିଲେ ନସରେ। ପାଣିପାଗ ବିଭାଗ ଆକଳନ ଅନୁସାରେ ଯଦି ବର୍ଷା ଲାଗି ରହିବ, ତେବେ କ୍ଷେତରେ ଥିବା ଧାନକୁ କିଭଳି ଅମଳ କରି ଘରକୁ ଆଣିବ ସେ ନେଇ ଚିନ୍ତା ବଢ଼ିଛି।

## ସମ୍ଭାବ୍ୟ ବାତ୍ୟା ନେଇ ଭୟରେ ଅସ୍ତରଙ୍ଗ ଉପକୂଳବାସୀ

ଅସ୍ତରଙ୍ଗ,୨୨।୧୧(ସମିସ): ସମ୍ଭାବ୍ୟ ବାତ୍ୟାକୁ ନେଇ ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଅଞ୍ଚଳରେ ଚାଷୀ ଭୟଭୀତ ହୋଇପଡ଼ିଛନ୍ତି।ଦକ୍ଷିଣ ଆଣ୍ଡାମାନ ସାଗରରେ ଲଘୁଚାପ ସୃଷ୍ଟି ହୋଇ ବାତ୍ୟା ହେବାର ସମ୍ଭାବନା ରହିଛି। ଯାହା ଫଳରେ ଆନ୍ଧ୍ର ଓ ଓଡ଼ିଶାକୁ ବାତ୍ୟା ଭୟ ଘାରିଛି। ଏଥିସହ ଚାଷୀ ଭାଇମାନେ ତର ତର ହୋଇ ଧାନ କାଟୁଛନ୍ତି। କେଉଁଠି ତରବରିଆ ଭାବେ କଞ୍ଚା ଧାନ କଟାଯାଉଛି ତ ଆଉ କେଉଁଠି ପାଚିଲା ଧାନ କାଟି ଧାନ ଅମଳ କରିବାରେ ବ୍ୟସ୍ତ ରହିଛନ୍ତି ଉପକୂଳ ଚାଷୀ। ବର୍ଷ ତମାମ ଧାନ ବିଲରେ ଖର୍ଚ୍ଚ କରି ଓ ଶ୍ରମଦାନ କରି ଚାଷୀଙ୍କ ଭିତରେ ଖୁସିର ମାହୋଲ ଦେଖିବାକୁ ମିଳ ମାତ୍ର ଚଳିତ ମାସ ରେ ସୃଷ୍ଟ ଲଘୁଚାପ ପ୍ରଥମେ ଦକ୍ଷିଣ ପୂର୍ବ ବଙ୍ଗୋପ ସାଗର ଓ ୪୮ ଘଣ୍ଟା ପରେ ଉତ୍ତର ପଶ୍ଚିମ ଦେଇ ଗତି କରିବ, ଯାହାର ପ୍ରଭାବରେ ୨୯ କିମ୍ବା ୩୦ ତାରିଖରେ ଅବପାତ ହୋଇ





ବାତ୍ୟାର ରୂପ ନେବ ଯାହାକୁ ନେଇକି ପାଣିପାଗ ବିଭାଗ ସୂଚନା ଜାରି କରିଛି। ଏହାକୁ ଆଖିରେ ରଖି ଅସ୍ତରଙ୍ଗ ଅଞ୍ଚଳ ରେ ସମୁଦ୍ର କୁଳିଆ ଚାଷୀମାନେ ଦିନ ତମାମ କଞ୍ଚା ହେଉ କି ପାଚିଲା ଧାନ ସବୁ କାଟି ଠୁଳ କରିବାରେ ଲାଗି ଯାଇଛନ୍ତି। ଅନେକ ସ୍ଥାନରେ ଟିକେ ଅଧିକ ଲାଭ ହିସାବରେ ଚାଷୀମାନେ ଧାନ କାଟୁନାହାନ୍ତି, ଅନେକ ସ୍ଥାନରେ ସମ୍ଭାବ୍ୟ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ଧାନ କ୍ଷେତ ରେ ଲୋଟି ପଡିଛନ୍ତି, ଅନେକ ସ୍ଥାନ ରେ କଞ୍ଚା ଧାନ କୁ ଜୀବନ ବିକଳ ରେ କାଟି ଏବେ ସୁରକ୍ଷିତ ସ୍ଥାନରେ ଖରା ଦେଉଛନ୍ତି।

### ଦୀର୍ଘଦିନର ଆଶା ପୂରଣ ହେବ

## ଥାନାରେ ପରିଣତ ହେବ ନୟାହାଟ ଫାଣ୍ଡି

ନୟାହାଟ,୨୨।୧୧(ସମିସ): ଦୀର୍ଘଦିନ ହେଲା ନୟାହାଟ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ନୟାହାଟ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ। ଏବେ ତାଙ୍କ ଦାବି ପୂରଣ ହେବାକୁ ଯାଉଛି। ଏ ନେଇ ପ୍ରଶାସନ ପକ୍ଷରୁ ଖବର ମିଳିଛି। ପରେ ସରକାରୀ ସ୍ତରରେ ଥାନା ପାଇଁ ସମସ୍ତ ପ୍ରକାର କାଗଜପତ୍ର କାମ ଶେଷ ହୋଇଛି ବୋଲି ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସୂଚନା ଦେଇଛନ୍ତି। ଥାନା ପାଇଁ ଫାଣ୍ଡି ମଧ୍ୟରେ ଆବଶ୍ୟକ ଜାଗା ରହିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନରେ ୭ଟି ପଞ୍ଚାୟତ ଯଥା ଧୂମାଳ, ଜଙ୍ଗଲବୋରି, ଦେଉଳି, ଇସାଣ ପୁର, ବାଉଳଙ୍ଗ, ସୋରଭା ପ୍ରମୁଖ ପଞ୍ଚାୟତରେ ଶହେରୁ ଊର୍ଦ୍ଧ୍ୱ ଗାଁ ଥିବାବେଳେ ଜନସଖ୍ୟା ୭୦ ହଜାରରୁ ଊର୍ଦ୍ଧ୍ୱ ହେବ। ନୟାହାଟରେ ଥାନା ନଥିବାରୁ ଲୋକେ ମକଦ୍ଦମା କରିବା ପାଇଁ ଦୀର୍ଘ ୨୦ କିମି ଦୂର ଗୋପ ଥାନା ଉପରେ ନିର୍ଭର କରିଥାନ୍ତି। ସେଠାକୁ ଯିବା ପାଇଁ ଦୁଇଟି ଗାଡ଼ିରେ ଯିବା ଆସିବା ପାଇଁ ପ୍ରାୟ ଦୁଇଶହ ଟଙ୍କା ଖର୍ଚ୍ଚାନ୍ତ ହେଉଥିଲେ। ସନ୍ଧ୍ୟାପରେ ଗୋପ ରୁ ନୟାହାଟ ଯାତ୍ରୀବାହୀ ଗାଡ଼ି ନଥିବାରୁ ଲୋକେ ଅଟୋ ଯୋଗେ ପାଞ୍ଚଶହ ଟଙ୍କା ଦେଇ ନୟାହାଟ ଆସିଥାନ୍ତି। ନୟାହାଟ ଫାଣ୍ଡିକୁ ଥାନା କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ବହୁବାର ସମ୍ବାଦ ପ୍ରକାଶ ପରେ ରାଜ୍ୟସରକାରଙ୍କ ଦୃଷ୍ଟି ଗୋଚର ହୋଇଥିଲା। ଖୁବ୍‌ଶୀଘ୍ର ଫାଣ୍ଡି ଥାନା ହେବାକୁ ଯାଉଥିବାରୁ ସମାଜସେବୀ ଅଭିମନ୍ୟୁ ସିଂହ, ମକରଧ୍ୱଜ ସ୍ୱାଇଁ, ଅନନ୍ତ ସାହୁ, କେଦାର ନାଥ ସାହୁ, ବସନ୍ତ ପାଳ, ଧୂମାଳ ସରପଞ୍ଚ ମୋନାଲିସା ସିଂହ, ଦେଉଳି ସରପଞ୍ଚ ରିଷ୍ଟା ସ୍ୱାଇଁ, ଇସାଣପୁର ସରପଞ୍ଚ ବିନୋଦିନୀ ପାଳ, ଜଙ୍ଗଲବୋରୀ ସରପଞ୍ଚ ପ୍ରଭାତୀ ସାହୁ, ପ୍ରଣୟ କୁମାର ସାହୁ, ସୋରଭା ସରପଞ୍ଚ କିଶୋର ସେଠୀ, ଯୋତି ରଞ୍ଜନ ନାୟକ, ରାଜଲକ୍ଷ୍ମୀ ଦାସ ପ୍ରମୁଖ ପ୍ରଶାସନକୁ ସାଧୁବାଦ୍ ଜଣାଇଛନ୍ତି।

## ପାର୍ବତୀପୁରରେ ଉନ୍ନୟନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ

ବଳଙ୍ଗା,୨୨।୧୧(ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଉଚ୍ଛୁପୁର ପଞ୍ଚାୟତ ଅଧୀନ ପାର୍ବତୀପୁରରେ ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ବଳଙ୍ଗା ଠାରୁ ପାର୍ବତୀପୁର ପର୍ଯ୍ୟନ୍ତ ଏହି ଉନ୍ନତିକରଣ କାର୍ଯ୍ୟ କରାଯିବ। ଫଳରେ କେନାଲ ବନ୍ଧ ରାସ୍ତାରେ ଗମନାଗମନ ସୁଗମ ହେବା ସହ ନରୁଡ଼ା, ସହାଡ଼ପଡ଼ା, ବଳଙ୍ଗା ଆଖପାଖ ଅଞ୍ଚଳର ଲୋକେ ଉପକୃତ ହେବେ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟପାଇଁ ୫କୋଟି ୪ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଥିବା ବିଭାଗୀୟ ଅଧିକାରୀ କହିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ୍ ଚେତନ ପୋଥାଲ, ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ପ୍ରଧାନ, ସମାଜସେବୀ ଶ୍ୟାମସୁନ୍ଦର ନାୟକ, ସାଂସଦ



ପ୍ରତିନିଧି ମୀନଲତା ମହାନ୍ତି, ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ପ୍ରସନ୍ନ କୁମାର ଦାଶ, ସରୋଜ କୁମାର ସାହୁ, ସୁକାନ୍ତ କୁମାର ବରାଳ, ଜୟଦେବ ମହାପାତ୍ର, ରତ୍ନାକର ମିଶ୍ର, ପ୍ରଭାକର ନାୟକ, ଦିବାକର ନାୟକ ଓ ବଳଙ୍ଗା ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସହ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଉପମୁଖ୍ୟମନ୍ତ୍ରୀ

ନିମାପଡା,୨୨।୧୧।(ସମିସ): ନିମାପଡା ବ୍ଲକ୍‌ର ୩ଟି ପଞ୍ଚାୟତରେ ୯କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଜଳ ସଂପଦ ବିଭାଗ ପକ୍ଷରୁ ଅଢ଼େଇ କୋଟି ଟଙ୍କା ବ୍ୟୟରେ ଧଳେଶ୍ୱର ପଞ୍ଚାୟତର ଅରିଲୋ ଠାରୁ ଧଳେଶ୍ୱର ପର୍ଯ୍ୟନ୍ତ ବାମନାଳ ମାଇନର କେନାଲବନ୍ଧ ରାସ୍ତାର ଉନ୍ନତୀ କରଣ କାର୍ଯ୍ୟର ଶିଳାନ୍ୟାସ,୨କୋଟି ୯୭ ଲକ୍ଷ ଟଙ୍କା ବ୍ୟୟରେ ଅନ୍ତୁଆର ପଂଚାୟତର ଜଅଁରା ମାଇନରର ରାସ୍ତା ସଂପ୍ରସାରଣ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ,୧୫ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟରେ ଖଣ୍ଡାସାହି ଡିଷ୍ଟ୍ରିବ୍ୟୁଟାରୀର ଦେଉଳିଆଢେଙ୍ଗ ନିକଟରେ ବ୍ରିଜ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ,୧କୋଟି ୬୧ ଲକ୍ଷ ୭୨ ହଜାର ଟଙ୍କା ବ୍ୟୟରେ ଆମରଙ୍ଗ ଓ ଆଢେଣା ମାଇନରର ଟ୍ରଫ୍‌ୱାଲ୍ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ। ସେହିପରି ୫୫ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟରେ ବଳଙ୍ଗା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ର ଧାନକ୍ରୟ ପିଣ୍ଡିର ଶିଳାନ୍ୟାସ ହୋଇଛି। ସେହିପରି କନ୍ତିଆ କାନପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ଅଫିସ ଓ ଗୋଦାମ ଗୃହ, ଧଳେଶ୍ୱର ପ୍ରାଥମିକ କୃଷି ସେବା ସମବାୟ ସମିତି ଅଫିସ ଗୃହର ଶିଳାନ୍ୟାସ ହୋଇଛି। ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗଦେଇଥିଲେ। ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ସମିତି ସଭ୍ୟା ବେବିନା ଜେନା, ବିଜେପି ମଣ୍ଡଳ ସଭାପତି ସନ୍ତୋଷ ପରିଡା, ଯୁବ ସଭାପତି ରମେଶ ଜେନା, ଏନ୍‌ଏସି ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ, ଯତିନ୍ଦ୍ର ସ୍ୱାଇଁ, ବିଜେପିର ଏନ୍‌ଏସି ଯୁବ ସଭାପତି ସାଇ ପ୍ରୀତମ ପଟ୍ଟନାୟକ, ଆତ୍ମା ଅଧକ୍ଷ ଦିଲ୍ଲୀପ ପରିଡା ପ୍ରମୁଖ ଉପସ୍ଥିତଥିଲେ।

## କୁରୁଜଙ୍ଗା ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

କାକଟପୁର,୨୨।୧୧(ସମିସ): କାକଟପୁର ଶିକ୍ଷା ମଣ୍ଡଳ କୁରୁଜଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଗଜାନନଙ୍କ ବିଗ୍ରହ ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି ବିଦ୍ୟାଳୟରୁ




ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ସହ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀ, ଯେଉଁମାନେ ନବୋଦୟ ଓ ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି, ସେମାନଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଶ୍ରୀଚନ୍ଦନପୁର ଶିକ୍ଷା କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଯନ୍ତ୍ରୀ (ନାଲ୍‌କୋ) ବିଜୟ କୁମାର ବେହେରା, ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ନନ୍ଦ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଜେନା, ମଣ୍ଡଳ ସହ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ କାଣ୍ଡି, ମଲ୍ଲିକ ଜାକିର ହୋସେନ, ଗୁଣନିଧି ଜେନା, ସିଆରସିସି ହିରଣ୍ୟ କସ୍ୟପୁ ଓଝା, ବରିଷ୍ଠ ଶିକ୍ଷକ ରମେଶ କୁମାର ନାୟକ, ଏସ୍‌ଏମ୍‌ସି ସଭାପତି ସ୍ୱରାଜ କୁମାର ସାହୁ ଯୋଗ ଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ଅଭୟ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଯୁବ ଶିକ୍ଷକ ମନ୍ମଥ ପାଲୁଆ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ ଉତ୍ସବଟି ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା। ଶିକ୍ଷୟିତ୍ରୀ ଲିପାଞ୍ଜଳି ବିଶ୍ୱାଳ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଦିବ୍ୟଧାମ ମହୋତ୍ସବରେ ସାଧୁସନ୍ଥଙ୍କ ସମାଗମ

ନୟାହାଟ,୨୨।୧୧(ସମିସ): ନୟାହାଟସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ରର ପ୍ରତିଷ୍ଠାତା ବାବା ମଧୁସୁଦନଙ୍କ ଶିଷ୍ୟ ସ୍ୱର୍ଗତ ବାବାଜୀ ବିବେକାନନ୍ଦ ଦାସଙ୍କ ଦିବ୍ୟଧାମ ଯାତ୍ରା ମହୋତ୍ସବ ଆଶ୍ରମର ମୁଖ୍ୟ ବାବାଜି ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଶାଖା ଆଶ୍ରମ ପୋଦନାସ୍ଥିତ ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର ଶାଖା ଆଶ୍ରମରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ମହାମନ୍ତ୍ର ସହ ନଗର ପରିକ୍ରମା, ଗୀତା ଯଜ୍ଞ ଓ ସମାଧି ପୂଜା କରାଯାଇଥିଲା। ଏହି ଗୀତାଯଜ୍ଞ ପଣ୍ଡିତ ସୂର୍ଯ୍ୟ ଶଙ୍କର ମିଶ୍ର ଓ ସାଥୀମାନେ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବାବାଜି ବିବେକାନନ୍ଦଙ୍କ ଗୁରୁଦେବ ବାବା ମଧୁସୁଦନଙ୍କ ଶ୍ରୀବିଗ୍ରହ ଓ ପାଦୁକା ସ୍ୱତନ୍ତ୍ର ପୂଜା ମଣ୍ଡପରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ବାବାଜି ଅକ୍ଷୟ କୁମାର ଦାସ କରିଥିଲେ। ବାବାଜି ଦାମୋଦର ଦାସଙ୍କ ଅଧ୍ୟକ୍ଷତାରେ ସତ୍‌ସଙ୍ଗ କରାଯାଇଥିଲା। ଏହି ସାଧୁ ସନ୍ଥ ସମାବେଶରେ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ବାବାଜି ଦିବାକର ଦାସ, ବାବା ଅଖଣ୍ଡା ନନ୍ଦ ସ୍ୱାମୀ, ବ୍ରହ୍ମଚାରୀ ସତ୍ୟ ଚେତନ, ବାବା ସୀତା ରାମ ଦାସ, ବାବା ସିଦ୍ଧେଶ୍ୱର ଦାସ, ବାବା ଦିବ୍ୟକୃଷ୍ଣ ଦାସ, ବାବା ସତ୍ୟ ଦାସ, ବାବା ଦ୍ୱାରିକା ଦାସ, ବାବା ବାଇଧର ଦାସ, ବାବା ଜଗନ୍ନାଥ ଦାସ, ବାବା ରାମଚନ୍ଦ୍ର ଦାସ, ବାବା ନରହରୀ ଦାସ , ବାବା ଶିବ ଚରଣ ଜୀ, ବାବା ଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ।

# ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ବ୍ରହ୍ମଗିରି,୨୨।୧୧(ସମିସ)

ଚଳିତବର୍ଷ ଡେରି ହେଲେ ମଧ ହଜାର ହଜାର ପକ୍ଷୀ ଚିଲିକାର ତଟଦେଶ ପାରିକୁଦ, ଖଟିଆକୁଦି, ପଞ୍ଚାକୁଦୀ, ପାଣ୍ଠା, ଚଡରା, ଜେଟି, ଚଟେଇକୋଣ, ବନମାଳ, ସୋଲାକୁଦୀ, ଗେରାଶର, ଚିଖିଲି, ଚିତ୍ରକୋଟ ଆଦି ଅଞ୍ଚଳରେ ବୁଲୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ସୁରକ୍ଷା ଦିଗରେ ବନ ବିଭାଗର ତତ୍ପରତା ପ୍ରକାଶ ପାଇଛି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡିୟ ଅଧିକାରୀ ଅମ୍ଳାନ ନାୟକ ଏଦିଗରେ କଡ଼ା ନଜର ରଖିଥିବା ଜଣାପଡିଛି। ବାଲୁଗାଁ ବନାଞ୍ଚଳ ଅଧିକାରିଣୀ ରଶ୍ମିତା ଜେନାଙ୍କ ନିର୍ଦ୍ଦେଶ କ୍ରମେ ପାରିକୁଦ ବନପାଳ ଜିତେନ୍ଦ୍ରିୟ ଜେନା, ବନରକ୍ଷୀ ତ୍ରିଲୋଚନ



ମହାରଣା, ସୁରକ୍ଷା କର୍ମୀ ଲଲାଟ କୁମାର ସ୍ୱାଇଁ, ଜୟନ୍ତ କୁମାର ଜେନା, ପବିତ୍ର କୁମାର ସେଠୀ ପ୍ରମୁଖ ଚିଲିକା କୂଳ ଏବଂ ଚାଷ ଜମି ଗୁଡିକରେ ଭୋର ଏବଂ ସନ୍ଧ୍ୟା ସମୟରେ ପଇଁତରା ମାରୁଥିବା ଦେଖାଯାଇଛି। ସେହିଭଳି ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣାଙ୍କ ନେତୃତ୍ୱରେ ବନପାଳ ରଶ୍ମୀ ରଞ୍ଜନ ନାୟକ,ବନପାଳ ଗୌରାଙ୍ଗ ଚରଣ ପ୍ରଧାନ, ବନପାଳ ଅର୍ଜୁନ ପ୍ରଧାନ, ବନରକ୍ଷୀ ଅନିଲ କୁମାର ସାହୁ, ବନରକ୍ଷୀ ଲକ୍ଷ୍ମଣ କୁମାର ବେହେରା ସଦଳବଳେ ସିପିଆ, ଗୁରୁବାର, ନୂଆପଡ଼ା, ଅଁଳାକୁଦା,ଆଦି ଅଞ୍ଚଳରେ ମଧ ବିଦେଶାଗତ ପକ୍ଷୀ ମାନଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବା ଜଣାପଡିଛି। ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ବେହେରାଙ୍କ ନେତୃତ୍ୱରେ ବନପାଳ ସୁଜିତ କୁମାର ବେହେରା, ବନପାଳ ବିଶ୍ୱନାଥ ଟୁଡୁ, ବନପାଳ ପ୍ରଣୟ କୁମାର ଜୟସିଂହ, ବନ ବିଭାଗ କର୍ମଚାରୀ, ସୁରକ୍ଷା କର୍ମୀ ସଜାଗ ଥିବା ଜଣାପଡ଼ିଛି। ସେହିପରି ରମ୍ଭା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ମାନସ ରଞ୍ଜନ ମହାପାତ୍ର, ବନପାଳ ଦୁର୍ଗା ଚରଣ ଟୁଡୁ, ବନପାଳ ଦିଲ୍ଲୀପ କୁମାର ସ୍ୱାଇଁ ପ୍ରମୁଖ ସୁରକ୍ଷା ଦିଗରେ ନଜର ରଖିଛନ୍ତି। ବନ ବିଭାଗର ଏଭଳି ସୁରକ୍ଷା ବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

## ୧୧ ଡାକ୍ତର ପଦବୀ ଖାଲି, ରୋଗୀଙ୍କୁ ଭଗବାନ ଭରସା

କଣାସ,୨୨।୧୧(ସମିସ): କଣାସ ବ୍ଲକର ୨୮ ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ୧୦୮ଟି ପଡ଼ା ଗ୍ରାମର ଚିକିତ୍ସା ପାଇଁ କଣାସଠାରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମନ୍ଦାରବସ୍ତ, ସାହୁପଡା, ଗଡ଼ିଶାଗୋଦା, ନନ୍ଦିଗୋଦା, ବୀରକେଶରପୁରଠାରେ ପ୍ରାଥମିକ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୫ ଡାକ୍ତର ରହିବା ବ୍ୟବସ୍ଥା ଥିବାବେଳେ ମାତ୍ର ୪ ଜଣ ଡାକ୍ତର ଅଛନ୍ତି। ୧୧ ଟି ବିଶେଷଜ୍ଞ ପଦ ଖାଲିପଡ଼ିଛି। ସେହିପରି ମନ୍ଦରାବସ୍ତ ଓ ଗଡ଼ିଶାଗୋଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାର ମୋ ବସ ସେବା ଯୋଗାଇଦେବା ଦିନ ଠାରୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୈନଦିନ ୫ ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ରୋଗୀମାନେ ଧାଡିରେ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡୁଛି ଏବଂ ଅନେକ ରୋଗୀ ବିରକ୍ତି ପ୍ରକାଶ କରି ଭଗବାନକୁ ଭରଷା କରି ଗ୍ରାମକୁ ଫେରି ଯାଇ କ୍ୱାକମାନଙ୍କ ଦ୍ୱାରସ୍ତ ହେଉଥିବା ଜଣାପଡିଛି। ଖାଲିପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ରୋଗୀ କଲ୍ୟାଣୀ ସମିତି ବୈଠକରେ ସ୍ଥାନୀୟ ବିଧାୟକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଜଣାଇଥିଲେ ମଧ ଗୋଟିଏ ହେଲେ ଡାକ୍ତର ପଦବୀ ପୂରଣ ହୋଇ ନାହିଁ। କଣାସ ଅଞ୍ଚଳ ଚିଲିକା ଉପକୂଳରେ ହୋଇଥିବାବେଳେ ଏହି ଅଞ୍ଚଳକୁ ନଦୀ ନାଳ ସାପ ପରି ଘେରି କରି ରହିଛି। ବର୍ଷସାରା ଜଳ ସମସ୍ୟା ଜନିତ ରୋଗ ଲାଗି ରହୁଥିବାରୁ ରୋଗୀ ମାନଙ୍କ କଥା କହିଲେ ନସରେ। ସ୍ୱାସ୍ଥ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଶ୍ରୀକ୍ଷେତ୍ର ସିଟି

୨୨/୧୧/୨୦୨୫ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୯,୨୪୩/- ସୁନା: ୦୧.୩୯୦ ଗ୍ରାମ୍ ରୁପା: ୫୬୪.୦୦୦ ଗ୍ରାମ୍



### ହକ୍ ପାଇଁ ଏକାଠି ହେଲେ ପୁରୀବାସୀ

## ସମୂହ ଦୀପ ଜାଳିଲେ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କଲେ



**ପୁରୀ,୨୨।୧୧(ସମିସ):** ପୂର୍ବଭଳି ଆଉ ପୁରୀ ସହରବାସୀ ଶ୍ରୀମନ୍ଦିରକୁ ଯାଉନାହାନ୍ତି। ସମୟ ଥିଲା ଅନେକ ସହରବାସୀ ଦିନକୁ ଏକାଧିକଥର ମନ୍ଦିରକୁ ଯାଉଥିଲେ। ମଙ୍ଗଳ ଆଳତି ହେଉ କି ସନ୍ଧ୍ୟା ଆଳତି ଅବା ଚନ୍ଦନଲାଗି, ବଡ଼ସିଂହାର ବେଶ ଦେଖୁଥିଲେ। ପୁଣି ମନ ହେଲେ ଆନନ୍ଦବଜାରକୁ ଯାଉ ଅବଢା ସେବନ କରିବା ସହ ପରିବାର ପାଇଁ ଧରି ଆସୁଥିଲେ। ହେଲେ କିଛିବର୍ଷ ହେବ ଏଭଳି ଚିତ୍ର ଆଉ ଦେଖିବାକୁ ମିଳୁନି। ବରଂ ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଏକପ୍ରକାର ଚିନ୍ତାଜନକ ବିଷୟ ପାଲଟିଯାଇଛି। ଏବେ ଦର୍ଶନ ପାଇଁ ହେଉ କି ଅବଢା ଆଣିବା ଲାଗି ସେମାନଙ୍କୁ ଅନ୍ୟ ଶ୍ରଦ୍ଧାଳୁଙ୍କ ଭଳି ଲମ୍ବା ଧାଡିରେ ଘଣ୍ଟା ଘଣ୍ଟା ଛିଡା ହେବାକୁ ପଡୁଛି। ମନ୍ଦିରକୁ ଯିବାକୁ ହେଲେ ସେମାନଙ୍କୁ ଭାବିବାକୁ ପଡୁଛି। ସେମାନଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ କରାଯାଇଛି। ତେଣୁ ହକ୍ ପାଇଁ ଏକାଠି ହୋଇଛନ୍ତି ପୁରୀ ସହରବାସୀ। ଶ୍ରୀମନ୍ଦିରକୁ ପ୍ରବେଶ ଏବଂ ମହାପ୍ରଭୁଙ୍କ ଦର୍ଶନ କିପରି ସହଜ ହେବ ସେଥିଲାଗି ଶନିବାର ଶ୍ରୀମନ୍ଦିର ସମ୍ମୁଖରେ ସମବେତ ହୋଇ ଭିନ୍ନ ଏକ ପ୍ରତିବାଦ କରିଛନ୍ତି। ଏମାରମଠ ଚକଡାରେ ଶହ ଶହ ପୁରୀବାସୀ ସମୂହ ଦୀପଦାନ କରିଛନ୍ତି।

ପୁରୀ ସହରବାସୀଙ୍କର ଦାବି ସେମାନଙ୍କୁ ଶ୍ରୀମନ୍ଦିର ଚାରିଦ୍ୱାରରେ ପ୍ରବେଶ ଅନୁମତି ମିଳୁ। ବେଢାରେ ପଣ୍ଡା ଦ୍ୱାରା ଦେଇ ଚତୁର୍ଦ୍ଧାବିଗ୍ରହଙ୍କୁ ସେମାନେ ଯେପରି ସହଜରେ ଦର୍ଶନ ପାଇବେ ତା'ର ସ୍ଥାୟୀ ବ୍ୟବସ୍ଥା କରାଯାଉ। ଏହି ଦାବି ନେଇ ଅପରାହ୍ନରେ ପୁରୀ ସହରର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଶ୍ରୀମନ୍ଦିର ନିକଟରେ ଏକାଠି ହୋଇଥିଲେ। ଗୀତଗୋବିନ୍ଦ, ଗନ୍ନାଥ ଷ୍ଟକମ୍ ଏବଂ ଆହେ ନୀଳଶୈଳ ପ୍ରାର୍ଥନା ବୋଲି ଦୀପ ଜଳାଇଥିଲା। ପ୍ରାୟ ୨ଘଣ୍ଟା ଏମାରମଠ ଚକଡାରେ ବସିବା ପରେ ଜୟ ଜଗନ୍ନାଥ ଧ୍ୱନି ଦେଇ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ। ଭିନ୍ନ ଏକ ପ୍ରତିବାଦ ସ୍ୱରୂପ ସମସ୍ତେ ମୋବାଇଲ ଫ୍ଲାସ ଜଳାଇ ବୁଲିଥିଲେ। ଜୟ ଜଗନ୍ନାଥ ଧ୍ୱନିରେ କମ୍ପି ଉଠିଥିଲା ବଡ଼ଦାଣ୍ଡ।

ସମସ୍ତଙ୍କ ମୁହଁରେ ଗୋଟିଏ କଥା 'ଆମ ଗାଁ ଦିଅଁଙ୍କୁ ଦର୍ଶନ ପାଇଁ ଆମକୁ ସ୍ୱତନ୍ତ୍ର ସୁବିଧା ମିଳୁ'। ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ପୁରୀବାସୀଙ୍କ ଦର୍ଶନ ସୁଗମ କରନ୍ତୁ ବୋଲି ଦାବି ଜଣାଇଥିଲେ। ଏଥିସହ ପୁରୀର ସମସ୍ତ ଜନ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳ ଆଗେଇ ଆସି ପୁରୀବାସୀଙ୍କ ଶ୍ରୀଜଗନ୍ନାଥଙ୍କ ସହଜ ଦର୍ଶନ ପାଇଁ ଆରମ୍ଭ ହୋଇଥିବା ଅଭିଯାନକୁ ସଫଳ କରିବା ଲାଗି ଆହ୍ୱାନ ଦେଇଥିଲେ।

**ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ବଡ଼ଦାଣ୍ଡ**

## ନାରୀ ସଶକ୍ତ ହେଲେ ସମାଜରେ ସମାନତା ଆସେ

**ପୁରୀ,୨୨।୧୧(ସମିସ):** ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ସଶକ୍ତ ନାରୀ-ସମୃଦ୍ଧ ରାଷ୍ଟ୍ର ସମ୍ପର୍କିତ ଆଲୋଚନାଚକ୍ର ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ରାଷ୍ଟ୍ରୀୟ ମହିଳା କମିଶନ ପରାମର୍ଶଦାତା ମଣ୍ଡଳୀ ସଦସ୍ୟା ଡା. ସିପ୍ରା ଧର ମୁଖ୍ୟଅତିଥି ଭାବେ ଯୋଗଦେଇ ସଶକ୍ତ ନାରୀଙ୍କ ଉଦାହରଣ ଦେଇ କହିଥିଲେ ଯେ, ଆଜକୁ ୩୦୦ ବର୍ଷ ପୂର୍ବେ ଜନ୍ମନେଇଥିବା ରାଜମାତା ଅହଲ୍ୟାବାଈ ହୋଲ୍‌କର ନିଜର ବିଚକ୍ଷଣ କୂଟନୀତି ଦ୍ୱାରା ନିଜ ରାଜ୍ୟକୁ ସୁରକ୍ଷା ଦେବା ସହ ଜଣେ ପ୍ରଜାବତ୍ସଳ ରାଜମାତା ଭାବେ ଇତିହାସରେ ସ୍ମରଣୀୟ ହୋଇପାରିଛନ୍ତି। ଜଣେ ସଶକ୍ତ ନାରୀ ୩୦୦ ବର୍ଷ ତଳେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ଆଜି ଚିନ୍ତା କରାଯାଇ ନ ପାରେ। ଶିକ୍ଷିତ ଏବଂ ସଶକ୍ତନାରୀ ନିଜ ପରିବାର ଏବଂ ଦେଶର ଆର୍ଥିକ ବିକାଶରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ନାରୀ ସଶକ୍ତ ହେଲେ ସମାଜରେ ସମାନତା ଆସେ ଏବଂ ରାଷ୍ଟ୍ରନିର୍ମାଣରେ ସହାୟତା ହୋଇପାରେ। ନାରୀ ସଶକ୍ତ ହୋଇପାରିଲେ ନିଜ ବାପ ଘର ସହ ଶ୍ୱଶୁର ଘରକୁ ସ୍ୱାବଲମ୍ବୀ କରିପାରିବ, ଯାହାଦ୍ୱାରା ସମାଜ ସମୃଦ୍ଧ ହୋଇ ପାରିବ ଏବଂ ରାଷ୍ଟ୍ର ସମୃଦ୍ଧ ହୋଇପାରିବ। ମହିଳା ସହଭାଗୀତା ସଂଯୋଜିକା ଉର୍ମିଳା ସ୍ୱାଇଁ, ପରିଷଦର ଓଡିଶା ପୂର୍ବ ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ, କ୍ଷେତ୍ରୀୟ ସଂଯୋଜିକା ରଶ୍ମିରେଖା ଜେନା, ମହିଳା ସହଭାଗୀତା ରାଷ୍ଟ୍ରୀୟ ପରିଷଦ ସଦସ୍ୟା ସୁପ୍ରତି ରଥ, ପୂର୍ବ କ୍ଷେତ୍ର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ନାରୀ ସଶକ୍ତିକରଣର ସଫଳ ରୂପାୟନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶ୍ରୀଜଗନ୍ନାଥ ଧାମ ଶାଖା ସଚିବ ସନ୍ତୋଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରସାମଣି ଘଡାଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାନ୍ତ ସଙ୍ଗଠନ ସଚିବ ରାମ ଚନ୍ଦ୍ର ଦଳାଇ, ସସ୍ମିତା ନାୟକ, ନିମାଇଁ ଚରଣ ସାହୁ, ହରପ୍ରସାଦ ମହାପାତ୍ର, ମୀରା ମହାରଣା, ନଳିନୀ ମଲିକ, ରମାକାନ୍ତ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ବନ୍ଦେମାତରଂ ଏବଂ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଅହଲ୍ୟାବାଈ ହୋଲ୍‌କରଙ୍କ ଜୀବନୀ ପରିଷଦ ତରଫରୁ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା।

### ଜାତୀୟ ଆମେଚର ଗୋ-କ୍ରୀଡା ଉତ୍ସବ ଉଦ୍‌ଘାଟିତ

## ଗୋ ଆମେଚର ଖେଳ ଏକ ବୁଦ୍ଧିମତାର ପ୍ରତୀକ

**ପୁରୀ,୨୨।୧୧(ସମିସ):** ଆମେଚର ଗୋ ଆସୋସିଏଶନ ଓଡିଶା ପକ୍ଷରୁ ଶନିବାର ସ୍ଥାନୀୟ ୟୁଥ୍ ହଷ୍ଟେଲରେ ତିନିଦିନିଆ ଜାତୀୟ ଆମେଚର ଗୋ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶା ଅଲମ୍ପିକ ଆସୋସିଏଶନର ଅଧ୍ୟକ୍ଷ ସମୀର ରଞ୍ଜନ ମହାନ୍ତି ଏହାକୁ ଉଦ୍‌ଘାଟନ କରି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ସେ କହିଥିଲେ, ଗୋ ଆମେଚର ଖେଳ ଏକ ବୁଦ୍ଧିମତାର ପ୍ରତୀକ। ଏହା ଏକ ଶୃଙ୍ଖଳିତ ଖେଳ। ଅନ୍ୟତମ ଅତିଥି ଇଣ୍ଡିଆ ଆମେଚର ଗୋ ଆସୋସିଏଶନର ଜାତୀୟ ସମ୍ପାଦକ ମନୋଜ ଯାଦବ ଏଭଳି ସୁନ୍ଦର ଆୟୋଜନ ପାଇଁ ଓଡିଶା ଆସୋସିଏଶନକୁ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସର୍ବଭାରତୀୟ ସଂଯୋଜକ ଚନ୍ଦନ ପାଣ୍ଡେ, ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଭାତ ରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଅଧ୍ୟକ୍ଷତା କରିଥିଲେ ରାଜ୍ୟ ସଭାପତି ବିନୟ ନୃସିଂହ ମହାପାତ୍ର। ସମ୍ପାଦକ ରାଜକିଶୋର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଦେବଦତ୍ତ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ ଯେ, ତିନିଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ପ୍ରତିଯୋଗିତାରେ ୧୯ଟି ରାଜ୍ୟରୁ ୨୦୦ରୁ ଅଧିକ ଖେଳାଳୀ ଓ ଅଫିସିଆଲ ଯୋଗଦେଇଛନ୍ତି। ଏହି ପ୍ରତିଯୋଗିତା ପୁରୁଷ ଓ ମହିଳା ବର୍ଗରେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବିଭାଗରେ ଅନୁଷ୍ଠିତ ହେଉଛି। ୨୦୧୦ ମସିହାରୁ ଏସିଆଡ୍ ଗେମରେ ସାମିଲ ହୋଇ ପାଖାପାଖି ୭୬ଟି ଦେଶରେ ଏହି ଖେଳାଯାଉଛି। ବିଶେଷକରି ଚାଇନା, ଆମେରିକା, ଜାପାନ, ଦକ୍ଷିଣ ଓ ଉତ୍ତର କୋରିଆ ଆଦି ବିଭିନ୍ନ ୟୁରୋପୀୟ ଦେଶମାନଙ୍କରେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଗୋ ଗେମ୍ ଏକ ୧୯ରେ ୧୯ ବିଶିଷ୍ଟ କାଠ ବୋର୍ଡରେ ଖେଳାଯାଏ। ଏହି ଖେଳରେ ଖେଳାଳୀମାନେ ପ୍ରତିପକ୍ଷ ଖେଳାଳୀଙ୍କ ଅଞ୍ଚଳ ଦଖଲ ପାଇଁ ଖେଳିଥାନ୍ତି। ଏହି ଖେଳର ସରଳ ନିୟମ ରହିଥିଲେ ହେଁ ଜଟିଳ ରଣନୀତି ବା ବୁଦ୍ଧିର ପ୍ରୟୋଗ କରିବାକୁ ପଡ଼ିଥାଏ। କେନ୍ଦ୍ର ସରକାରଙ୍କ ଖେଲୋ ଇଣ୍ଡିଆ ଯୋଜନାରେ ମାଇଣ୍ଡ ଗେମ୍ 'ଗୋ'କୁ ପ୍ରାଧାନ୍ୟ ଦିଆଯାଇ ଓଡ଼ିଶାରେ ପ୍ରଥମଥର ପାଇଁ ପୁରୀରେ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନ କରାଯାଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଆୟୋଜନ ସମିତିର ସଦସ୍ୟ ହରିହର ମହାପାତ୍ର, ଉପାଧ୍ୟକ୍ଷ ରବି ନାରାୟଣ ଦାଶ, ଉପସଭାପତି ଡାକ୍ତର ଦେବସ୍ମିତା ରାୟ, ସୁଶ୍ରୀ ପାଣି, ପ୍ରଶାନ୍ତ କୁମାର ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତିପ୍ରଭା ଦାଶ, ସୁଦେଶା ପଣ୍ଡା, ସୁନିତା ମହାରଣା, ଚନ୍ଦ୍ରଶେଖର ମିଶ୍ର, ଅଭିମନ୍ୟୁ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅନ୍ୱେଷଣର ବାର୍ଷିକ ଶିଶୁ ମହୋତ୍ସବ

**ପୁରୀ, ୨୨।୧୧ (ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣର ପଞ୍ଚମ ବାର୍ଷିକ ଶିଶୁ ମହୋତ୍ସବ ସ୍ଥାନୀୟ ନୀଳାଚଳ ଅର୍ବାନ ହାଟ ପରିସରରେ ପାଳିତ ହୋଇଯାଇଛି। କୁନିକୁନି ପିଲାଙ୍କ ଉତ୍ସାହ ଉଦ୍ଦୀପନା ସହ ମନଛୁଆଁ କାର୍ଯ୍ୟକ୍ରମ ସମସ୍ତଙ୍କୁ ଚମକୃତ କରିଥିଲା। ସକାଳେ ପିଲାମାନେ ପୁରୀ ରେଳ ଷ୍ଟେଶନରେ ରଙ୍ଗୋଲୀ ମାଧ୍ୟମରେ ଶିଶୁ ଅଧିକାର ସଚେତନତା ବାର୍ତ୍ତା ଦେଇଥିଲେ ଏବଂ ହାତରେ ପ୍ଲାକାର୍ଡ ଧରି ଶିଶୁ ସୁରକ୍ଷା ସଚେତନତା ଶୋଭାଯାତ୍ରା କରିଥିଲେ। ଅପରାହ୍ନରେ ନୀଳାଚଳ ଅର୍ବାନ ହାଟ ପରିସରରେ ପିଲାଙ୍କ କର୍ମଶାଳା ଆୟୋଜନ କରାଯାଇଥିଲା। ଅଭିଜ୍ଞ ପ୍ରଶିକ୍ଷକମାନେ ପିଲାମାନଙ୍କୁ ବର୍ଜ୍ୟବସ୍ତୁର ସୁଫଳ ବ୍ୟବହାର ସମ୍ପର୍କିତ ବିଭିନ୍ନ ଘରକରଣା ସାମଗ୍ରୀ, ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରିବା ଶିଖାଇଥିଲେ। ବର୍ଷତମାମ ପିଲାମାନେ ପ୍ରସ୍ତୁତ କରିଥିବା ପଞ୍ଚଗବ୍ୟ ସାମଗ୍ରୀ, କାଗଜ କଳା ଓ କ୍ରାଫ୍ଟ ସାମଗ୍ରୀ ସବୁ ପ୍ରଦର୍ଶିତ ହୋଇଥିଲା, ଯାହା ସମସ୍ତଙ୍କୁ ଆକର୍ଷିତ କରିଥିଲା। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

ସଭାରେ ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ରାଉତ ବାର୍ଷିକ ବିବରଣୀ ପ୍ରଦାନ ପୂର୍ବକ ପାଠ ପଢିବାକୁ ସୁଯୋଗ ପାଉ ନ ଥିବା ପିଲାମାନଙ୍କ ପାଇଁ ବର୍ଷତମାମ ଚାଲୁରଖିଥିବା ପ୍ରୟାସ ବିଷୟରେ ଜଣାଇଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ ଡକ୍ଟର ସୌଭାଗ୍ୟ ରଞ୍ଜନ ସାହୁ ପୂର୍ବତନ ଛତ୍ରପୁର କଲେଜ ଅଧ୍ୟକ୍ଷ, ଏସ୍‌ସିଏସ୍ କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆସିସିଡବ୍ଲ୍ୟୁର ଡ. ମଧୁମିତା ଦାସ, ଡିସିପିଓ ମନୋଜ କୁମାର ତ୍ରିପାଠୀ, ସଂଯୋଗର ସମ୍ପାଦକ ମିନୁ ମହାନ୍ତି, ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂହ, ସାମାଜିକ କର୍ମୀ ଦୀପ୍ତି ଦାସ, ଦି ବେଲ୍‌ର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଅନୁଷ୍ଠାନକୁ ସହଯୋଗ କରୁଥିବା ବ୍ୟକ୍ତିବିଶେଷ ଓ ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଏହାପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ଅତି ଉଚ୍ଚକୋଟୀର ନୃତ୍ୟ ସଙ୍ଗୀତ ପ୍ରଦର୍ଶନ କରି ସମସ୍ତଙ୍କ ମନ ମୋହିଥିଲେ। ପରିଶେଷରେ ରତ୍ନାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ନିରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ରାଉତ, ବ୍ରଜକିଶୋର ସାହୁ, ଶିପାଳୀ ବାରିକ, ଦୀପ୍ତିଶିଖା କର, ଚନ୍ଦନ ସାହୁ, କ୍ଷୀତିଶ ନାୟକ, ସନ୍ଧ୍ୟା ବେହେରା ସହଯୋଗ କରିଥିଲେ।

## ସିପିଏସ୍‌ରେ ଜାତୀୟ ଫାର୍ମାସୀ ସପ୍ତାହ



**ପୁରୀ,୨୨।୧୧(ସମିସ):** ସ୍ଥାନୀୟ ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍(ସିପିଏସ୍)ରେ ୬୪ ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତ ମାସ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେଥିମଧ୍ୟରୁ ୨୦ ତାରିଖରେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସର ଓ ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ କରାଯିବା ସହିତ ୨୧ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମେଡିକାଲ ଅଫିସର ଡା. ବଦ୍ରୀନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିକଟସ୍ଥ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ମାଗଣା ଔଷଧ ବିତରଣ କରାଯାଇଥିଲା। ଶନିବାର ସଚେତନତା ପଦଯାତ୍ରା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅମିୟକାନ୍ତ ମିଶ୍ର, ଚେୟାରପର୍ସନ ଅନିମା ଦାସ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ସହ ନିର୍ଦ୍ଦେଶକ ଡା. ଆର୍. ଏନ୍. ତୋଷଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଅନୁଷ୍ଠାନର ଛାତ୍ରଛାତ୍ରୀ ଗୁଣ୍ଡିଚା ମନ୍ଦିରଠାରୁ ବଳଗଣ୍ଡି ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ ଏବଂ ରୋଗର ନିରାକରଣ ନିମନ୍ତେ ପ୍ରାପ୍ତ ହେଉଥିବା ଟିକା ବିଷୟରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। ପରେ ମହାବିଦ୍ୟାଳୟରେ ଆୟୋଜିତ ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ମିଶ୍ର, ଚେୟାରପର୍ସନ ଶ୍ରୀମତୀ ଦାସ, ମୁଖ୍ୟଅତିଥି ଭାବେ ଓଡିଶା ସରକାରଙ୍କ ପୂର୍ବତନ ଔଷଧ ନିୟନ୍ତ୍ରକ ଅଶୋକ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର, ମହାବିଦ୍ୟାଳୟର ପ୍ରଫେସର ଡ. ନିକୁଞ୍ଜ କିଶୋର ମିଶ୍ର, ନିର୍ଦ୍ଦେଶକ ଡ. ଗଣେଷ ଦାଶ ଯୋଗଦେଇ ଏହି ବର୍ଷର ବିଷୟବସ୍ତୁ "ଫାର୍ମାସିଷ୍ଟ୍‌ସ ଆଜ ଆଡେଭୋକେଟ୍‌ସ ଅଫ୍ ଭ୍ୟାକ୍‌ସିନେଶନ'କୁ ନେଇ ନିଜ ନିଜର ମତ ରଖିବା ସହିତ ବର୍ତ୍ତମାନ ବିଭିନ୍ନ ରୋଗର ନିରାକରଣ ପାଇଁ ଉପଲବ୍ଧ ଟିକା ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଇଥିଲେ। ଟିକା ଉଦ୍ଭାବନ କରିବାରେ ଫାର୍ମାସିଷ୍ଟମାନଙ୍କ ଭୂମିକା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହି ଜାତୀୟ ଫାର୍ମାସୀ ସପ୍ତାହକୁ ଅନୁଷ୍ଠାନର ଅଧ୍ୟାପିକା ସୁନୀତା ମିଶ୍ର, ବିଦୁସ୍ମିତା ପ୍ରଧାନ, ଅଧ୍ୟାପକ ଜଶସ୍ୱୀ ରାୟ, ବସନ୍ତ କୁମାର ବେହେରା, ଅସୀତ୍ କୁମାର ଷଡ଼ଙ୍ଗୀ, ବିଶ୍ୱଜିତ୍ ପାଇକରାୟ ଓ କଲେଜର ଅଫିସ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଶ୍ରମିକ ବିରୋଧୀ ୪ଶ୍ରମ ସଂହିତା ପୋଡ଼ିଲେ ଶ୍ରମିକ




**ପୁରୀ,୨୨।୧୧(ସମିସ):** ଦେଶରେ କରୋନା ସମୟରେ ସଂସଦରେ ବିନା ବିତର୍କରେ ପୂର୍ବରୁ ଥିବା ୨୯ ଶ୍ରମ ଆଇନକୁ ବଦଳାଇ ମୋଦି ସରକାର ଶ୍ରମିକ ବିରୋଧୀ ୪ଟି ଶ୍ରମ ସଂହିତା ଆଣିଲେ। ଦେଶରେ ସମସ୍ତ ଟ୍ରେଡ୍ ୟୁନିୟନ ପ୍ରତିବାଦ, ପ୍ରତିରୋଧ କରିବା ଯୋଗୁ ମୋଦୀ ୪ ଶ୍ରମ କୋଡ ୪ବର୍ଷ ଧରି ଲାଗୁ କରି ପାରି ନ ଥିଲେ। ବିହାର ନିର୍ବାଚନ ପରେ କାରଖାନା ମାଲିକ ଓ ପୁଞ୍ଜିପତିଙ୍କ ଚାପରେ ଶୁକ୍ରବାର ଦେଶରେ ଲାଗୁ କରିଦେଇ ଶ୍ରମିକମାନଙ୍କ ଅଧିକାରକୁ ଛଡାଇ ନେଲେ। ଏହା ବିରୋଧରେ ଶନିବାର ସିଆଇଟିୟୁ ପୁରୀ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳ ଅଫିସରେ ବିକ୍ଷୋଭ ପ୍ରଦର୍ଶନ ସହ ୪ ଶ୍ରମ କୋଡକୁ ପୋଡ଼ିଥିଲେ। ଏଥିରେ ସିଆଇଟିୟୁ ପୁରୀ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ପିତବାସ ବେହେରା, ଟୁନା ନାୟକ, ସ୍ମୃତିରଞ୍ଜନ ଦାସ, ମନୋରଞ୍ଜନ ମହାରଣା ପ୍ରମୁଖ କହିଥିଲେ ଯେ, ମଜୁରୀ କୋଡ୍, ସାମାଜିକ ସୁରକ୍ଷା କୋଡ୍, ଶିଳ୍ପ ସମ୍ପର୍କିତ କୋଡ୍, କାର୍ଯ୍ୟ ସର୍ତ୍ତାବଳୀ କୋଡ୍ ଆଣି ଶ୍ରମିକର ଚାକିରୀ, ଇପିଏଫ୍, ଇଏସ୍‌ଆଇ, ଧର୍ମଘଟର ଅଧିକାର, ସଙ୍ଗଠନର ଅଧିକାର ଛଡେଇ ନେଇ ମାଲିକ ସପକ୍ଷରେ ରଖିଲେ। ସରକାର ଏହାକୁ ତାଙ୍କ ମନଇଚ୍ଛା ବ୍ୟବହାର କରିବେ। ଶ୍ରମିକ ଆଉ କର୍ମଚାରୀଙ୍କ ସଂଜ୍ଞା ନିରୂପଣ କରି କୋଟି କୋଟି ଶ୍ରମିକଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଲେ ମୋଦି ସରକାର। ୧୨ ଘଣ୍ଟିଆ ଶ୍ରମ ଦିବସ ହେବ। ବଜାର ଦରକୁ ନେଇ ୫ ବର୍ଷିଆ ସର୍ବନିମ୍ନ ମଜୁରୀ ସ୍ଥିର ହେବ। ମଝିରେ ଆଉ ମଜୁରି ବଢିବ ନାହିଁ। ଓଭର ଟାଇମ୍ ଓ ସର୍ବସାଧାରଣ ଛୁଟିରେ ଦରମା ନାହିଁ। ଇଏସ୍‌ଆଇକୁ ଆଇନ ପରିସର ବାହାରେ ରଖିବେ। ପରାମର୍ଶଦାତା ବୋର୍ଡରେ ମାଲିକ ଓ ସରକାରଙ୍କର ଦୁଇ ତୃତୀୟାଂଶ ଲୋକ ରହିବେ। ଏହା ମୋଦି ଗ୍ୟାରେଣ୍ଟି ନୁହେଁ ଏହା ମୋଦିଙ୍କ ପକ୍ଷରୁ ଶ୍ରମିକମାନଙ୍କୁ ୱାରେଣ୍ଟ ଜାରି ହେଲା ବୋଲି କହିଥିଲେ। ଏହି ଜନ ବିରୋଧୀ ଓ ଶ୍ରମିକ ବିରୋଧୀ ଶ୍ରମ ସଂହିତାକୁ ଉଚ୍ଛେଦ ନ କଲେ ଆସନ୍ତା ଦିନରେ ଶ୍ରମିକମାନେ ରାଜରାସ୍ତାକୁ ଆସିବେ ବୋଲି ଶ୍ରୀ ରାୟଗୁରୁ କହିଛନ୍ତି। ଏହି ବିକ୍ଷୋଭରେ ରଶ୍ମିତା ଗୋଛିକାର, କୃପାସିନ୍ଧୁ ପଣ୍ଡା, ପୂର୍ଣ୍ଣ ମୁଦୁଲି, ସୁଜାତା ବିଶ୍ୱାସ, ବିଷ୍ଣୁ ପ୍ରିୟା ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବିଶ୍ୱଶାନ୍ତି ଅଗ୍ନିହୋତ୍ର ମହାଯଜ୍ଞ

**ପୁରୀ,୨୨।୧୧(ସମିସ):** ଓଡ଼ିଶା ଇଣ୍ଟର ନ୍ୟାଶନାଲ ସେଣ୍ଟର ପକ୍ଷରୁ ପବିତ୍ର ଦେବ ଦୀପାବଳି ଅବସରରେ ବଡ଼ଦାଣ୍ଡସ୍ଥିତ ହାତୀ ଆଖଡ଼ା ମଠ ପରିସରରେ ବିଶ୍ୱଶାନ୍ତି ଅଗ୍ନିହୋତ୍ର ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମଠ ମହନ୍ତ ବାବା ସୁଖରାମ ଦାସଙ୍କର ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଯଜ୍ଞରେ ମୁଖ୍ୟ କର୍ତ୍ତାକର୍ତ୍ତ୍ରୀ ଭାବେ ସତ୍ୟ ସୁନ୍ଦର ପଣ୍ଡା ଏବଂ ଡେଜି ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ।





JDM INTER DISTRICT COMPETITIONS (Any One)

| Group | Grade | Date | Item - I | Item - II | Item - III |
|---|---|---|---|---|---|
| A | Nursery - U.K.G | 7th Dec. 2025 | Fancy Dress | Rhymes (Eng. only) | ***** |
| B | Std. I & II | 7th Dec. 2025 | Poem Recitation (Eng. only) | Colouring | ***** |
| C | Std. III - V | 7th Dec. 2025 | Impersonation (Hindi/Odia/English) | Craft | Dance (90s) |
| D | Std. VI - VIII | 7th Dec. 2025 | Extempore (Eng. only) | Song (Patriotic) | Dance (Devotional/Mythological) |
| E | Std. IX - XII | 7th Dec. 2025 | Dance (Free Style) | PPT (Topic: AI and PRIVACY : ARE WE SAFE IN A SMART WORLD?) | Song (Devotional) |

A participant can participate in any one of the selected items from each group.
Registration FREE from 17th Nov 2025 to 4th Dec 2025.

Registrations can be done at school or through Online
https://forms.gle/GeFND1Z66TBTpvDU6 or SCAN the code
Additional information related to the competitions will be intimated through WHATSAPP.

Place of Registration :
SBD INTERNATIONAL SCHOOL
Affiliated to CBSE, New Delhi
New Campus : Gopabandhupur, Beside NH-16, Bhadrak

CONTACT US
7855080800
7077710014
9078112324
7077710012

ADMISSION OPEN
NURSERY-IX, XI (Sci.,Comm. & Arts)
For NEW SESSION 2026-27
HOSTEL FACILITY Available for BOYS & GIRLS

For admission enquiry link → https://forms.gle/fLc2YHNNCf7AjsXJ7


### ଦେବ ଦୀପାବଳି ମହୋତ୍ସବ ଉଦ୍‌ଯାପିତ

## ମନଛୁଆଁ ଭକ୍ତି ସଙ୍ଗୀତରେ ଭିଜିଲେ ଶ୍ରୋତା



**ପୁରୀ,୨୨।୧୧(ସମିସ):** ଶ୍ରୀଜଗନ୍ନାଥ ସେବା ସଂସ୍ଥାନ ପକ୍ଷରୁ ସିଂହଦ୍ୱାର ଏମାର ଚକଡାରେ ଅନୁଷ୍ଠିତ ଦେବ ଦୀପାବଳି ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ରାଜ୍ୟ ପର୍ଯ୍ୟଟନ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ଛତିଶା ନିଯୋଗ ଓ ଶ୍ରୀକ୍ଷେତ୍ର ମଠାଧୀଶ ସେବା ସଂଘ ମିଳିତ ସହଯୋଗରେ ତିନିଦିନ ଧରି ଏହା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଭକ୍ତିସଙ୍ଗୀତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନାମଧନ୍ୟ କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ନିଶିପ୍ରଭା ପାଣି, ପ୍ରଜ୍ଞା ହୋତା, ମାନସ ଦାସ, ବିଶ୍ୱରଞ୍ଜନ ବଡ଼ଜେନା ପ୍ରମୁଖ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଗୀତିକାର ନନସେନ୍ସ ମଣିଙ୍କ ରଚିତ ଶଶାଙ୍କ ଶେଖରଙ୍କର କଣ୍ଠ ଏବଂ ସ୍ୱର ସଂଯୋଜନାରେ ମୁକ୍ତିଲାଭ କରିଥିବା ଗୀତ 'କଳାକାର କରି ଭୁଲ୍ କଲୁ' ମଞ୍ଚରେ ଲୋକାର୍ପିତ ହୋଇଥିଲା। ଶଶାଙ୍କ ଶେଖର 'ନୀଳାଚଳ ଧାମ ଯାଇ ମୁଁ ପାରୁନି' ଏବଂ 'ତୋ' ଆଗରେ କିଛି ଧୂପ' ପରିବେଷଣ କରିଥିଲେ।

କାର୍ଯ୍ୟକ୍ରମରେ ବିଶିଷ୍ଟ ଅଭିନେତା ସବ୍ୟସାଚୀ ମିଶ୍ର ବଂଶୀ ବାଦନ କରି ବଂଶୀର ଧୂନ୍‌ରେ 'ଆହେ ନୀଳ ଶଇଳ' ଏବଂ 'ବୃନ୍ଦାବନେ ବଂଶୀ କେ ବଜାଇଲା' ପ୍ରଥମ କରି ମଞ୍ଚରେ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ମହାପ୍ରଭୁଙ୍କର ଶ୍ରୀ ପତିତପାବନ ବାନା ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମକୁ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି ଓ ଗଣେଶ ମହାପାତ୍ର ସଞ୍ଚାଳନ କରିଥିଲେ।

ଅନ୍ତିମ ଦିବସରେ ଗୀତିକାର ବଦ୍ରି ମିଶ୍ର, ସମାଜସେବୀ ମନୋଜ ରଥ, କଣ୍ଠଶିଳ୍ପୀ ବ୍ରଜମୋହନ ଜୀଙ୍କ ସମେତ ବହୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ତର ପ୍ରଦେଶର ରାଜ୍ୟସଭା ସାଂସଦ ଦିନେଶ ଶର୍ମା, ସାଂସଦ ଶୁଭାଶିଷ ଖୁଣ୍ଟିଆ ଅତିଥି ଭାବେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂସ୍ଥାନର ସଭାପତି ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ସମ୍ପାଦକ ଶୁଭାନନ୍ଦ ପୁରୀ, ମଧୁସୂଦନ ସିଂହାରୀ, ସବ୍ୟସାଚୀ ମିଶ୍ର, ବିଧୁଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋକ ଖୁଣ୍ଟିଆ, ନରେନ୍ଦ୍ର ମହାନ୍ତି, ଲକ୍ଷ୍ମୀ ନାରାୟଣ ଦାସ, ଗଣେଶ ମହାସୁଆର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com



# କଟନ୍ କ୍ୟାଣ୍ଡି



ଡା. ଇପ୍‌ସିତା ପ୍ରଧାନ

କଳା ରଙ୍ଗର ହୁଡ୍ଡି ପିନ୍ଧା ଛୁଆଟା, ଟିକେ ଛାଡ଼ି ଟିକେ ତା' ବାପା ହାତକୁ ଟାଣୁଛି "...ବାପା, କଟନ୍ କ୍ୟାଣ୍ଡି...ବାପା, କଟନ୍ କ୍ୟାଣ୍ଡି.....ବାପା, କଟନ୍ କ୍ୟାଣ୍ଡି..."

ଦୁଇ ଦିନ ହେଲା ପାର୍କରେ କ'ଣ ଗୋଟେ ଗପ-ଫେଷ୍ଟ ଚାଲିଛି ଯେ, ସନ୍ଧ୍ୟା ହେଲେ ଗପ ଶୁଣିବାକୁ ଭିଡ଼ ଜମୁଛି । ଭଲ ବେପାର ହେଉଛି ସେଇଥିପାଇଁ ଦି' ଦିନ ହେଲା । ଆଜିବି ଆସିଲା ପରଠୁ ୨୦ଟା ବେଲୁନ ଆଉ ୧୧ ଟା କଟନ୍ କ୍ୟାଣ୍ଡି ବିକି ସାରିଲାଣି ସୋମୁ । ଏମିତି ଫେଷ୍ଟିଭାଲ୍ ଟାଇମ୍‌ରେ ଭଲ ବେପାର ହୁଏ । ସେଇ କଥା ମନେମନେ ହିସାବ କରି ଆଜି, ସ୍କୁଲରୁ ଘରକୁ ନ ଯାଇ ସିଧା ମାଲିକ ପାଖକୁ ଯାଇ, ମାଲ୍ ଆଣି ପାର୍କ ଗେଟ୍ ସାମ୍ନାକୁ ପଳେଇ ଆସିଥିଲା ସେ । ଟିକେ ଅଧିକା ବେପାର ହେଲେ, ମାଲିକ ୧୦ ଟଙ୍କା ଦେଲେ ଗୋଟିଏ କଟନ୍ କ୍ୟାଣ୍ଡି ଦେଇଦିଏ । ଆଜି ଫେରିଲା ବେଳେ ରୋଜି ପାଇଁ ଗୋଟେ କଟନ୍ କ୍ୟାଣ୍ଡି ଯେମିତି ହେଲେ ନେବ ସେ । କଟନ୍ କ୍ୟାଣ୍ଡି ଭାରି ପସନ୍ଦ ରୋଜିର । ତା' କୁନିକୁନି ଆଙ୍ଗୁଠିରେ ଗୋଲାପି କଟନ୍ କ୍ୟାଣ୍ଡିରୁ ଟିକେ ଟିକେ କରି ନଖେଇ-ନଖେଇ ଖାଏ ସେ । ପ୍ରତିଥର ପାଟିରେ ଟୁକୁଡ଼ାଟେ ରଖିଲା ପରେ ଘେରାଏ ନାଚି ଯାଏ ।

ଦିନେ ପାଉଣା ପାଇ ସାରିବା ପରେ, ଦଶଟଙ୍କା ଦେଇ ମାଲିକଠୁ କଟନ୍ କ୍ୟାଣ୍ଡି ଗୋଟେ ମାଗିକି ନେଇଥିଲା ରୋଜି ପାଇଁ ଯେ... ଘରଭଡ଼ା ଦିଆ ହୋଇପାରୁନି କାଇଁ ଦଶ ଟଙ୍କା ବର୍ବାଦ କଲା କହି ମା' ବାଡ଼େଇ ନୋଳା ଫଟେଇ ଦେଇଥିଲା । ଆଇ ରାଣ-ନିୟମ କଲା ପରେ ଅଟକି ଥିଲା ମା' । ବାପା ଗଲା ପରଠୁ, ଦି ବର୍ଷ ହେଲା କେତେ କଷ୍ଟରେ ସଂସାର ଚଳୁଛି, କ୍ୟାଣ୍ଡି ଖାଇବାକୁ ଜିଦ୍ଦି କରୁଛି କହି ରୋଜିକୁ ବି ଦୁଇ-ଚାରି ବିଧା ଥୋଇଥିଲା । ପିଲାଙ୍କୁ ବାଡ଼େଇ ସାରି ପାହାନ୍ତା ଯାଏ ନିଜେ ବାହୁନୁ ଥିଲା ମା' । ରାତିରେ ତା' ନୋଳାଫଟା ପିଠିକୁ ଆଉଁଶୁ ଆଉଁଶୁ ରୋଜି କହିଥିଲା, "ବାପା ନଫେରିବା ଯାଏଁ ମୁଁ ଆଉ କଟନ୍ କ୍ୟାଣ୍ଡି ପାଇଁ ଜମା ଜିଦ୍ଦି କରିବିନି ଭାଇ ।"

ପକେଟରେ ହାତ ପୂରାଇ ମନେମନେ ଗଣିଲା ସୋମୁ । କାଲିଠୁ ହିସାବ କରିଛି ସେ । ଦୋକାନ ବାକି ଆଉ ଆଈର କାଶ ଔଷଦ କିଣିଲା ପରେ ଆଉ ୫୦ ଟଙ୍କା ତଥାପି ବଳିବ ତା' ହାତରେ । ଛୋଟିଆ ଉଜ୍ଜ୍ୱଳ ହସଟେ ତା' ଓଠ ଉପରେ ଖେଳିଗଲା । ହାତରେ କଟନ୍ କ୍ୟାଣ୍ଡି ପାଇଲେ ରୋଜି କେମିତି ଖୁସିରେ ଡେଇଁବ, ତାକୁ ଗେଲ କରି ପକେଇବ, ବିଲେଇ ଛୁଆଟେ ପରି ତା' ପାଖରେ ଗୁଞ୍ଜି ହେବ, ଆଖି ଆଗରେ ନାଚି ଯାଉଥାଏ ସୋମୁର । ପାର୍କ ଗେଟ୍ ପାଖରୁ ଟାଣି ଟାଣି ସେ କଳା ହୁଡ୍ଡି ପିନ୍ଧା ଛୁଆଟା ତା' ବାପାକୁ ସୋମୁ ସାମ୍ନାରେ ଆଣି ଠିଆ କରି, ପୁଣି କଟନ୍ କ୍ୟାଣ୍ଡି ପାଇଁ ଜିଦ୍ଦି କଲା । ଲୋକଟି ଯଦି ତା' ଜିଦ୍‌ରେ ଏବେ କଟନ୍ କ୍ୟାଣ୍ଡିଟେ କିଣି ଦିଅନ୍ତା, ତା' ହିସାବ ଅନୁସାରେ ସବୁ ଠିକ୍ ବସି ଯାଆନ୍ତା, ଭାବୁଥାଏ ସୋମୁ ।


ବାପା ଜଣକ କଟନ୍ କ୍ୟାଣ୍ଡି କିଣିବାକୁ ମନା କଲାବେଳେ ଛୁଆଟି ଜିଦ୍ ଧରିଥାଏ । "ଲୋକଟି କଟନ୍ କ୍ୟାଣ୍ଡି କିଣିବାକୁ ରାଜି ହୋଇଯାଉ" ବୋଲି ସୋମୁ ମନେମନେ ଠାକୁରଙ୍କୁ ପ୍ରାର୍ଥନା କରୁଥାଏ! ■

ଭୁବନେଶ୍ୱର
ମୋ: ୮୦୧୮୦୫୩୩୯୫

# ପୁସ୍ତକ ପରିଚୟ

## ପିଠା ନେଇଗଲା ଡାମରାକାଉ

### ସଂଗ୍ରାମ କେଶରୀ ପୃଷ୍ଟି





ବିଦ୍ୟା ପ୍ରକାଶନ
ବାଲୁବଜାର, କଟକ-୨
ପ୍ରଥମ ସଂସ୍କରଣ ୨୦୨୪
ମୂଲ୍ୟ : ୨୦୦ ଟଙ୍କା

ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କ 'ପିଠା ନେଇଗଲା ଡାମରାକାଉ' ପୁସ୍ତକ ପ୍ରକାଶ ପାଇଛି । ଏହି ପୁସ୍ତକରେ ୨୦ ଟି ମନଲୋଭା ଶିଶୁ ଗପ ସଂକଳିତ ହୋଇଛି । 'ଚଢ଼େଇ ଗଲା ଉଡ଼ି', 'ଗା'... ଲୋ କୋଇଲି ଗା'...', 'ଏ ରାସ୍ତା କୁଆଡ଼େ ଯାଇଛି?', 'ଆ'ରେ କାଉ ଆ'...', 'ହଇରେ କୁଲୁ...ଏଇଆ କଲୁ!', 'ପିଠା ନେଇଗଲା ଡାମରାକାଉ', 'ନିଆଁ ଓ ଲଣ୍ଠନ', 'କଳା କୋଇଲିର ଗୀତ ମିଠା...ମିଠା...', 'ଆଖିବୁଜି ଧାଉଁଥା', 'ପଇଡ଼ ବଡ଼ ମଧୁର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରତିଟି ଗପ ଶିକ୍ଷଣୀୟ ଓ କୌତୁକିଆ ହୋଇଛି । କାଉ, କୋଇଲି, ବଗ, କୁଆ, ବିଲୁଆ, ହନୁମାଙ୍କଡ଼, ଭାଲୁ, ହରିଣ ଆଦି ବିଭିନ୍ନ ପଶୁପକ୍ଷୀଙ୍କୁ ନେଇ ଏହି ପୁସ୍ତକର ଗପଗୁଡ଼ିକର କାହାଣୀ ଗତିଶୀଳ ହୋଇଛି । କାହାଣୀ ମାଧ୍ୟରେ ଗାଳ୍ପିକ ଅନେକ ଶିକ୍ଷଣୀୟ, ଉପଦେଶମୂଳକ କଥା ବର୍ଣ୍ଣନା କରିଛନ୍ତି । ଗପଗୁଡ଼ିକର ସରଳ ଓ ବୋଧଗମ୍ୟ ଭାଷା, କୌତୁକିଆ କାହାଣୀ, ନିଆରା ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଆକର୍ଷିତ କରିବ ନିଶ୍ଚୟ । ଆକର୍ଷଣୀୟ ରଙ୍ଗିନ ଛବି ସହ ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ଶ୍ରୀକ୍ଷେତ୍ରର ଶହେ କଥା

### ଡକ୍ଟର ନୀଳମଣି ଲେଙ୍କା




ପ୍ରଭୁ ପ୍ରକାଶନ
କୁମ୍ଭାର ସାହି, ବିଡ଼ାନାସୀ, କଟକ
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅପାର । ଶ୍ରୀକ୍ଷେତ୍ର ଏକ ପବିତ୍ର ଭୂମି । ଶ୍ରୀକ୍ଷେତ୍ର ସହିତ ଜଡ଼ିତ ବିଭିନ୍ନ କଥା, କିମ୍ବଦନ୍ତୀ, ମନ୍ଦିର, ଦେବଦେବୀ, ମଠ, ଆଶ୍ରମ ଆଦିକୁ ନେଇ ପ୍ରକାଶ ପାଇଛି ଡକ୍ଟର ନୀଳମଣି ଲେଙ୍କାଙ୍କ 'ଶ୍ରୀକ୍ଷେତ୍ରର ଶହେ କଥା' । ଏହି ପୁସ୍ତକରେ 'ବାଟ ମଙ୍ଗଳା', 'ଅଠର ନଳା', 'କ୍ଷେତ୍ରାଧିଶ୍ୱରୀ ମା' ବିମଳା', 'ମା' ହରଚଣ୍ଡୀ', 'ମା' ରାମଚଣ୍ଡୀ', 'ସମୁଦ୍ର ଲହଡ଼ି ଓ ଲକ୍ଷ୍ମୀ', 'ସାଲବେଗଙ୍କ ସମାଧି ପୀଠ', 'ଭକ୍ତବନ୍ଧୁ ମହାନ୍ତିଙ୍କ ଆଶ୍ରମ', 'ଜଗନ୍ନାଥ ଦାସ ଓ ସାତଲହଡ଼ି ମଠ', 'କବୀର ଚଉରା ମଠ' ଆଦି ସଂପର୍କରେ ଆଲୋଚନା କରାଯାଇଛି । ସେହିପରି 'ଶ୍ରୀମନ୍ଦିରର ପୂର୍ବ ଦ୍ୱାର', 'ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର', 'ଶ୍ରୀମନ୍ଦିରର ଉତ୍ତର ଦ୍ୱାର', 'ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର', 'ସିଦ୍ଧ ହନୁମାନ', 'କାଞ୍ଚି ଗଣେଶ', 'କଳ୍ପବଟ', 'ଶ୍ରୀମନ୍ଦିରରେ ଶ୍ୱାନ ପୂଜା' ଆଦିର ମାହାତ୍ମ୍ୟ ସଂପର୍କରେ ବର୍ଣ୍ଣନା କରାଯାଇଛି । ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ଶ୍ରୀଜଗନ୍ନାଥଙ୍କ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ଗବେଷଣାଧର୍ମୀ, ତଥ୍ୟ ଓ ତତ୍ତ୍ୱ ଭିତ୍ତିକ ଏହି ପୁସ୍ତକଟି ଶ୍ରୀଜଗନ୍ନାଥ ପ୍ରେମୀ ଓ ଶ୍ରୀକ୍ଷେତ୍ର ସଂପର୍କରେ ଜାଣିବା ପାଇଁ ଆଗ୍ରହୀ ପାଠକମାନଙ୍କୁ ଆକୃଷ୍ଟ କରିବ ନିଶ୍ଚୟ । ■

## କିଛି ଖରା କିଛି ଛାଇ

### ଡକ୍ଟର ଦୀପେନ କୁମାର ପଟ୍ଟନାୟକ




ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
ନୀଳାଦ୍ରି ବିହାର, ଭୁବନେଶ୍ୱର -୨୧
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୨୨୦ ଟଙ୍କା

"ଆମ ଜୀବନଟା ସତେ କିଛି ଖରା ଓ କିଛି ଛାଇର ଖେଳ/ମାନ ଅଭିମାନ ରୁଷାଫୁଲା ମାନଭଞ୍ଜନରେ ବିତି ଯାଏ କେତେ କାଳ ।" ( କିଛି ଖରା କିଛି ଛାଇ) ସତରେ ଜୀବଟା ଖରା, ଛାଇର ଲୁଚକାଲି ଖେଳ । ଜୀବନର ଏଭଳି ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଡକ୍ଟର ଦୀପେନ କୁମାର ପଟ୍ଟନାୟକଙ୍କ 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ୭୮ ଟି ମନଛୁଆଁ କବିତା ସଂକଳିତ ହୋଇଛି । 'କିଛି କଥା କିଛି ବ୍ୟଥା', 'ଅପେକ୍ଷା', 'ସବୁ ଅଛି କିଛି ନାହିଁ', 'ଆମ ଜୀବନେ ଫୁଲ ଓ କଣ୍ଟା', 'ଯନ୍ତ୍ରଣା', 'ବାସ୍ତବତା', 'ବାପା ତୁମେ ଚାଲିଗଲା ପରେ', 'ଆମ ଜୀବନର ରାସ୍ତା', 'ମୋବାଇଲ୍ ଫୋନ୍', 'ମାଉସୀ', 'ଭାଗଗତ ଟୁଙ୍ଗୀ', 'ପ୍ରତୀକ୍ଷା', 'ମୁଁ ଯଦି ମରିଯିବି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ଏହି ପୁସ୍ତକର କେତେକ କବିତାରେ ସାମାଜିକ ବାସ୍ତବତା, ଜୀବନର ଗଭୀର ଜିଜ୍ଞାସାବୋଧ, ମାନବୀୟ ଭାବାବେଗ, ସଂସ୍କୃତି, ପରମ୍ପରାର ଚିତ୍ର ପ୍ରତିଫଳିତ ହୋଇଛି । ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ କବି ଅନେକ ସାମାଜିକ କୁସଂସ୍କାର ସଂପର୍କରେ ସଚେତନ କରାଇ ଦେଇଛନ୍ତି । 'କିଛି ଖରା କିଛି ଛାଇ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

# ମୁକ୍ତିଘର



ଅମ୍ରିତ୍ ଋତୁରାଜ

ଏଇ ଚାରିକାନ୍ଥର
ପରସ୍ତ ପରସ୍ତ ପୁରୁଣା ଚୂନ
ମଳି ହେଇଥିବା ପୁଟି
ଚମ ଛାଲି ହେଇଥିବା ଚଟାଣ
ବାର ଶହ ଆତ୍ମାକୁ
ମୁକ୍ତ କରିଦେଇଛନ୍ତି
ନୂଆ କୋଉ ଜାଗା ଯିବାକୁ ।
ଏଇ କୋଠରି ବାର ଶହ ଆତ୍ମାର
ଖୋଳପାକୁ ପୋଡ଼ା ହେବା
ଦେଖିଲେ ମଣିକର୍ଣ୍ଣିକାରେ
ଏତେ ଶବର ବୋଝ ବୋହିଥିବା
କୋଠରି କ'ଣ ଏବେ ପ୍ରେତଶାଳା?
ନା ଭୟର ଏକଛତ୍ର ରାଜୁତି ସେଇଠି?
ସେଇଠି କ'ଣ ଆତ୍ମାମାନେ
ତାଙ୍କ ଅତୃପ୍ତତାରେ ବାରମ୍ବାର
ସେ କାନ୍ଥର ଚୂନକୁ ରାମ୍ପୁଡ଼ା ରାମ୍ପୁଡ଼ି
କରୁଛନ୍ତି ଆକ୍ରୋଶରେ?

ଏଠି ଅତୀତର ଆଙ୍ଗୁଳି
ପିନ୍ଧିଥିଲା ମୃତ୍ୟୁର ମୁଦି
ମୁକ୍ତ ହେବାକୁ ତର ତର ଆତ୍ମା
ଅପେକ୍ଷା କରିଥିଲା
ଅସ୍ତିତ୍ୱ ନିଜକୁ ସମର୍ପି ଦେବାକୁ
ଅନଳରେ ଇଚ୍ଛା ଅନିଚ୍ଛା ବିନା

ଇଏ ତ ଆଲିଙ୍ଗନର କୋଠରି
ଚାରିକାନ୍ଥର ଅନ୍ଧାରିଆ କୋଣ ସବୁ
ବାର ଶହ ଆଲିଙ୍ଗନ ଦେଖି ଦେଖି
ସଭିଏଁ ପିନ୍ଧିଛନ୍ତି ମୁକ୍ତିର ବିଭୂତି
ଇଏ ତ 'ମୁକ୍ତି ଘର'

ତା' ପାଇଁ ମୃତ୍ୟୁ ତ କେବଳ
ପରିଧାନ ବଦଳି
ସେ ଚିହ୍ନିଛି ସେ ଆତ୍ମାମାନଙ୍କୁ
ଯେଉଁମାନେ ସ୍ମିତ ହାସ୍ୟର
ବିଦାୟ ନେଇ ଚାଲିଗଲେ
ପଞ୍ଚଭୂତର ଆରପଟ ଉପତ୍ୟକାକୁ ।

ମୁକ୍ତିଘର ଅପେକ୍ଷା କରିଛି
ତା' ନୂଆ ଆଗନ୍ତୁକକୁ
କାମନାରୁ ବିଛିନ୍ନ କରିବାକୁ
ଯେ ପଞ୍ଜୁରି ଖୋଲିଗଲା
ହେଇଯାଅ ମୁକ୍ତ ପଥର ଅରଣୀ ବିହଙ୍ଗ ।
ହେଇଟି! ନୂଆ ଆଗନ୍ତୁକ ଆସିଗଲେ
ଦେଖ! ନିରିଖେଇ କି ଦେଖ
କିଛି ବର୍ଷ ଆଗରୁ ସେ
ତମ ଭଳି ହିଁ ଦିଶୁଥିବେ
କିଛି ବର୍ଷ ପରେ ତମେ ବି ତାଙ୍କ ଭଳି ଦିଶିବ । ■



# ହଁ ହଁ ଆମେ ପଶୁ



ଅମରେନ୍ଦ୍ର ମାଧବ ଦାଶ

ଆମେ ହୋଇପାରିଲୁନି ମଣିଷ
ପଶୁ ହୋଇ ରହିଗଲୁ ଚିରକାଳ...

ଆମ ପ୍ରଥା, ପରମ୍ପରା,
ଆମ ଚାଲି, ଚଳଣି,
ଆମ ସମାଜ ଓ ସଂସ୍କୃତି
ସେମାନଙ୍କ ସଭ୍ୟତାର ମାପକାଠିରେ
ଉତୁରି ପାରିଲାନି ବର୍ଷବର୍ଷ ଧରି...

ଆମ ଭଲପାଇବାର ଭାଷା
ସେମାନଙ୍କ ପାଇଁ ସାଜିଲା
ଦୁର୍ବୋଧ, ଦୂରୁହ, ଅଶ୍ଳୀଳ, ଅସଭ୍ୟ
ଆମ ଉଚ୍ଚାରଣ, ଆଚରଣ ଶୁଭିଲା
ସେମାନଙ୍କ କାନକୁ କଠୋର, କର୍କଶ...

ଯଦିଓ ଆମ ପରି
ସେମାନଙ୍କର ବି ଥିଲା
ଆଖି, କାନ, ନାକ, ପାଟି
ହାତ, ଗୋଡ଼, ଦେହ, ମୁଣ୍ଡ
ଆମକୁ ଲାଗୁଥିଲା
ସେମାନଙ୍କ ପରି ଆମେ ବି ସମାନ ମଣିଷ...

ଆମ ଭାବନା ଯେତିକି ଥିଲା ସ୍ୱଚ୍ଛ
ସେମାନଙ୍କ ପାଇଁ ସେତିକି ଥିଲା ଅପହଞ୍ଚ,
ପଛୁଆ, ନୀଚ, ଆଦିମ, ଆଦିବାସୀର ବିଶେଷଣ
ଘେରି ରହିଥିଲା ତାଙ୍କ ଚିନ୍ତା ଚେତନାରେ...

ଆମ ସରଳତାକୁ ଅସଭ୍ୟ କହି
ଆମ ବିଶ୍ୱାସକୁ ଅନ୍ଧବିଶ୍ୱାସ ନାଁ ଦେଇ
ଆମ ପରମ୍ପରାକୁ କୁସଂସ୍କାର ମନେକରି
ଆମ ସ୍ୱାବଲମ୍ବନକୁ ଅଶିକ୍ଷିତର ମାର୍କା ମାରି
ସେମାନେ ରଚିଲେ ବଡ଼ ଷଡ଼ଯନ୍ତ୍ର
ଟାଣିଦେଲେ ଅଭେଦ୍ୟ ଲକ୍ଷ୍ମଣରେଖା...

ଏଥର ଆମକୁ
ଅଲଗା କରିଦେଲେ ସବୁଥିରୁ ସେମାନେ
ତଥ୍ୟରୁ, ତାଲିକାରୁ
ସମାଜରୁ, ସରକାରରୁ
ଅନ୍ୟ ଏକ ଗ୍ରହର ଜୀବ ମନେକରି
ଆଉ ଆମ ନାଁ ଦେଇ ଦେଲେ 'ପଶୁ' ।।

ଆହା!
ମଣିଷ ଭିତରର ପଶୁତ୍ୱକୁ ଦେଖିଲୁ ଏଥର...।। ■

ଭୁବନେଶ୍ୱର
ମୋ.: ୯୪୩୭୩୫୯୯୪୫

# ପଣ୍ଡିତ ଗୋଦାବରୀଶଙ୍କ ଜୀବନାଲେଖ୍ୟ



ଅଧ୍ୟାପକ ଆଲୋକ ରଞ୍ଜନ ଷଡ଼ଙ୍ଗୀ

ଜୀବନ ବିତାଇ ଦେଉଥିବା ମଣିଷ କେବଳ ନିଜର ହୋଇ ବଞ୍ଚେ ଓ ମରେ କିନ୍ତୁ ଜୀବନକୁ ଉତ୍ସର୍ଗ କରିଦେଉଥିବା ମଣିଷ ସଭିଙ୍କର ହୁଏ ଓ ସଭିଙ୍କ ହୃଦୟରେ ଅମର ରୁହେ । ଭାର୍ଗବୀ ନଈ କୂଳରେ ଏକ ନିରବ, ନିସ୍ତବ୍ଧ ସନ୍ଧ୍ୟାକାଶକୁ ଚାହିଁ ଦେଶପ୍ରାଣ ଗୋପବନ୍ଧୁ ଦାସଙ୍କ ସହିତ ଯେଉଁ ତିନି ଜଣ ଯୁବକ ଶପଥ ନେଇଥିଲେ- "ସରକାରୀ ଚାକିରି କରିବା ନାହିଁ, ନିଜର ଭରଣପୋଷଣ ବିଳାସରେ ମନଦେବା ନାହିଁ । ଜନ୍ମ ହୋଇ ଦେଶକୁ ଯେମିତି ଦେଖିଛେ ମଲାବେଳକୁ ତା'ଠୁ ଉନ୍ନତ କରିଯିବା" ତନ୍ମଧ୍ୟରୁ ପଣ୍ଡିତ ଗୋଦାବରୀଶ ମିଶ୍ର ଜଣେ । ତାଙ୍କ ଜୀବନଯାତ୍ରାର ଆତ୍ମଲିପି ହେଉଛି 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' । ଆତ୍ମଜୀବନୀ ରଚନା ସମ୍ପର୍କରେ ସେ ଲେଖିଛନ୍ତି –" ମୁଁ ଯାହା ଲେଖିବି ତାକୁ ପଢ଼ି ଯେ କେହି ଆନନ୍ଦ ବା ଦୁଃଖ ଅନୁଭବ କରିବେ, ସେଥିପାଇଁ ଲେଖିବି ନାହିଁ; ମନୁଷ୍ୟ କିପରି ନିଜ ଦୁର୍ବଳତାର ଦାସ, ତାହା ଦେଖାଇବାକୁ ଲେଖିବି ମାତ୍ର ।"

୧୯୫୧ ମସିହାରେ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ ମଧ ତା' ପୂର୍ବରୁ ତାଙ୍କଠୁ ଆତ୍ମଜୀବନୀ ଲେଖାଇ ନେବାର ଅନେକ ପ୍ରୟାସ ତାଙ୍କ ବନ୍ଧୁ ଓ ସମର୍ଥକମାନେ କରିଥିଲେ । ୧୯୩୧ ମସିହାରେ ଗୋଦାବରୀଶଙ୍କ ଜଣେ ବନ୍ଧୁ କାଗଜ କଲମ ଧରି ଆତ୍ମଜୀବନୀ ଲେଖିବାକୁ ଚାହିଁଥିଲେ, କିନ୍ତୁ ଗୋଦାବରୀଶ କଥାଟିକୁ ଟାଳି ଦେଇଥିଲେ । ତା'ର ୧୪ ବର୍ଷ ପରେ ଆଉ ଜଣେ ବନ୍ଧୁ ଆତ୍ମଜୀବନୀ ଲେଖାଇବାର ଚେଷ୍ଟାରେ ସଫଳ ହୋଇ ଗୋଦାବରୀଶଙ୍କଠୁ ଦେଢ଼ଶହ ପୃଷ୍ଠା ଲେଖାଇ ନେଇଥିଲେ, କିନ୍ତୁ କିଛି କାରଣବଶତଃ ସେ ମଧ ଏଥିରୁ ନିଜକୁ ନିଷ୍କୃତ କରିଥିଲେ । ସେହି କାରଣ ସମ୍ପର୍କରେ ଗୋଦାବରୀଶ ତାଙ୍କ ଆତ୍ମଜୀବନୀର 'ନିଜକଥା'ରେ ଉଲ୍ଲେଖ କରିଛନ୍ତି - "ମୁଁ ତ ସେତେ ସିଦ୍ଧହସ୍ତ ଧୁରନ୍ଧର ଲେଖକ ନୁହେଁ, ଲେଖାର ଧରଣ ତାଙ୍କ ମନକୁ ପାଇଲା ନାହିଁ । ତହୁଁ ସେ ତାହା ନିଜର କେତେକ ସହକର୍ମୀଙ୍କୁ ନେଇ ଦେଖାଇଲେ । ସେମାନେ ସମସ୍ତେ ତାହା ପଢ଼ି ମତ ଦେଲେ ଯେ, ଆତ୍ମଜୀବନୀ ଲେଖିବା ଶକ୍ତି ମୋର ନାହିଁ । ତାଙ୍କର ଧାରଣା ହେଲା ଯେ, ମୁଁ କେତେକ କଥା ଲେଖିଯାଇଛି ଯାହା କି ଉଲ୍ଲେଖଯୋଗ୍ୟ ନୁହେଁ ଏବଂ ସେହିପରି କେତେକ ପ୍ରକାଶ ପାଇବା ଭଳି ବିଷୟ ଛାଡ଼ି ଦିଆଯାଇଛି । ସୁତରାଂ ଲେଖକ-ବନ୍ଧୁ ଲେଖିବାରେ ଆଉ ଆଗ୍ରହ ଦେଖାଇଲେ ନାହିଁ । ଲେଖାଟା ସେହିଠାରେ ହିଁ ବନ୍ଦ ରହିଗଲା ।" ପରିଶେଷରେ ୧୯୫୧ ମସିହା ପୂଜା ସମୟରୁ ସେ ଆତ୍ମଜୀବନୀ ଲେଖା ଆରମ୍ଭ କରିଥିଲେ । ୧୯୫୧-୫୨ ମସିହା ବେଳକୁ ଗୋଦାବରୀଶ ବାଣପୁର-କୃଷ୍ଣପ୍ରସାଦ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହେବା ପରେ ରାଜନୈତିକ ଜଞ୍ଜାଳରେ ବ୍ୟସ୍ତ ରହି ଆତ୍ମଜୀବନଟିକୁ ତୁଣ୍ଡେ ତୁଣ୍ଡେ ଡାକିଛନ୍ତି ଓ ବାଣପୁର ହାଇସ୍କୁଲର ଶିକ୍ଷକ ଶ୍ରୀଜଗନ୍ନାଥ ମହାପାତ୍ର ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି । ପରେ ପାଣ୍ଡୁଲିପିର ଚାରିଭାଗରୁ ତିନିଭାଗ ସାମାନ୍ୟ କିଛି ପରିବର୍ତ୍ତନ କରି ଗୋଦାବରୀଶ ପୁଣି ନିଜ ହାତରେ ଲେଖିଛନ୍ତି ।

ଗୋଦାବରୀଶଙ୍କ ଆତ୍ମଜୀବନୀ ଆଦର୍ଶବାଦର ଜୟଯାତ୍ରାର କାହାଣୀ କୁହେ । ନାନା ପ୍ରତିକୂଳ ବାତାବରଣ, ଦାରିଦ୍ର୍ୟର କଷାଘାତ, ଅଭାବ ଅନଟନର ଆକଟ କେହି ବି ତାଙ୍କୁ ଆଦର୍ଶ ପଥରୁ ବିଚ୍ୟୁତ କରିପାରି ନଥିଲେ । ଗୋଦାବରୀଶ ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ଜୀବନବ୍ୟାପୀ ସଂଗ୍ରାମ ଓ ସାଧନା ବଳରେ ସମଗ୍ର ଉତ୍କଳବାସୀଙ୍କ ହୃଦୟରେ ନିଜ ପାଇଁ ଘରଟିଏ କରିପାରିଛନ୍ତି । ଓଡ଼ିଶା ପ୍ରଦେଶ, ଓଡ଼ିଶା ଜନତା ଓ ଓଡ଼ିଆ ଭାଷାର ସ୍ୱାଭିମାନ ରକ୍ଷା ସହିତ ସ୍ୱଦେଶୀ ଆନ୍ଦୋଳନ, ବିହାର-ଓଡ଼ିଶାର ପ୍ରାଶାସନିକ ଏକୀକରଣ, ବଙ୍ଗଭଙ୍ଗ ଆନ୍ଦୋଳନ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ତତ୍କାଳୀନ ସମାଜରେ ନାରୀର ଦୁରାବସ୍ଥା ସହ ନାରୀ ଜାତିର ମହନୀୟତା, ନିଶା ନିବାରଣ ଆଇନର ରଦ୍ଦୀକରଣ, ସତ୍ୟବାଦୀ ବନବିଦ୍ୟାଳୟର ଉଦୟ, ମଧ୍ୟାହ୍ନ, ଅସ୍ତରାଗ ଓ ସନ୍ଧ୍ୟାର ଚିତ୍ର, ବିଦ୍ୟାଳୟ ପାଇଁ ଶିକ୍ଷକମାନଙ୍କର ତ୍ୟାଗ, ନିଷ୍ଠା ପ୍ରଭୃତି ପ୍ରସଙ୍ଗକୁ ନେଇ ଗୋଦାବରୀଶଙ୍କ ଆତ୍ମଜୀବନୀ ପରିପୁଷ୍ଟ । ଗୋଦାବରୀଶଙ୍କ ଆତ୍ମଜୀବନୀ ସମ୍ପର୍କରେ ଆଲୋଚକ ତାରିଣୀ ଚରଣ ଦାସଙ୍କ ମତ ଉଲ୍ଲେଖନୀୟ –"ଏଥିରେ ଲେଖକଙ୍କ ବ୍ୟକ୍ତିତ୍ୱ ବ୍ୟକ୍ତିଗତ ଜୀବନ ସହିତ ସମଷ୍ଟିଗତ ଜୀବନକୁ ନେଇ ପ୍ରକାଶ ପାଇଛି । ଅର୍ଥାତ୍ ଲେଖକଙ୍କ ସ୍ୱକୀୟ ଜୀବନ ସଂଘର୍ଷ ସହିତ ରାଷ୍ଟ୍ରୀୟ ଆନ୍ଦୋଳନର ସଂଘର୍ଷ ପ୍ରତିବିମ୍ବିତ ହୋଇଛି । ବୈୟକ୍ତିକ ଦୋଷ ଦୁର୍ବଳତା ସଙ୍ଗେସଙ୍ଗେ ସାମାଜିକ ବା ରାଷ୍ଟ୍ରୀୟ ଦୋଷଦୁର୍ବଳତାମାନ ଅଭିବ୍ୟକ୍ତ ହୋଇଛି"

ଗୋଦାବରୀଶ ମହାପାତ୍ର ତାଙ୍କ ଆତ୍ମଜୀବନୀକୁ ଦୁଇ ଭାଗରେ ରଚନା କରିବାକୁ ଚାହିଁଥିଲେ ଏବଂ ତା'ର ସୂଚୀପତ୍ର ମଧ ପ୍ରସ୍ତୁତ କରିଥିଲେ । କିନ୍ତୁ ତାଙ୍କର ବ୍ୟସ୍ତବହୁଳ ରାଜନୀତି ଜୀବନରେ ଛନ୍ଦି ହୋଇ ଆତ୍ମଜୀବନୀକୁ ପୂର୍ଣ୍ଣାଙ୍ଗ କରି ପାରି ନଥିଲେ । 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ତହିଁରେ ମୋର ସ୍ଥାନ' ଆତ୍ମଜୀବନୀର ଭୂମିକା 'ଦୁଇ-ଚାରି-କଥା'ରେ ତାଙ୍କର ଜ୍ୟୋଷ୍ଠପୁତ୍ର ରଘୁନାଥ ମିଶ୍ର ଲେଖିଛନ୍ତି - ଆତ୍ମଚରିତକୁ ଦୁଇ ଭାଗରେ ବିଭକ୍ତ କରିବା ପୂଜ୍ୟପାଦ ପଣ୍ଡିତଜୀଙ୍କର ଅଭିପ୍ରେତ ଥିଲା । ନିଜର ଜନ୍ମଠାରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅର୍ଥାତ୍ ୧୯୩୬ ମସିହାର ଆରମ୍ଭକାଳ ପର୍ଯ୍ୟନ୍ତ, ପ୍ରାୟ ପଚାଶ ବର୍ଷର ବିଷୟ-ବସ୍ତୁ ପ୍ରଥମ ଭାଗରେ ରହିବା କଥା ଏବଂ ଜୀବନର ପଚାଶବର୍ଷର ପରବର୍ତ୍ତୀ ବିଷୟ-ବସ୍ତୁ ଦ୍ୱିତୀୟ ଭାଗରେ ଆଲୋଚ୍ୟ । ସେ ଯେ ସୂଚୀପତ୍ର କରିଛନ୍ତି, ସେଥିରେ ପ୍ରଥମ ଭାଗର ପଞ୍ଚଚାଳିଶ ପରିଚ୍ଛେଦରୁ ଚଉତିରିଶଟି ମାତ୍ର ଲେଖିଛନ୍ତି; ବାକିତକ ଅଲେଖା ରହିଯାଇଛି । ଦ୍ୱିତୀୟ ଭାଗର ସୂଚୀ ଆୟୋଜନ କରି, ସେ ନିଜେ ଲିପିବଦ୍ଧ କରିଥିଲେ ମଧ କିଛି ହେଲେ ବିଷୟ ଲେଖି ଯାଇ ପାରିନାହାନ୍ତି" । ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ମୃତ୍ୟୁ ହେବାରୁ ଆତ୍ମଜୀବନୀଟି ଅଧାଲେଖା ହୋଇଗଲା । ଅଭିରାମ ମହାପାତ୍ର, ଗ୍ରନ୍ଥମନ୍ଦିରଙ୍କ ଦ୍ୱାରା ପ୍ରଥମେ ୧୯୫୮ ମସିହାରେ ଏହା ପୁସ୍ତକ ରୂପେ ପ୍ରକାଶ ପାଇଥିଲା । ପ୍ରଥମ ଓଡ଼ିଆ ଆତ୍ମଜୀବନୀ ଭାବରେ ଏହି ଗ୍ରନ୍ଥଟି ୧୯୬୧ ମସିହାରେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଦ୍ୱାରା ପୁରସ୍କାର ଲାଭ କରିଥିଲା ।

ଗୋଦାବରୀଶଙ୍କ ଆତ୍ମଚରିତ କେବଳ ତାଙ୍କ ବ୍ୟକ୍ତିଗତ ଜୀବନର ବ୍ୟାଖ୍ୟାନ ନୁହେଁ, ବରଂ ତାହା ହେଉଛି ଉତ୍କଳୀୟ ଜାତୀୟ ଜୀବନର କ୍ରମବିକାଶର ଗୌରବପୂର୍ଣ୍ଣ ଆଖ୍ୟାନ । ଆତ୍ମମୁଗ୍ଧତାର ଖୁବ୍ ଦୂରରେ ଠିଆ ହୋଇ, ଅତିଶୟୋକ୍ତିକୁ ପରିହାର କରି ସେ ଯାହା କହିଛନ୍ତି ସତ କହିଛନ୍ତି । ଜୀବନର ଅତ୍ୟନ୍ତ ଗୋପନ କଥା ଓ ବ୍ୟଥାକୁ ନିର୍ବିକାର ଭାବରେ ଜାତି ଆଗରେ ପରସିଦେଇଛନ୍ତି । ତେଣୁ ତାଙ୍କ ଆତ୍ମଜୀବନୀରେ ଆଲୁଅ ଯେତିକି ସୁନ୍ଦର ଲାଗେ ଅନ୍ଧାର ତାଠୁ ଢେର ମନୋହର ମନେହୁଏ । ■

ବାଜିରାଉତ ସ୍ମୃତି ମହାବିଦ୍ୟାଳୟ
ଭୁବନ, ଢେଙ୍କାନାଳ

# ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠର ୫୬୭ ଖଣ୍ଡ ରୁପା ଇଟା

- ୨୦୧୧ରେ ୫୨୨ ଓ ୨୦୨୧ରେ ମିଳିଥିଲା ୪୫ ଖଣ୍ଡ
- ପୁଲିସ ଅସ୍ତ୍ରାଗାର ଓ ଜିଲ୍ଲା ଟ୍ରେଜେରୀରେ ରହିଛି ରୁପା ଇଟା

ପୁରୀ,୨୨।୧୧(ସମିସ): କ'ଣ ହେବ ଏମାର ମଠରୁ ମିଳିଥିବା ୫୬୭ ଖଣ୍ଡ ରୁପା ଇଟାର ଭାଗ୍ୟ? ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ଫେରିବ ନା ସେମିତି ପୁଲିସ ଅସ୍ତ୍ରାଗାର ଏବଂ ଜିଲ୍ଲା ଟ୍ରେଜେରୀରେ ରହିଯିବ? ଏମିତି ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏହି ରୁପା ଇଟା ଶ୍ରୀମନ୍ଦିର ଅଧୀନକୁ ଫେରିବ ବୋଲି ସମ୍ଭାବନା ଦେଖାଦେଇଛି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ଆଲୋଚନା ହୋଇଥିବା ବେଳେ ଏଥିପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ଅତୀତରେ ଓଡ଼ିଶାର ସବୁଠୁ ଧନୀ ତଥା ବିତ୍ତଶାଳୀ ମଠ ଭାବେ ପରିଚିତ ଥିଲା ଏମାର ମଠ। ପ୍ରାୟ ୯୦୦ ବର୍ଷ ତଳର ଏହି ମଠ ବିପତ୍ତି ସମୟରେ ସହଯୋଗ ଓ ସହାୟତାର ହାତ ବଢ଼ାଉଥିଲା। ୨୦୧୧ ମସିହାରେ ଶ୍ରୀ ସମ୍ପ୍ରଦାୟର ଏହି ମଠ ରୁପା ଇଟାକୁ ନେଇ ବେଶ୍ ଚର୍ଚ୍ଚା ସୃଷ୍ଟି କରିଥିଲା। ସେତେବେଳେ ମଠରୁ ମିଳିଥିଲା ୫୨୨ ଖଣ୍ଡ ରୁପା ଇଟା। ୧୦ବର୍ଷ ପରେ ୨୦୨୧ ଏପ୍ରିଲ ୧୦ ତାରିଖରେ ପୁଣିଥରେ ରୁପା ଇଟାକୁ ନେଇ ଚର୍ଚ୍ଚାକୁ ଆସିଥିଲା ଏହି ମଠ। କାରଣ ମଠରୁ ମିଳିଥିଲା ଆହୁରି ୪୫ ଖଣ୍ଡ ରୁପା ଇଟା।

କୋଟି କୋଟି ଟଙ୍କା ମୂଲ୍ୟର ଏହି ରୁପାଇଟା ସମ୍ପର୍କରେ ଜାଣିବାକୁ ହେଲେ ମନେ ପକାଇବାକୁ ପଡ଼ିବ ୨୦୧୧ ମସିହା କଥା। ସେତେବେଳେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ମଠର ଦୁଇଟି କୋଠରି ମରାମତି ଚାଲିଥିଲା। ସେଥିରେ ନିୟୋଜିତ ଠିକାଦାର ଏବଂ ଶ୍ରମିକ ମଠରେ ସିନ୍ଦୁକ ଭାଙ୍ଗି ରୁପାଇଟା ଚୋରି କରିଥିବା ଅଭିଯୋଗ ହୋଇଥିଲା। ପରେ ଆରମ୍ଭ ହୋଇଥିଲା ଖୋଳତାଡ଼। ଢେଙ୍କାନାଳର ଜଣେ ବ୍ୟକ୍ତିଙ୍କଠାରୁ ରୁପାଇଟା ଜବତ ହେବା ପରେ ସିଂହଦ୍ୱାର ପୁଲିସ ଗୋଟିଏ କୋଠିରରେ ଥିବା



ସିନ୍ଦୁକରୁ ୫୨୨ ଖଣ୍ଡ ରୁପା ଇଟା (ସେତେବେଳେ ଆନୁମାନିକ ମୂଲ୍ୟ ପ୍ରାୟ ୯୦ କୋଟି ଟଙ୍କା) ଜବତ କରିଥିଲା। ସେହି ରୁପା ଇଟାଗୁଡ଼ିକ ବ୍ରିଟିଶ ଅମଳର ବୋଲି ଜଣାପଡ଼ିଥିଲା। ଆଇନଗତ ବିବାଦରେ ଛନ୍ଦି ହେବା ପରେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାହାକୁ ଜିଲ୍ଲା ପୁଲିସ ଅସ୍ତ୍ରାଗାରରେ ରଖାଯାଇଛି। ହେଲେ ୧୪ବର୍ଷ ପରେ ବି ଏହାର ତଦନ୍ତ ପ୍ରକ୍ରିୟା ଆଗକୁ ବଢ଼ିପାରି ନାହିଁ। ଇତିମଧ୍ୟରେ ୧୦ରୁ ଅଧିକ ତଦନ୍ତ ଅଧିକାରୀ ଓ ଏସ୍‌ପି ଏଠାରୁ ଅନ୍ୟତ୍ର ବଦଳି ହୋଇସାରିଲେଣି। ମାତ୍ର ରୁପାଇଟା ଏବେ ବି ରହସ୍ୟମୟ ହୋଇପଡ଼ିଛି। ଏହି ଘଟଣାରେ ପୁଲିସ କେବଳ ଢେଙ୍କାନାଳର ଦୁଇଜଣ ଶ୍ରମିକ, ମଠ ମହନ୍ତ, ଚେଲା, ଜୁଏଲାରୀ ମାଲିକ ଓ କିଛି ବ୍ୟବସାୟୀଙ୍କୁ ଗିରଫ କରିଥିବା ବେଳେ ପ୍ରସଙ୍ଗକୁ ଏବେ ପ୍ରାୟ ଭୁଲିଯିବାକୁ ଲାଗିଲେଣି।

ସେହିପରି ୨୦୨୧ ଏପ୍ରିଲ ୧୦ ତାରିଖରେ ନୂତନ ଟ୍ରଷ୍ଟବୋର୍ଡକୁ ମଠ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ସମୟରେ ମହନ୍ତଙ୍କ ଜିମା ଦିଆଯାଇଥିବା ଜିନିଷପତ୍ରକୁ ପୂର୍ବ ତାଲିକା ସହ ମେଳକ କରାଯାଉଥିଲା। ଏହି ସମୟରେ ମଠର ଏକ ବନ୍ଦ କୋଠରିର ପୋତାଯାଇଥିବା ୪୫ଖଣ୍ଡ ରୁପା ଇଟା ଖୋଳି ବାହାର କରାଯାଇଥିଲା। ପରେ ଏହାକୁ ଜିଲ୍ଲା ଟ୍ରେଜେରୀକୁ ନିଆଯାଇ ରଖାଯାଇଛି।

ବିଭିନ୍ନ ସମୟରେ ଏମାର ମଠରୁ ମିଳିଥିବା ରୁପାଇଟାକୁ ଶ୍ରୀମନ୍ଦିର ଅଧୀନକୁ ଆଣିବାକୁ ଦାବି ଉଠିଛି। ଏହି ପ୍ରସଙ୍ଗକୁ ଗୁରୁତର ଭାବେ ଗ୍ରହଣ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହା ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ ଯେ ଏମାର ମଠରୁ ଉଦ୍ଧାର ରୁପା ଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୁପା ଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ ସେ ନେଇ ରାଜ୍ୟ ସରକାରଙ୍କ ସ୍ତରରେ ମଧ୍ୟ ଆଲୋଚନା ହୋଇଛି। ଏ ନେଇ ପ୍ରକ୍ରିୟା ଚାଲିଛି। ନିୟମ ଅନୁସାରେ ମନ୍ଦିର ପ୍ରଶାସନ ଅଧୀନକୁ ଏହି ରୂପା ଇଟା ଅଣାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

## ଦୁଇ ଗଣଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଲେଖାଏଁ ଜେଲ୍

ଉଦଳା, ୨୨।୧୧ (ସମିସ): ଏକ ଗଣଦୁଷ୍କର୍ମ ମାମଲାର ଶୁଣାଣି କରି ଉଦଳା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ କୋର୍ଟ ଆଜି ଦୁଇଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏଁ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ବିଚାରପତି ପ୍ରଦୀପ କୁମାର ବେହେରା ମାମଲାର ଶୁଣାଣି କରି ଉପରୋକ୍ତ ରାୟ ଶୁଣାଇଛନ୍ତି। ଆସାମୀଦ୍ୱୟ ହେଲେ, କପ୍ତିପଦା ଥାନା ଅନ୍ତର୍ଗତ ବୃନ୍ଦାଗଡ଼ି ଗ୍ରାମର ସାଗର ହାଁସଦା ଏବଂ ସୁରେନ୍ଦ୍ର ସୋରେନ୍।

ଅଭିଯୋଗ ଅନୁଯାୟୀ, ଗତ ୨୦ ଏପ୍ରିଲରେ ପୀଡ଼ିତାଙ୍କୁ ନିଶା ଖୁଆଇ ସାଗର ଓ ସୁରେନ୍ଦ୍ର ତାଙ୍କୁ ଦୁଷ୍କର୍ମ କରିଥିଲେ। ପରେ ଏ ସଂପର୍କରେ ଜଣାପଡ଼ିବା ପରେ ପରିବାରଲୋକେ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ପୀଡିତାଙ୍କ ବୟାନ ରେକର୍ଡ କରିଥିଲା। ଅଭିଯୋଗ ଆଧାରରେ ପୁଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅତିରିକ୍ତ ପିପି ଲିଲେଶ କୁମାର ଜେନା ପରିଚାଳନା କରୁଥିଲେ।

■ ସ୍କୁଲ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

## ୪ ନାବାଳକ ଜେଜେବିରେ ହାଜର

ବ୍ରହ୍ମପୁର, ୨୨।୧୧(ସମିସ): ଏକ ସରକାରୀ ସ୍କୁଲରେ ୯ମ ଶ୍ରେଣୀର ପଢୁଥିବା ଜଣେ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ବୈଦ୍ୟନାଥପୁର ଥାନା ପୁଲିସ ୪ଜଣ ନାବାଳକଙ୍କୁ ଧରିବା ସହ ଘଟଣାରେ ବ୍ୟବହୃତ ଲୁହା ପଞ୍ଚ୍ ଜବତ କରିଛି। ଶନିବାର ୪ ନାବାଳକଙ୍କୁ ଜେଜେବିରେ ହାଜର କରାଯାଇଥିଲା। ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଅଭିଯୋଗକାରୀଙ୍କ ୧୫ ବର୍ଷର ପୁଅ ଉକ୍ତ ଥାନା ଅଞ୍ଚଳରେ ଥିବା ଏକ ସରକାରୀ ସ୍କୁଲରେ ପଢ଼ନ୍ତି। ଗତ ୨୦ ତାରିଖ ଅପରାହ୍ଣରେ ଉକ୍ତ ଛାତ୍ରଜଣଙ୍କ ସ୍କୁଲରୁ ଘରକୁ ଫେରୁଥିବା ବେଳେ ସମ୍ପୃକ୍ତ ୪ନାବାଳକଙ୍କ ମଧ୍ୟରୁ ଜଣେ ତାଙ୍କୁ ଗାଡ଼ିରେ ବସାଇ ନେଇ ଏମ୍‌କେସିଜି ମେଡିକାଲ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାସ୍ତାରେ ଓହ୍ଲାଇଥିଲେ। ସେଠାରେ ପୂର୍ବରୁ ଅନ୍ୟ ୩ଜଣ ନାବାଳକ ଛିଡ଼ା ହୋଇଥିଲେ। କୌଣସି ବିଷୟକୁ ନେଇ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ସଂଘବଦ୍ଧ ଭାବେ ନାବାଳକଙ୍କୁ ଆକ୍ରମଣ କରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ।

## ଜଗତସିଂହପୁରରୁ ଫେରାର ବାଂଲାଦେଶୀ ଅଳକୁଣ୍ଡରୁ ଗିରଫ

ବିଞ୍ଝାରପୁର/ପ୍ରୀତିପୁର/ଜଗତସିଂହପୁର, ୨୨।୧୧(ସମିସ): ଜଗତସିଂହପୁର ଜିଲ୍ଲାରେ ବାଂଲାଦେଶୀଙ୍କୁ ଉଚ୍ଛେଦ କରାଯାଉଥିବା ସମୟରେ ପୁଲିସ ଉପରକୁ ଆକ୍ରମଣ ଘଟଣାରେ ସାମିଲ ଥିବା ଦୁଇ ଅଭିଯୁକ୍ତ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରୁ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ହେଲେ, ଜଗତସିଂହପୁର ଥାନା ଅନ୍ତର୍ଗତ ଧନୀପୁର ପଞ୍ଚାୟତ ତରିକୁନ୍ଦ ଗ୍ରାମର ଦୁଇ ଭାଇ ସିକନ୍ଦର ଆଲାମ ଓରଫ ସିକୋ ଓ ଅବଦୁଲ ମୋତିଲିବ ଖାନ ଓରଫ୍ ଟିକି।



ଗତ ୧୬ ତାରିଖରେ ଜଗତସିଂପୁରରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀମାନଙ୍କ ଉଚ୍ଛେଦ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶମତେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଅଭିଯୁକ୍ତଦ୍ୱୟ ବାଂଲାଦେଶୀମାନଙ୍କୁ ନିଜ ଘରେ ଆଶ୍ରୟ ଦେବା, ନିଜ ଘରେ ବିଭିନ୍ନ ପ୍ରକାର ମାରଣାସ୍ତ୍ର ରଖିବା, ବାଂଲାଦେଶୀ ମାନଙ୍କ ସହିତ ମିଶି ପୁଲିସ ଉପରେ ଆକ୍ରମଣ କରିବା ଭଳି ସଙ୍ଗୀନ ଅପରାଧରେ ସାମିଲ ଥିବା ନେଇ ଜଗତସିଂପୁର ପୁଲିସ ଜାଣିବାକୁ ପାଇଥିଲା। ଜଗତସିଂପୁର ପୁଲିସ ଏହି ଘଟଣାକୁ କେଶ ନଂ ୯୧୨/୨୫ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଦ୍ୱୟ ଘଟଣା ପରଠାରୁ ଫେରାର ରହିଥିଲେ। ଅଭିଯୁକ୍ତଦ୍ୱୟ ଯାଜପୁର ଜିଲ୍ଲା ଅଳକୁଣ୍ଡ ଥାନା ଅଞ୍ଚଳରେ ଆତ୍ମଗୋପନ କରିଥିବା ଜଗତସିଂହପୁର ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା। ସ୍ଥାନୀୟ ଆରକ୍ଷୀ ନିରୀକ୍ଷକ ଶୁଭ୍ରଜିତ ଦାସଙ୍କ ନେତୃତ୍ୱରେ ଏକ ୫ ଜଣିଆ ଟିମ୍ ଓ ଅଳକୁଣ୍ଡ ଥାନାଧିକାରୀ ଦେବାଶିଷ ଶତପଥୀଙ୍କ ସହ ମିଶି ଶୁକ୍ରବାର ବିଳମ୍ବିତ ରାତିରେ ଅଳକୁଣ୍ଡ ଅଞ୍ଚଳର ସେକ୍ ମୁସଲିମ ଓରଫ ମୋତିଙ୍କ ଘର ଉପରେ ମିଳିତ ଚଢ଼ଉ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲେ। ତେବେ କେଉଁ ପରିସ୍ଥିତିରେ ଫେରାର ବାଂଲାଦେଶୀଙ୍କୁ ଏଠାରେ ଶରଣ ଦିଆଯାଇଥିଲା ଏବଂ ଉଭୟଙ୍କ ମଧ୍ୟରେ କ'ଣ ସଂପର୍କ ରହିଛି ପୁଲିସ୍ ତାର ଖୋଳତାଡ଼ କରୁଛି।

■ ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲା

## ଚୌଦ୍ୱାର ଜେଲ୍‌କୁ ଯିବେ ଶଙ୍କର, ସହଯୋଗୀ

ବ୍ରହ୍ମପୁର, ୨୨।୧୧(ସମିସ): ପୁଲିସ ଏସ୍‌ଆଇ କେଲେଙ୍କାରୀ ମାମଲାର ତଦନ୍ତ ଭାର ବର୍ତ୍ତମାନ ସିବିଆଇ ଅଧୀନରେ ରହିଛି। ଏହି ମାମଲା ସିବିଆଇ ନେବା ପରେ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟରେ ପହଞ୍ଚିବ। ପରେ ବ୍ରହ୍ମପୁର ଜେଲରେ ରହିଥିବା ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତି ଓ ଅନ୍ୟ ଅଭିଯୁକ୍ତଙ୍କ ଠିକଣା ବଦଳିବ ବୋଲି ଜଣାପଡ଼ିଛି। ଚୌଦ୍ୱରା ଜେଲକୁ ଯିବେ ଶଙ୍କର ଓ ତାର ସହଯୋଗୀ। ଅନ୍ୟପକ୍ଷରେ, ସିବିଆଇ ଡାକିପାରେ ୨ ଜଣ ତଦନ୍ତଧିକାରୀ ଡ଼ିଏସପିଙ୍କୁ। ସେମାନେ ହେଲେ, ବ୍ରହ୍ମପୁର ପୁଲିସ ଜିଲ୍ଲାର ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ ଓ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ। ବ୍ରହ୍ମପୁର ପୁଲିସ ଏହି ରାକେଟର ପର୍ଦ୍ଦାଫାସ୍ କରିଥିଲା। ସେତେବେଳେ ଏହି ଘଟଣାର ତଦନ୍ତ ଅଧିକାରୀ ରହିଥିଲେ ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ। ପରେ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିଥିଲା। ସେତେବେଳେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ରତ୍ନପ୍ରଭା ଶତପଥୀ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କ ସମେତ ମୋଟ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥଲେ। ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଏସଆଇ ପରୀକ୍ଷା କେଲେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସିଲିକନ ପ୍ରାଇଭେଟ୍ ଲିମିଟେଡ୍ ମାଲିକ ସୁରେଶ ଚନ୍ଦ୍ର ନାୟକ, ଦଲାଲ ଅରବିନ୍ଦ ଦାସ ଓ ଏଜେଣ୍ଟ ସାଗର ଗୌଡ, ବିଶ୍ୱରଂଜନ ବେହେରା, ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା, ଅହମ୍ମଦ ଖାନ ଓ ଲୋକନାଥ ସାହୁ ରହିଛନ୍ତି। ଖୁବଶୀଘ୍ର ସିବିଆଇ ଶଙ୍କର, ମୁନା, ଅରବିନ୍ଦ ସମେତ ୫ରୁ ଉର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ପର୍ଯ୍ୟାୟକ୍ରମେ ରିମାଣ୍ଡରେ ନେଇ ମୁହାଁମୁହିଁ ଜେରା କରିବ ବୋଲି ଜଣାପଡିଛି। ଅଧିକ ତଥ୍ୟ ଜାଣିବା ପାଇଁ ସିବିଆଇ ଉପରୋକ୍ତ ଦୁଇ ତଦନ୍ତଅଧିକାରୀ ଡିଏସପିଙ୍କୁ ଡାକିପାରେ।

**AFFIDAVIT**

By virtue of an Affidavit no. 6579 sworn before the Executive Magistrate, Puri on 11/11/2025 that I, Madhabi Das, D/o- Shyam Sundar Barik, resident of Dolamandap Sahi, Puri, declare that my correct name is Madhabi Das and date of birth is 11/02/1969 as per my Aadhaar Card. In my Family Pension Record, my name is listed as Madhvi and birth date as 11/02/1968. This is to correct all official records.

**AFFIDAVIT**

By virtue of an affidavit sworn before the Executive magistrate, Tangi Dist :Khordha CA No:651 dated 01/05/2025 , I Ranjit Kumar Pradhan ,S/o Narayan Pradhan resident of Village At- Balipatpur, Po-Bhusandpur,Ps- Tangi, Dist-Khordha,Odisha, Pin-752021.I have changed my name from Ranjay Pradhan to Ranjit Kumar Pradhan.Hence forth, I shall be known as RANJIT KUMAR PRADHAN for all future purposes.

Sd- Ranjit Kumar Pradhan

**NOTICE (for Minor)**

By virtue of an affidavit sworn before The Notary Public, Udala, Mayurbhanj, dated 15-11-2025 I, Janamuni Hembram , Address AT- Pathurikata, PO- Pathurikata, PS- Udala, Dist- Mayurbhanj, PIN-757085 declare that I have changed the name of my daughter from Sakra Beshra to Tejaswini Beshra. Henceforth, she shall be known as Tejaswini Beshra for all purposes.

Janamuni Hembram

ଚ୍ଚତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

## ଓଡ଼ିଶା ପାଲଟିଛି ଦେଶର ସର୍ବପ୍ରଥମ ସିଲିକନ୍ ସେମି-କଣ୍ଡକ୍ଟର୍ ହବ୍: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର୨୨।୧୧(ସମିସ): ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆଜି ଆୟୋଜିତ ଓଡିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦଘାଟନ କରିବା ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ କରିଛନ୍ତି । ଏଥିସହିତ ମୁଖ୍ୟମନ୍ତ୍ରୀ ଓଡିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରି, ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡିଶାକୁ ଆତ୍ମନିର୍ଭର ଓଡିଶାରେ ପରିଣତ କରିବାକୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ମେକ-ଇନ-ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରି ଆସିଛି। ଓଡ଼ିଶା ଦେଶର ସର୍ବପ୍ରଥମ ସିଲିକନ୍ ସେମି କଣ୍ଡକ୍ଟର ହବ୍ ପାଲଟିଛି। ପ୍ରତ୍ୟେକ କ୍ଷେତ୍ରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମାଙ୍କ ସହ ବହୁ ସରକାରୀ ଅଧିକାରୀ ଓ ବିଜେପି ନେତା ଯୋଗ ଦେଇଥିଲେ ।



## ୩ ହଜାର ଟଙ୍କା ଲାଞ୍ଚ: ୧୩ ବର୍ଷ ବିଚାର; ୩ ବର୍ଷ ଜେଲ୍

- କୃଷି ବିଭାଗ ପୂର୍ବତନ ଯୁଗ୍ମ ସଚିବ ଦୋଷୀ ସାବ୍ୟସ୍ତ
- ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ପିଏସ୍ ବି ଦୋଷୀ

ଭୁବନେଶ୍ୱର,୨୨।୧୧(ସମିସ): ଏକ ଲାଞ୍ଚ କାରବାର ମାମଲାରେ ୧୩ବର୍ଷ ପରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଅବସରପ୍ରାପ୍ତ କୃଷି ବିଭାଗର ଯୁଗ୍ମ ସଚିବ ବିଜୟ ଚନ୍ଦ୍ର ମହାପାତ୍ର ଓ ତତ୍‌କାଳୀନ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶକଙ୍କ ବ୍ୟକ୍ତିଗତ ସଚିବ(ପିଏସ୍) ବେଣୁଧର ମହାନ୍ତି। ପାସ୍‌ପୋର୍ଟ ଭେରିଫିକେସନ୍ ପାଇଁ ଅଭିଯୋଗକାରୀଙ୍କ ଠାରୁ ଲାଞ୍ଚ ନେବା ଅଭିଯୋଗରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରିଛନ୍ତି ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ।

ସୂଚନା ଅନୁସାରେ ଚାକିରିରେ ଥିବାବେଳେ ଦୁଇ ବରିଷ୍ଠ ଅଧିକାରୀ ଲାଞ୍ଚ ନେଇଥିଲେ। ଦୋଷୀ ସାବ୍ୟସ୍ତ ହେଲା ବେଳକୁ ସେମାନେ ଅବସର ଗ୍ରହଣ କରି ସାରିଛନ୍ତି। ଏଣୁ ତାଙ୍କ ପେନସନ୍ ଅଟକାଇବାକୁ ଭିଜିଲାନ୍ସ ସରକାରଙ୍କୁ ଚିଠି ଲେଖିବ ବୋଲି ସୂଚନା ମିଳିଛି। ରଙ୍ଗଲାଲ୍ ଶଙ୍କର ରାଓ ନାମକ ଜଣେ ବ୍ୟକ୍ତି ତାଙ୍କ ବୋହୂର ତତ୍କାଳ ପାସପୋର୍ଟ ଭେରିଫିକେସନ ଏହି ଦୁଇ ଲାଞ୍ଚୁଆ ଅଧିକାରୀ ପାଖକୁ ଯାଇଥିଲେ। ମାତ୍ର ଭେରିଫିକେସନ ପାଇଁ ସେମାନେ ଲାଞ୍ଚ ମାଗିଥିଲେ। ଶ୍ରୀ ମହାପାତ୍ର ୩ହଜାର ଓ ଶ୍ରୀ ମହାନ୍ତି ୧ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଉଭୟଙ୍କୁ ମାଡି ବସିଥିଲା। ସେବେଠାରୁ ସେମାନଙ୍କ ବିରୋଧରେ କୋର୍ଟରେ ମାମଲା ଚାଲିଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସଲିଳ କୁମାର ପ୍ରଧାନ, ବିଶ୍ୱରଞ୍ଜନ ରାଉତ ଏବଂ ଏପିପି ସୌମିତ୍ର ଘୋଷ ମାମଲା ପରିଚାଳନା କରିଥିଲେ।

**AFFIDAVIT**

By virtue of an affidavit of Notary Public, Morada on dtd-19/11/2025. It is declared and inform that my name Yasmita Mohanta has been sending by unique identification department by Aadhaar, India. Actually, my correct name is Jasmita Mohanta. Only letter should change J instead of Y whether all address has correct and same. As per guideline of Aadhar India. The paper advertisement and affidavit should submit in the Janaseva Kendra for the further publication of my Aadhar card. My Aadhaar No. is 381527519472.

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କେନ୍ଦ୍ରର ପ୍ରତ୍ୟାଖ୍ୟାନ...

ପଡିବ ନାହିଁ। ମାତ୍ର କେନ୍ଦ୍ର ଜିଏସଟି ପରିଷଦ କୋଇଲା ଉତ୍ପାଦନ ଉପରେ ଲାଗୁଥିବା ଜିଏସଟି କ୍ଷତିପୂରଣ ସେସ୍ ଟନ ପିଛା ୪୦୦ ଟଙ୍କା ପ୍ରଦାନ ସେପ୍ଟେମ୍ବର ୨୨ ତାରିଖରୁ ବନ୍ଦ କରିଦେଇଛନ୍ତି। ସେହିପରି କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ଗତ ଅଗଷ୍ଟ ମାସରେ ଓସିପିଏଲକୁ ସୁନ୍ଦରଗଡ ଜିଲ୍ଲାର ଟାଙ୍ଗରଡିହି ଉତ୍ତର କୋଇଲାଖଣି ବାଣିଜ୍ୟ ଉଦ୍ଦେଶ୍ୟରେ ନିଲାମ କରିଛନ୍ତି। ପରିବର୍ତ୍ତିତ ପରିସ୍ଥିତିରେ ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିଦେଲେ ନିଲାମରେ ପାଇଥିବା ଖଣି ବ୍ୟାଜ୍ୟାପ୍ତି ହେବାସହ ରାଜ୍ୟର ପ୍ରବଳ ବ୍ୟବସାୟୀକ ଓ ଅର୍ଥନୈତିକ କ୍ଷତି ହେବ। ସେହିପରି ଦକ୍ଷତା ବୃଦ୍ଧିପାଇଁ ଏନଟିପିସି ଏକ ନୂତନ କୋଇଲା କମ୍ପାନୀ ଏନଏମଏଲ (ଏନଟିପିସି ମାଇନିଙ୍ଗ ଲିମିଟେଡ) ଗଠନ କରିଥିବାବେଳେ ଓଡ଼ିଶା ସରକାର କୋଇଲା ଉତ୍ପାଦନରେ ଦକ୍ଷ ଓ ଅଭିଜ୍ଞ ଥିବା ଓସିପିଏଲକୁ ଓପିଜିସିରେ ମିଶ୍ରଣ କରିବା ନିଷ୍ପତ୍ତି ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ବୋଲି ସେ ସେତେବେଳେ ନିଜ ଯୁକ୍ତିରେ ଦର୍ଶାଇଥିଲେ। ଏପରିସ୍ଥଳେ କୋଇଲା ମନ୍ତ୍ରାଳୟର ଉପରୋକ୍ତ ନିଷ୍ପତ୍ତିକୁ ଶ୍ରୀ ମହାପାତ୍ର ସ୍ୱାଗତ କରିଛନ୍ତି।

### ବୁଥ୍‌ୱାରୀ ତଦନ୍ତ...

୬୩ଟି ବୁଥରେ ଶାସକ ଦଳ ବିଭିନ୍ନ କୌଶଳ ପ୍ରୟୋଗ କରି ଲୋକଙ୍କୁ ଭୋଟ୍ ଦେବାକୁ ସୁଯୋଗ ଦେଇ ନାହାନ୍ତି। ବିଭିନ୍ନ ବାଟରେ ସେମାନେ ବିଜେଡିର ଭୋଟକୁ ଜୋର ଜବରଦସ୍ତ ନେଇଛନ୍ତି। ଏ ବିଷୟରେ ଦଳର ସଭାପତି ବିସ୍ତୃତ ଆଲୋଚନା କଲେ। ଖୁବଶୀଘ୍ର ଦଳ ଏ ନେଇ ପ୍ରତ୍ୟେକ ବୁଥୱାରୀ ତଦନ୍ତ, ତର୍ଜମା କରିବ। ଯେଉଁଭଳି ଭାବେ ସେମାନେ ଅନ୍ୟାୟ, ଅନୀତି ଦ୍ୱାରା ବିଜେଡିର ଭୋଟ ନେଇଛନ୍ତି, ତାହାକୁ ନେଇ ସାରା ଓଡ଼ିଶାବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ବାକି ଥିବା ସାଂଗଠନିକ ପ୍ରକ୍ରିୟାକୁ ଶେଷ କରିବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ସଂଗଠନକୁ ସୁଦୃଢ଼ କରିବା ପାଇଁ ସଭାପତି ଏକାଧିକ ପରାମର୍ଶ ଦେଇଥିବା ପ୍ରମିଳା କହିଛନ୍ତି। ଅପରପକ୍ଷେ ଆସନ୍ତା ଶୀତ ଅଧିବେଶନରେ ଦଳର ଆଭିମୁଖ୍ୟ ସମ୍ପର୍କରେ ମଧ୍ୟ ବୈଠକରେ ସମ୍ୟକ୍ ଆଲୋଚନା ହୋଇଛି। ଅଧିବେଶନରେ ଦଳ ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଗୁଡ଼ିକ ଅତି ଶାଣିତ ଭାବରେ ଉତ୍ଥାପନ କରିବ ବୋଲି ଶ୍ରୀମତୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ବୈଠକରେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିରୋଧୀ ଦଳ ନେତାଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ନିରଞ୍ଜନ ପୂଜାରୀ, ସୁଦାମ ମାର୍ଣ୍ଡି ଓ ଟୁକୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୁଣି ୪ ପରୀକ୍ଷାର୍ଥୀଙ୍କୁ...

ଭାବେ ସହଯୋଗ କରିବାକୁ ଆସିଥିଲେ। ସିବିଆଇ ସେମାନଙ୍କୁ ୬ଘଣ୍ଟା ଧରି ପଚରାଉଚରା କରିଥିଲା। ଆଶାୟୀମାନେ ଚାକିରି ରାକେଟ୍ ସମ୍ପର୍କରେ କିଭଳି ଆସିଲେ। ଦଲାଲ୍ ସେମାନଙ୍କୁ କେଉଁ ମାଧ୍ୟମରେ ଯୋଗାଯୋଗ କରିଥିଲା। ଆଶାୟୀମାନେ କାହାକୁ ଟଙ୍କା ଦେଇଛନ୍ତି ଓ କେତେଟଙ୍କା ଦେଇଛନ୍ତି। ଏଥିରେ କେଉଁ ସରକାରୀ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଆଶାୟୀମାନଙ୍କୁ ଆନ୍ଧ୍ର କଣ ପାଇଁ ନିଆଯାଇଥିଲା। ଏଠାରେ ଦଲାଲଙ୍କ ଭୂମିକା କଣ ରହିଥିଲା। ଏଭଳି ଅନେକ ପ୍ରଶ୍ନ ପଚାରିବା ପରେ ଶେଷରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ତେବେ ସିବିଆଇ ସେମାନଙ୍କ ଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଥିବା କୁହାଯାଉଛି ।

ଅନ୍ୟପକ୍ଷରେ ଆଶାୟୀଙ୍କ ଠାରୁ ତଥ୍ୟ ନେବା ପରେ ସିବିଆଇ ବଡ଼ବଡ଼ିଆଙ୍କୁ ଡାକି ପଚରାଉଚରା କରିବାକୁ ଯୋଜନା ପ୍ରସ୍ତୁତ କରୁଛି। ଫଳରେ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି। ଏହି ମାମଲାରେ ମାଷ୍ଟରମାଇଣ୍ଡ ତଥା ସିଲିକନ୍‌ର ସିଇଓ ସୁରେଶ ନାୟକ ତାଙ୍କ ସହଯୋଗୀ ଶଙ୍କର ପୃଷ୍ଟି ଓ ସେମାନଙ୍କର କିଛି ସହଯୋଗୀ ଗିରଫ ହୋଇ ଜେଲରେ ଅଛନ୍ତି।

### ଗଣଦୁଷ୍କର୍ମ ପରେ...

ପରିବାର ଗଣମାଧ୍ୟମ ଆଗରେ ଅଭିଯୋଗ ଆଣିଥିଲେ। ପରେ ଗତ ୨୧ ତାରିଖ ସକାଳେ ଖୋର୍ଦ୍ଧା ମେଡିକାଲରେ ଉକ୍ତ ନାବାଳିକା ଅଚେତ ଅବସ୍ଥାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଖବର ପାଇ ଆଦର୍ଶ ଥାନା ପୁଲିସ ପହଞ୍ଚି ତାଙ୍କ ପରିବାରକୁ ଖବର ଦେଇଥିଲା। ପରିବାରଲୋକେ ଏବଂ ବାଘମାରୀ ପୁଲିସ ସେଠାରେ ପହଞ୍ଚି ନାବାଳିକାକୁ ଚିହ୍ନଟ କରିଥିଲେ। ମାତ୍ର ସେଠାରେ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ସନ୍ଧ୍ୟାରେ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ।

ଏହି ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଚଳାଇଛି। ମେଡିକାଲକୁ ନାବାଳିକା ସଂଜ୍ଞାହୀନ ଅବସ୍ଥାରେ କିପରି ଆସିଲେ, ତାହାର ତଦନ୍ତ ଆରମ୍ଭ କରିଛି। ମେଡିକାଲ ପରିସର ଏବଂ ବାହାରେ ଅର୍ଥାତ୍ ମେଡିକାଲ ପଛପଟେ ରହିଥିବା ବିଭିନ୍ନ ସିସିଟିଭି ଫୁଟେଜ୍‌କୁ ପୁଲିସ ଯାଞ୍ଚ କରିଛି। ଫୁଟେଜ୍ ନାବାଳିକାଙ୍କ ମେଡିକାଲ ଭର୍ତ୍ତି ପଛର ରହସ୍ୟ ଖୋଲିବ ବୋଲି ପୁଲିସ ଆଶା ରଖିଛି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଖୋର୍ଦ୍ଧା ମେଡିକାଲରେ କାର୍ଯ୍ୟରତ ୨ଜଣ ମହିଳା ଓ ପୁରୁଷ ସୁରକ୍ଷା କର୍ମୀ, ମେ ଆଇ ହେଲ୍ପ ୟୁର ଜଣେ କର୍ମଚାରୀ, ମହିଳା ସୁରକ୍ଷା କର୍ମୀଙ୍କ ସ୍ୱାମୀଙ୍କ ସମେତ ୬ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ଜଣାଯାଇଛି।

ଗତକାଲି ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି, ସଦର ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ ପ୍ରମୁଖ ବାଘମାରୀ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ମହାନ୍ତି, ସଦର ଏସଡିପିଓ ପ୍ରଧାନଙ୍କ ନେତୃତ୍ୱରେ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ, ସଦର ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁ, ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା, ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସମେତ ପୁଲିସ ସ୍ୱତନ୍ତ୍ର ସ୍କ୍ୱାଡ୍ ସଦସ୍ୟଙ୍କୁ ନେଇ ଗଠିତ ଟିମ୍ ଘଟଣାର ତଦନ୍ତ ଜାରି ରଖିଛନ୍ତି। ତଦନ୍ତ ବେଳେ ମେଡିକାଲ ନିକଟରେ ସେକ୍ସ ରାକେଟ ଚାଲିଥିବାର ସୁରାକ ପୁଲିସ ପାଇଛି। ଏହି ରାକେଟ୍ ପଛରେ ମେଡିକାଲର କିଛି ସିକ୍ୟୁରିଟି କର୍ମଚାରୀଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଛି। ପୁଲିସ ଉକ୍ତ ଅଞ୍ଚଳରେ ଭଡ଼ାଘର ଯାଞ୍ଚ କରିବା ସହ ଘର ମାଲିକଙ୍କୁ ମଧ୍ୟ ଡାକି ପଚରାଉଚୁରା କରିଥିବା ଜଣାଯାଇଛି।

ଅନ୍ୟପକ୍ଷରେ ଏହି ଘଟଣାରେ ମେଡିକାଲର କୌଣସି କର୍ମଚାରୀଙ୍କ ଯଦି ସମ୍ପୃକ୍ତି ଆସେ, ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯିବ ବୋଲି ମେଡିକାଲ ଅଧୀକ୍ଷକ ଡା. ଶ୍ୟାମାପ୍ରସନ୍ନ ମିତ୍ର ସୂଚନା ଦେଇଛନ୍ତି।

ଆଇନଜୀବୀ ପୀତବାସ ହତ୍ୟା ମାମଲା

## ପିଣ୍ଟୁଙ୍କ ସର୍ତ୍ତମୂଳକ ଖଲାସ ପାଇଁ ପିଟିସନ ଦାଖଲ

ବ୍ରହ୍ମପୁର, ୨୨।୧୧ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ତଥା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶଙ୍କୁ ସର୍ତ୍ତମୂଳକ ଖଲାସ କରିବାକୁ ସ୍ଥାନୀୟ ଏସ୍‌ଡିଜେଏମଙ୍କ କୋର୍ଟରେ ପିଟିସନ ଦାଖଲ ହୋଇଛି। ପିଣ୍ଟୁଙ୍କ ପକ୍ଷରୁ ତାଙ୍କ ଓକିଲ କୈଳାଶ ପଣ୍ଡା ଏହି ପିଟିସନ ଦାଖଲ କରିଥିବା ଜଣାପଡ଼ିଛି। ପୀତବାସ ହତ୍ୟା ମାମଲାରେ ପୁଲିସ ପିଣ୍ଟୁଙ୍କୁ ଅଭିଯୁକ୍ତ ଦର୍ଶାଇ ଗିରଫ କରିଥିବା ବେଳେ କୌଣସି ବିଶ୍ୱାସଯୋଗ୍ୟ ତଥ୍ୟ ଓ ପ୍ରମାଣ ଦାଖଲ କରିନଥିବା ପିଟିସନରେ ଅଭିଯୋଗ କରାଯାଇଛି। ତେଣୁ, ପିଣ୍ଟୁଙ୍କ ଗିରଫ ବେଆଇନ ଦର୍ଶାଇ ତାଙ୍କୁ ସର୍ତ୍ତମୂଳକ ଭାବେ ଖଲାସ କରିବାକୁ ଆବେଦନ କରାଯାଇଛି। ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ବ୍ରହ୍ମପୁର ଜେଲରୁ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଏସଡିଜେଏମଙ୍କ କୋର୍ଟରେ ଦାଖଲ ପିଟିସନର ଶୁଣାଣି ହୋଇସାରିଥିବା ବେଳେ ସରକାରୀ ଓକିଲ ରାଜେନ୍ଦ୍ର ସାବତ ଏହାକୁ ବିରୋଧ କରିଥିଲେ। ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସ୍ଥଗିତ ରହିଛି।

ପ୍ରକାଶଯୋଗ୍ୟ, ଏହି ମାମଲାରେ ଗିରଫ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଆଇନଜୀବୀ ମଦନ ଦଳେଇଙ୍କ ପକ୍ଷରୁ ସେମାନଙ୍କ ଓକିଲ ମଧ୍ୟ ଅନୁରୂପ ପିଟିସନ ଦାଖଲ କରିଥିଲେ। ତେବେ ଏସ୍‌ଡିଜେଏମ୍ କୋର୍ଟଙ୍କର ଏହା କ୍ଷମତା ବାହାରେ ଥିବା ଦର୍ଶାଇ ଉଭୟ ପିଟିସନକୁ ଖାରଜ କରିଦେଇଥିଲେ। ଉକ୍ତ ରାୟକୁ ହାଇକୋର୍ଟରେ ଚାଲେଞ୍ଜ କରାଯାଇଥିବା ବେଳେ ପିଣ୍ଟୁଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ତଥା ଆଇନଗତ ଲଢ଼େଇ ଜାରି ରହିବ ବୋଲି ତାଙ୍କ ଓକିଲ କୈଳାଶ ପଣ୍ଡା ସ୍ପଷ୍ଟ କରିଛନ୍ତି।

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

### ନୋ ହେଲମେଟ୍ ନୋ ପେଟ୍ରୋଲ ନିୟମ ପ୍ରହସନ

# ଧରପଗଡ଼ ନାହିଁ, ଦୁର୍ଘଟଣାରେ ଯାଉଛି ଜୀବନ

**ନୟାଗଡ଼,୨୨।୧୧(ସମିସ):** ନୟାଗଡ଼ ଜିଲ୍ଲାରେ ନୋ ହେଲମେଟ ନୋ ପେଟ୍ରୋଲ୍ ନିୟମ ଲାଗୁ ହେବାର ୯ ବର୍ଷ ବିତିବାକୁ ବସିଥିବା ବେଳେ ତାହାର କୌଣସି ଫରକ ପଡୁନି। ନୟାଗଡ଼ ସହରରେ ଥିବା ପେଟ୍ରୋଲ୍ ଟାଙ୍କିରେ ବିନା ହେଲମେଟରେ ତେଲ ପ୍ରଦାନ କରାଯାଉଛି। ନୟାଗଡ଼ ସହରରେ ୧ ଅଗଷ୍ଟ ୨୦୧୬ରେ ନୋ ହେଲମେଟ ନୋ ପ୍ରେଟୋଲ ନିୟମକୁ କଡ଼ାକଡ଼ି କରା ଯାଇଥିଲା । ସହରରେ ଥିବା ସମସ୍ତ ପେଟ୍ରୋଲ୍ ପମ୍ପରେ ନୋ ହେଲମେଟ ନୋ ପେଟ୍ରୋଲ୍ ନିୟମକୁ ଲେଖାଗଲା । କିଛି ମୋଟର ସାଇକେଲ ଚାଳକ ହେଲମେଟ ପିନ୍ଧି ଆସିଲେ ତ ଆଉ କିଛି ଆରୋହୀ ବିନା ହେଲମେଟ୍ରେ ଆସିଲେ। ଏହି ସମୟରେ ତେଲ ଟାଙ୍କିରେ ବେପାର ମାନ୍ଦା ପଡ଼ି ଯିବାରୁ ତେଲ ଟାଙ୍କିର କର୍ମଚାରୀମାନେ ସେଠାରେ ଏକ ହେଲମେଟ ରଖି ତେଲ ପ୍ରଦାନ ବେଳେ ହେଲମେଟ୍ ପିନ୍ଧାଇ ଦେଇ ତେଲ ପକାଇ ପୁଣି ହେଲମେଟ ନେଇଗଲେ। ଧୀରେ ଧୀରେ ଏହି ନିୟମ ଶିଥିଳ ପଡ଼ି ଯାଇଥିବା ଦେଖାଯାଇଛି । ସହରରେ ଥିବା ପେଟ୍ରୋଲ୍ ଟାଙ୍କି ଗୁଡ଼ିକରେ ନୋ ହେଲମେଟ ନୋ ପେଟ୍ରୋଲ୍ ବ୍ୟାନର ଲଗାଇବା ସହିତ ସିସି କ୍ୟାମେରା ଲଗାଇବା ପାଇଁ ତତ୍କାଳୀନ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ଟାଙ୍କିରେ ଜଣେ ଜଣେ ହୋମଗାର୍ଡ ନିୟୋଜିତ କରିବା ପାଇଁ କୁହାଯାଇଥିଲା। କୌଣସି ବି ତେଲ ଟାଙ୍କି ନିୟମକୁ ମାନୁ ନଥିବା ବେଳେ ଗାଡ଼ି ଚାଳକ ମଧ୍ୟ ହେଲେମେଟ ପିନ୍ଧୁନଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାରେ କିଛିମାସ ହେବ ଆଦୌ ଧରପଗଡ଼ ନଥିବା ବାଇକ ଆରୋହୀଙ୍କୁ ବେଶ ସୁହାଉଛି। ବିନା ହେଲମେଟରେ ଦୁଇ କିମ୍ବା ତିନି ଜଣ ବସି ବାଇକରେ ଯାତାୟତ କରୁଥିବା ବେଳେ ନିୟମ କେବଳ ପ୍ରହସନରେ ପରିଣତ ହୋଇଛି। ନୟାଗଡ଼ ଜିଲ୍ଲାରେ ଦିନକୁ ଦିନ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ବିନା ହେଲମେଟ ପାଇଁ ସଂଖ୍ୟାଧିକ ଲୋକ ମୃତ୍ୟୁ ମୁଖରେ ପହୁଛନ୍ତି । ତଥାପି କୌଣସି ପ୍ରଭାବ ପଡୁନାହିଁ। ଜିଲ୍ଲାରେ ଟ୍ରାଫିକ ନିୟମକୁ ସଠିକ ଭାବେ ଅନୁପାଳନ କରାଯାଉନାହିଁ। ଜାତୀୟ ରାଜପଥ କିମ୍ବା ରାଜ୍ୟ ରାଜପଥରେ ଆବଶ୍ୟକୀୟ ଫଳକ ଲାଗୁନଥିବା ବେଳେ ସରକାରଙ୍କ ନିୟମକୁ ଜନସାଧାରଣଙ୍କ ସମେତ ଅଧିକାରୀମାନେ ଅଣଦେଖା କରୁଛନ୍ତି। କେବଳ ସରକାର ରାଜସ୍ୱ ଆଦାୟ ପାଇଁ ଟାର୍ଗେଟ ଦେବା ସମୟରେ ଧରପଗଡ଼ କରାଯାଉଥିବା ବେଳେ ଅନ୍ୟ ସମୟରେ ଆଦୌ ଧ୍ୟାନ ଦିଆଯାଉନାହିଁ। କୌଣସି ସ୍ଥାନରେ ଟ୍ରାଫିକ ନିୟମ ଉଲଂଘନକାରୀଙ୍କୁ ଧରପଗଡ଼ ପାଇଁ ପରିବହନ ବିଭାଗ କିମ୍ବା ପୁଲିସ ସିସିଟିଭ ବ୍ୟବସ୍ଥା ଆପଣାଇନାହିଁ। ନୟାଗଡ଼ ସହରରେ ପୁଲିସ ପକ୍ଷରୁ ଲାଗିଥିବା ସିସିଟିଭି ଗୁଡ଼ିକୁ ଟ୍ରାଫିକ କଟକଣା ପାଇଁ ବ୍ୟବହାର କରାଯିବାର ଆବଶ୍ୟକତା ରହିଛି।

# ସାପୁଆ ସଂରକ୍ଷିତ ଜଙ୍ଗଲରେ ହାତୀ; ଲୋକଙ୍କୁ ସତର୍କ କରାଇଲା ବିଭାଗ



**ଖଣ୍ଡପଡ଼ା,୨୨।୧୧(ସମିସ):** ଗତ ଦୁଇଦିନ ହେବ ସାପୁଆ ସଂରକ୍ଷିତ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ୪ ଟିକିଆ ହାତୀପଲକୁ ନେଇ ଭୟ ବଢ଼ିଛି। ବନବିଭାଗ ଟିମ ହାତୀପଲ ଉପରେ ନଜର ରଖିବା ସହିତ ଜଙ୍ଗଲକୁ ନ ଯିବା ନିମନ୍ତେ ସ୍ଥାନୀୟ ବାସିନ୍ଦାଙ୍କୁ ସତର୍କ ସୂଚନା ଦେଇଛି। ଅନ୍ୟପକ୍ଷରେ ସ୍ଥିତିକୁ ଆଖି ଆଗରେ ରଖି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଏକ ଟିମ ଗଠନ କରିବା ସହିତ ସଜାଗ ରହିଥିବା ସୂଚନା ମିଳିଛି। ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗୋଟିଏ ୪ ଟିକିଆ ହାତୀ ନୟାଗଡ଼ ଓ ମହିପୁର ଅଞ୍ଚଳ ଦେଇ ଖଣ୍ଡପଡ଼ା ବନାଞ୍ଚଳକୁ ପଶିଆସିଛନ୍ତି। ସାପୁଆ ସଂରକ୍ଷିତ ଜଙ୍ଗଲ ଅଧୀନ କୋଟପୋଖରୀ ଗ୍ରାମ ନିକଟସ୍ଥ ପାହାଡରେ ଦୁଇଟି ଅଣ୍ଡିରା, ଗୋଟିଏ ମାଈ ଏବଂ ଗୋଟିଏ ଛୁଆ ହାତୀ ପାଦ ଚିହ୍ନ ଏବଂ ମଳ ଠାବ କରାଯାଇଛି। ଗତ ଦୁଇଦିନ ହେବ ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସିଙ୍ଘାପଡ଼ା ସେକ୍ସନର ବିଭିନ୍ନ ଅଞ୍ଚଳରେ ଚଲାବୁଲା କରୁଥିବା ସ୍ଥାନୀୟ ବାସିନ୍ଦା ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ମୂଳ ଦଳରୁ ବିଚ୍ଛିନ୍ନ ହୋଇଥିବା ଏହି ହାତୀ ପଲ ଉପରେ ସତର୍କ ଦୃଷ୍ଟି ରଖିଛି ବନବିଭାଗ। ସେହିପରି ହାତୀର ସୁରକ୍ଷା ଦୃଷ୍ଟିରୁ ଉକ୍ତ ଅଞ୍ଚଳରେ ବିଦ୍ୟୁତ ସରବରାହକୁ ବିଚ୍ଛିନ୍ନ କରାଯାଇଛି। ବିଶେଷକରି ହାତୀଟି କେଉଁଠାରୁ ଏବଂ ଦଳରୁ ବିଚ୍ଛିନ୍ନ ହୋଇଛି ସେ ନେଇ ସ୍ପଷ୍ଟ ସୂଚନା ପାଉନଥିବା ବନବିଭାଗ ତାର ଗତିବିଧିକୁ ଅତ୍ୟନ୍ତ ସତର୍କତାର ସହ ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

# ସାଂସଦଙ୍କୁ ସ୍ମାରକପତ୍ର ଦେଲେ ବାହାଡ଼ାଝୋଲା ବ୍ଲକ୍ କ୍ରିୟାନୁଷ୍ଠାନ କମିଟି

**ଓଡ଼ଗାଁ,୨୨।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ନୂଆଗାଁ ବ୍ଲକ୍ ବାହାଡ଼ାଝୋଲା ବ୍ଲକ୍ କ୍ରିୟାନୁଷ୍ଠାନ କମିଟି ଶନିବାର ଭୁବନେଶ୍ୱର ଠାରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କୁ ଭେଟି ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ କମିଟି ସାଂସଦଙ୍କ ସହିତ ଆଲୋଚନା ପର୍ଯ୍ୟାଲୋଚନା କରିବା ସହିତ ନୂଆଗାଁ ବ୍ଲକ ଉପାନ୍ତ ଅଞ୍ଚଳ ଅନୁସୂଚିତ ଜାତି ଜନଜାତି ବହୁଳ ପଞ୍ଚାୟତ ମାନଙ୍କ ମିଶ୍ରଣରେ ବାହାଡାଝୋଲାକୁ ଏକ ନୂତନ ବ୍ଲକ୍ ମର୍ଯ୍ୟାଦା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। କିଛି ମାସ ବିତିଯାଇଥିବା ବେଳେ ଶନିବାର ବାହାଡ଼ାଝୋଲା ବ୍ଲକ୍ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ଶନିବାର ଭୁବନେଶ୍ୱର ସୁନ୍ଦରପଦାରେ ସାଂସଦଙ୍କୁ ତୃତୀୟ ଥର ପାଇଁ ଭେଟି ଏକ ବିସ୍ତୃତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ବାହାଡ଼ାଝୋଲାକୁ ଏକ ପୃଥକ ବ୍ଲକ୍ ଘୋଷଣା ଦାବିକୁ ଦୋହରାଇଥିଲେ। ଏ ନେଇ ଆୟୋଜିତ ବୈଠକରେ ନାରାୟଣ ବେହେରା, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ଭୀମସେନ ସେଠୀ, ପ୍ରହଲ୍ଲାଦ ସାହୁ, ମୀନକେତନ ସୁବୁଦ୍ଧି, ନିରଞ୍ଜନ ସାହୁ, ପ୍ରଶାନ୍ତ କୁମାର ସାହୁ, ଡ. ବିଜୟ କୁମାର ସାହୁ, ବଳରାମ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସାଂସଦ ଶ୍ରୀ ପାଣିଗ୍ରାହୀଙ୍କୁ ଅବଗତ କରାଇଥିଲେ। ସାଂସଦ ଏଥିନିମନ୍ତେ ପୂର୍ଣ୍ଣ ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଚୂଡ଼ାନ୍ତ ସ୍ମାରକପତ୍ର ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦଲାଲ ରାଜ

# ବିଶ୍ୱାସ, ଭରସା ଦେଇ ଶୋଷଣ

**ନୟାଗଡ଼,୨୨।୧୧(ସମିସ)**




ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦଲାଲ ମୁକ୍ତ କରିବା ପାଇଁ ବିଗତ ୨୦୨୦ ମସିହାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ପୁଲିସର ତତ୍ପରତା ପ୍ରକାଶ ପାଇଥିଲା। ତତ୍କାଳୀନ ନୟାଗଡ଼ ଏସପିଙ୍କ ନିର୍ଦ୍ଦେଶରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ୍) ପରିସରରୁ କିଛି ଦଲାଲଙ୍କୁ ଗିରଫ କରାଯାଇଥିଲା। କିଛିଦିନର ନୀରବତା ପରେ ଏବେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଦଲାଲଙ୍କ କବଳରେ କବଳିତ। ମେଡିସନି ରିପ୍ରେଜେଣ୍ଟିଭଠାରୁ ଆରମ୍ଭ କରି ରକ୍ତ ପରୀକ୍ଷା ଦୋକାନ ପର୍ଯ୍ୟନ୍ତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଭିନ୍ନ ଭିନ୍ନ ଦଲାଲ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବୁଲୁଛନ୍ତି । କେବଳ ଏତିକି ନୁହେଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଘରୋଇ କ୍ଲିନକକୁ ସ୍ଥାନାନ୍ତରିତ କରିବା ପାଇଁ ଦଲାଲ ଖୁଲମଖୋଲା ନୟାଗଡ଼ ଡାକ୍ତରଖାନା ପରିସରରେ ବୁଲୁଥିବା ଦେଖିବାକୁ ମିଳିଛି। ବିଶେଷତଃ ସର୍ଜରୀ ଏବଂ ସ୍ତ୍ରୀ ପ୍ରସୂତି ବିଭାଗରୁ ରୋଗୀଙ୍କୁ କମ ଦାମରେ ଚିକିତ୍ସା ସେବା ଯୋଗାଇ ଦେବାକୁ ବିଭିନ୍ନ ଘରୋଇ କ୍ଲିନିକ ଗୁଡ଼ିକ ଦଲାଲ ନିଯୁକ୍ତି କରିଥିବା ଅଭିଯୋଗ ହେଉଛି । ଡାକ୍ତର, ନର୍ସ ଓ ଆଶାକର୍ମୀଙ୍କୁ ହାତବାରିଶ କରି କ୍ଲିନିକ ଗୁଡ଼ିକୁ ରୋଗୀ ପହଞ୍ଚାଇବାକୁ ବ୍ୟାପକ ବ୍ୟବସ୍ଥା କରାଯାଉଛି । ଘରୋଇ କ୍ଲିନିକ ଗୁଡ଼ିକରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ଼ କାମ କରୁଥିବା ଏବଂ ସବୁ ମାଗଣାରେ ହେବ ବୋଲି ବିଶ୍ୱାସ ଓ ପ୍ରତିଶୃତି ଦେଇ ରୋଗୀଙ୍କୁ କ୍ଲିନିକ ନିଆଯାଉଥିବା ବେଳେ ସେଠାରେ ଶୋଷଣ କରାଯାଉଛି । ନୟାଗଡ଼ ଜିଲ୍ଲାର ଏକାଧିକ କ୍ଲିନିକ ମିଥ୍ୟା ପ୍ରତିଶୃତି ଦେଇ ବିଶ୍ୱାସରେ ବିଷ ଦେଉଥିବା ଅଭିଯୋଗ ହେଉଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ଼ରୁ ଟଙ୍କା ମିଳୁଥିବା ବେଳେ ବିଭିନ୍ନ ବାହାନା କରି ରୋଗୀ ଏବଂ ସମ୍ପର୍କୀୟଙ୍କୁ ଅର୍ଥ ଦାବି କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଦୈନିକ ରୋଗୀଙ୍କୁ କ୍ଲିନିକ ମୁହାଁ କରାଯାଉଥିବା ବେଳେ ଏଥିପ୍ରତି କାହାରି ନଜର ପଡୁନାହିଁ। ସେହିଭଳି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ମଧ୍ୟ ଦଲାଲ ରାଜୁତି ଚାଲିଛି । ରକ୍ତ ପାଇଁ ରୋଗୀଙ୍କଠାରୁ ୧୫ ଶହରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି । ରକ୍ତ ଭଣ୍ଡାରରୁ ରୋଗୀଙ୍କୁ ରକ୍ତ ମିଳୁନଥିବା ବେଳେ ଦଲାଲାଙ୍କୁ ମିଳିପାରୁଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏଭଳି ଅବ୍ୟବସ୍ଥା, ଚିନ୍ତାର କାରଣ ପାଲଟିଛି। ଦଲାଲ ମୁକ୍ତ ପାଇଁ ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ମିଳିତ ଉଦ୍ୟମ ନିହାତି ଆବଶ୍ୟକ ବୋଲି କହିଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

**କଣ୍ଟିଲୋ,୨୨।୧୧(ସମିସ):** କଣ୍ଟିଲୋ ଖୁଦ ବେହେରା ପାଟଣାର ରମାକାନ୍ତ ସାହୁ (୫୯)ଙ୍କ ଖୋର୍ଦ୍ଧା, ସାରୁଅ-ବେଗୁନିଆ ରାସ୍ତାରେ ଏକ ଦୁର୍ଘଟଣାରେ ପ୍ରଣାହାନି ଘଟିଛି। ସେ ସାରୁଅ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍‌ର ଏକ କମ୍ପାନୀରେ କାମ କରୁଥିଲେ। ବେଗୁନିଆରେ ପରିବାର ସହ ରହୁଥିଲେ। ପ୍ରତିଦିନ ଭଳି ଡ୍ୟୁଟି ସରିବା ପରେ ନିଜ ସ୍କୁଟିରେ ଫେରୁଥିବା ସମୟରେ ସନ୍ଧ୍ୟା ପ୍ରାୟ ୬ଟାରେ ସ୍କୁଟି ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କଟକ ଏସ୍‌ସିବିକୁ ପଠାଇଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ସୂଚନା ମିଳିଛି। ଜଣେ ସରଳ, ଅମାୟିକ ବ୍ୟକ୍ତି ଭାବେ ଜଣାଶୁଣା ରମାକାନ୍ତଙ୍କ ଅକାଳ ବିୟୋଗରେ ଗ୍ରାମରେ ଶୋକ ପ୍ରକାଶ ପାଇଛି। ଶେଷକୃତ୍ୟ ମହାନଦୀ କୂଳ ଶ୍ମଶାନ ଘାଟରେ ସମ୍ପନ୍ନ ହୋଇଥିବାବେଳେ ତାଙ୍କ ଦୁଇ ଝିଅଙ୍କ ମଧ୍ୟରୁ ଜ୍ୟେଷ୍ଠ କନ୍ୟା ମୁଖାଗ୍ନି ଦେଇଥିଲେ।

## କଟର୍ ମେସିନ୍‌ରେ ବେକ କଟି ଜଣେ ଗୁରୁତର

**ଭାପୁର,୨୨।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବଜାରରେ ଥିବା ପୁଲିସ ବିଟ୍ ହାଉସରେ କାର୍ଯ୍ୟରତ ଡ୍ରାଇଭରଙ୍କ କଟର୍ ମେସିନ୍‌ରେ ବେକ କାଟିହୋଇ ଗୁରୁତର ହୋଇ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଛନ୍ତି। ଭାପୁର ବ୍ଲକ୍ ଚକ୍ରଧରପ୍ରସାଦ ଗ୍ରାମର ରାଜେନ୍ଦ୍ର ପାଇକରାୟ ଭାପୁର ପୁଲିସ ବିଟ ହାଉସ ଡ୍ରାଇଭର ଭାବେ କାର୍ଯ୍ୟ କରୁଛନ୍ତି। ଶନିବାର ମଧ୍ୟାହ୍ନରେ ଘରେ କୌଣସି କାମ କରୁଥିବା ସମୟରେ ଅସାବଧାନତାବଶତଃ କଟର ମେସିନ ଲାଗି ତାଙ୍କର ବେକ ଓ ଗାଲରେ ଗଭୀର ଆଘାତ ଲାଗିଛି। ତାଙ୍କୁ ସଙ୍ଗେ ସଙ୍ଗେ ଭାପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ସେ ବର୍ତ୍ତମାନ ଭୁବନେଶ୍ୱର ସମ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେ ବିପଦମୁକ୍ତ ଥିବା ପରିବାର ପକ୍ଷରୁ କୁହାଯାଇଛି।

### ଆଜିଠାରୁ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ

# ସୁରକ୍ଷା ପାଇଁ ୩ ପ୍ଲାଟୁନ୍ ଫୋର୍ସ ମୁତୟନ



**ଗଣିଆ,୨୨।୧୧(ସମିସ):** ଗଣିଆ ପ୍ରସିଦ୍ଧ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଆଜିଠାରୁ ଆରମ୍ଭ ହେବ। ୪ ଦିନ ଧରି ଚାଲିବାକୁ ଥିବା ଏହି ଯଜ୍ଞ ୨୬ ତାରିଖରେ ପୂର୍ଣ୍ଣାହୁତି ହେବ। ଏଥିପାଇଁ ଜିଲ୍ଲା ଏବଂ ବ୍ଲକ ପ୍ରଶାସନ ଚଳଚଞ୍ଚଳ ହୋଇପଡ଼ିଛି। ବଣଜଙ୍ଗଲ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ମଣିଭଦ୍ରା ପାହାଡ ପାଦଦେଶରେ ବିରାଜିତ ମା କଳାପାଟ ଠାକୁରାଣୀଙ୍କ ବିଜେସ୍ଥଳୀଠାରେ ପ୍ରତିବର୍ଷ ଓଢଣୀ ଷଷ୍ଠୀରେ ଏହି ଯଜ୍ଞ ପାଳିତ ହୋଇଆସୁଛି। ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ପର୍ବ ସରିଯାଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ୩ ପ୍ଲାଟୁନ ପୋଲିସ ଫୋର୍ସ ମୂତୟନ କରାଯାଇଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଏସଡିପିଓଙ୍କ ସମେତ ବିଭିନ୍ନ ଥାନାର ୧୫ ଜଣ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ପ୍ରକାଶ କରିଛନ୍ତି। ଏଠାରେ ପ୍ରତିଦିନ ନାମ ଯଜ୍ଞ, ଘୃତ ଯଜ୍ଞ, ସାଧୁମେଳା, ପ୍ରବଚନ, ଭଜନ ସମାରୋହ, ଅନ୍ନଦାନ, ବସ୍ତ୍ରଦାନ କାର୍ଯ୍ୟକ୍ରମ ରହିଛି । ମେଳାକୁ ବିଭିନ୍ନ ସ୍ଥାନରୁ ବ୍ୟବସାୟୀ ମାନେ ଆସି ବେପାର ବଣିଜ କରୁଛନ୍ତି। ଦୋଳି ଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀର ପସରା ଖୋଲିଥିବା ଦେଖିବାକୁ ମିଳିଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ ଭକ୍ତ ଏଠାରେ ମେଳା ଉପଭୋଗ କରିବାକୁ ଆସିଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ଥିବା ସାଧୁସନ୍ଥମାନେ ଏଠାରେ ୪ ଦିନ ଧରି ଉପସ୍ଥିତ ସାଧୁସନ୍ଥ ସମ୍ମିଳନୀରେ ଯୋଗଦେବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଛି।

# ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



**ଖଣ୍ଡପଡ଼ା,୨୨।୧୧(ସମିସ):** ଖଣ୍ଡପଡ଼ା ସହରସ୍ଥିତ ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍‌ସା ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ମେଳାରେ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ସର୍ବ କନିଷ୍ଠ ବିଭାଗରେ ୬ଷ୍ଠ ଶ୍ରେଣୀର ଛାତ୍ରୀ ସୁଶ୍ରୀ ଶିବାଙ୍ଗୀ ମହାନ୍ତିଙ୍କ ଜଳ ସଂରକ୍ଷଣ ଓ ପରିଚାଳନା ପ୍ରକଳ୍ପ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିବା ବେଳେ କନିଷ୍ଠ ବିଭାଗରେ ୭ମ ଶ୍ରେଣୀର ଛାତ୍ର ରୁଦ୍ର ନାରାୟଣ ପ୍ରଧାନ, ସୋମନାଥ ବେହେରା ଓ ୮ମ ଶ୍ରେଣୀର ଛାତ୍ର ଦିବ୍ୟାଂଶୁ ପାଢ଼ୀଙ୍କ ପ୍ରକଳ୍ପ ବ୍ଲକ୍‌ସ୍ତରକୁ ମନୋନୀତ ହୋଇଥିବା ଜଣାଯାଇଛି। ସେହିପରି ବରିଷ୍ଠ ବିଭାଗରେ ୯ମ ଶ୍ରେଣୀର ଛାତ୍ର ରୁଦ୍ର ନାରାୟଣ ସାହୁ, ସୁଶାନ୍ତ କୁମାର ସାହୁ ଓ ଛାତ୍ରୀ ରାସେଶ୍ୱରୀ ସାହୁଙ୍କ ପ୍ରକଳ୍ପ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ଜଣାପଡ଼ିଛି।

# ନୂଆ ପ୍ରାଥମିକ କୃଷି ସମବାୟ ସମିତିକୁ ମଞ୍ଜୁରୀ



**ଖଣ୍ଡପଡ଼ା,୨୨।୧୧(ସମିସ):** ଖଣ୍ଡପଡ଼ା ବ୍ଲକ୍ ସିଙ୍ଘାପଡ଼ା ପଞ୍ଚାୟତରେ ନୂତନ ପ୍ରାଥମିକ କୃଷି ସମବାୟ ସମିତିକୁ ମଞ୍ଜୁରୀ ଦେଇଛନ୍ତି ରାଜ୍ୟ ସରକାର। ଫଳରେ ଆଜିଠାରୁ ଏହା ଅସ୍ଥାୟୀ ଭାବେ କାର୍ଯ୍ୟକ୍ଷମ ହୋଇଥିବା ନେଇ ସ୍ଥାନୀୟ ସରପଞ୍ଚ ସୁନୀଲ ପ୍ରଧାନଙ୍କଠାରୁ ସୂଚନା ମିଳିଛି। ଆଜି ପୂର୍ବାହ୍ନରେ ସ୍ଥାନୀୟ ସିଂହବାହିନୀଙ୍କ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ଼ ଜିଲ୍ଲା ସମବାୟ ସମିତି ଉପନିବନ୍ଧକ ଅନନ୍ତ କୁମାର ନାୟକ, କଟକ ଲୋକସଭା ସାଂସଦଙ୍କ ବ୍ଲକ୍ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ପରମାନନ୍ଦ ସ୍ୱାଇଁ, ଯୁବ ସଂଗଠକ ପ୍ରକାଶ ଚନ୍ଦ୍ର ପଣ୍ଡା, ସମବାୟ ବିଭାଗର ବରିଷ୍ଠ ଅଧିକାରୀ ପ୍ରିୟଦର୍ଶନ ପ୍ରଧାନ ଓ ନିରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ରାଜ୍ୟ ସରକାର ସିଙ୍ଘାପଡ଼ା ପ୍ରାଥମିକ କୃଷି ସମବାୟ ସମିତିକୁ ମଞ୍ଜୁରୀ ଦେଇଥିବା ବେଳେ ଏଣିକି ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ଆଉ ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ ସମିତି ଅଧୀନରେ ସିଙ୍ଘାପଡ଼ା ଏବଂ ଗଡ଼ିଆସାହି ପଞ୍ଚାୟତର ଖୁଣ୍ଟୁବନ୍ଧ, ବେଡ଼ାକି, କୁଞ୍ଜବିହାରୀପ୍ରସାଦ, ହରିହରପ୍ରସାଦ, ନୂଆଗଡ଼ିଆସାହି, ପଥରଗଣ୍ଡ, ନଟବରପୁର ଶାସନ, ପିତାମହୁଲ ଆଦି ଗ୍ରାମଗୁଡ଼ିକୁ ସାମିଲ କରାଯାଇଥିବା ନୟାଗଡ଼ ଜିଲ୍ଲା ସମବାୟ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଏବେ ଅସ୍ଥାୟୀ ଭାବେ ସିଂହବାହିନୀ ପୀଠ ନିକଟରେ ସମିତି କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ ଅନୁଦାନ ରାଶି ମଞ୍ଜୁର ପରେ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ ସିଙ୍ଘାପଡ଼ା ସମେତ ସମ୍ପୃକ୍ତ ଅଞ୍ଚଳର ବହୁ ଗ୍ରାମ ପୂର୍ବରୁ କିଆଝର ସେବା ସମବାୟ ସମିତି ଅଧୀନରେ ରହିଥିବାରୁ ଧାନ ଓ ସାର ଆଦିର ପରିବହନ ଓ କ୍ରୟ ବିକ୍ରୟ କ୍ଷେତ୍ରରେ ବହୁ ସମସ୍ୟା ଲାଗି ରହୁଥିଲା। ତେବେ ସମସ୍ୟାର ସମାଧାନ ପାଇଁ ସିଙ୍ଘାପଡ଼ା ଗ୍ରାମ ପଞ୍ଚାୟତରେ ଏକ ନୂଆ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ସ୍ଥାପନ ପାଇଁ ଅଞ୍ଚଳବାସୀଙ୍କ ସମେତ ସଂଖ୍ୟାଧିକ ଚାଷୀ ବର୍ଷ ବର୍ଷ ହେଲା ଦାବି ଜଣାଇ ଆସୁଥିଲେ। ଫଳରେ ସମବାୟ ବିଭାଗ ଏକ ନୂତନ ପ୍ରାଥମିକ କୃଷି ସେବା ସମବାୟ କାର୍ଯ୍ୟାଳୟ ସ୍ଥାପନ ପାଇଁ ନିଷ୍ପତ୍ତି ନେଇଥିବା ବେଳେ ଆଜି ଏହାର ଶୁଭାରମ୍ଭ ହୋଇଥିବା ବେଳେ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯିବ ବୋଲି ସୂଚନା ମିଳିଛି।

ସେହିପରି ଯୋଗିଆପଲ୍ଲୀ ପଞ୍ଚାୟତରେ ନୂତନ ପ୍ରାଥମିକ କୃଷି ସମବାୟ ସମିତିକୁ ମଞ୍ଜୁରୀ ଦେଇଛନ୍ତି ରାଜ୍ୟ ସରକାର। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ନୟାଗଡ ଜିଲ୍ଲା ସମବାୟ ସମିତି ଉପନିବନ୍ଧକ ଅନନ୍ତ କୁମାର ନାୟକ, କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ, ସରପଞ୍ଚ ରଶ୍ମିତା ବେହେରା, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମୁଦୁଲି, ନ୍ୟାୟବ ସରପଞ୍ଚ ମମତା ନାୟକ, ପୂର୍ବତନ ସରପଞ୍ଚ ନବକିଶୋର ସାହୁ, ଯୁବ ସଂଗଠକ ପରୀକ୍ଷିତ ମାଝୀ ପ୍ରମୁଖ ସାମିଲ ଥିଲେ।

### ଶ୍ରମକୋଡ ବାତିଲ ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




**ନୟାଗଡ଼,୨୨।୧୧(ସମିସ)**

କେନ୍ଦ୍ର ସରକାର ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଶ୍ରମ ଆଇନକୁ ବାତିଲ କରି ୨୨ ନଭେମ୍ବର ଠାରୁ ଶ୍ରମିକ ସ୍ୱାର୍ଥ ବିରୋଧୀ ଶ୍ରମ କୋଡ ଲାଗୁ କରୁଥିବାରୁ ଏହାର ପ୍ରତିବାଦରେ ସିଆଇଟିୟୁ ନେତୃତ୍ୱରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଦିବସରେ ନୟାଗଡ଼ ଛକଠାରୁ ଏକ ପଟୁଆରରେ ଯାଇ ଶ୍ରମିକ ନେତା ଆଇନଜୀବୀ ଶରତଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ମୋଦି ସରକାର କର୍ପୋରେଟ ମାଲିକଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ ଭାରତୀୟ ଶ୍ରମିକଙ୍କ ପକ୍ଷ ଛେଦନ କରିବାକୁ ଶ୍ରମିକଙ୍କ କଷ୍ଟଲବ୍ଧ ୪୪ ଶ୍ରମ ଆଇନକୁ ବାତିଲ କରିଛନ୍ତି ଓ ପ୍ରକାରାନ୍ତରେ ଏକ ନିକିମା ପ୍ରଭାବ ହୀନ ଶ୍ରମ କୋଡ ପ୍ରଚଳନ କରିଛନ୍ତି । ଏହା ତୁରନ୍ତ ପ୍ରତ୍ୟାହାର ନିମନ୍ତେ ସାରା ଭାରତରେ ପାଳନ କରାଯାଉଥିବା ପ୍ରତିବାଦରେ ସାମିଲ ହୋଇ ନୟାଗଡ଼ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ଗୋଲକ ବିହାରୀ ମୁଦୁଲି, ପବିତ୍ର ଇନ୍ଦ୍ରଜିତ, ସୁରେଶ ଚନ୍ଦ୍ର ସ୍ୱାଇଁ, ଚାପଧାରୀ ରାଉତ, ଜ୍ୟୋତିପ୍ରଭା ଜେନା, ଜୟନ୍ତୀ ଦାଶ, ସଂଯୁକ୍ତା ସେଠୀ, ସବ୍ୟସାଚୀ ସେନାପତି, ବିପିନ ବାଜୁ, ନିରଞ୍ଜନ ସାହୁ, ମଙ୍ଗୁଳୀ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

### ରତ୍ନଗଣ୍ଡ ପର୍ଯ୍ୟଟନ ସ୍ଥଳୀ

# ଆବର୍ଜନାରୁ ମୁକ୍ତି ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ




**ଦଶପଲ୍ଲା,୨୨।୧୧(ସମିସ):** ନୈସର୍ଗିକ ପ୍ରକୃତି ମନୋରମ ପରିବେଶରେ ଅବସ୍ଥିତ ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ଅନ୍ତର୍ଗତ ମିଟୁକୁଳି ଗ୍ରାମ ନିକଟରେ ଥିବା 'ରତ୍ନଗଣ୍ଡ' ଝରଣା ଓ କ୍ଷୁଦ୍ର ଜଳପ୍ରପାତ। ପର୍ଯ୍ୟଟନ ଋତୁରେ କାହିଁ କେତେ ଦୂରରୁ ଛୁଟି ଆସନ୍ତି ପ୍ରକୃତି ପ୍ରେମୀ। ଏହାକୁ ଅଧିକ ସ୍ୱଚ୍ଛ, ସୁନ୍ଦର ଓ ଆକର୍ଷଣୀୟ ଓ କରିବା ମହତ୍ ଲକ୍ଷ୍ୟ ନେଇ ଆଜି ଗ୍ରାମସଭା ସମୂହ, ଦଶପଲ୍ଲା ପକ୍ଷରୁ ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାନାମ୍ବର ନାୟକ, ଲକ୍ଷ୍ମୀଧର ମୁଦୁଲି ପ୍ରମୁଖ ସହଯୋଗ କରିଥିବା ବେଳେ ଟାକରା, ମିଟୁକୁଳି, ବାଙ୍କଡେିଲା, ବୁଗୁଡ଼ା, ପାନାବାରୀ ଗ୍ରାମର ଜନସାଧାରଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରତ୍ନଗଣ୍ଡ ଜଳପ୍ରପାତର ସଫେଇ କରିଥିଲେ। ଗ୍ରାମସଭା ସମୂହ, ଦଶପଲ୍ଲା କମିଟିର ସଭାପତି, ବିଶିଷ୍ଟ ଶିକ୍ଷାବିତ୍ ପ୍ରମୋଦ କୁମାର ସାହୁ କହିଛନ୍ତି କି ପ୍ରତ୍ୟକବର୍ଷ ପିକନିକ ଋତୁରେ ଏହି ପର୍ଯ୍ୟଟନ ସ୍ଥଳୀକୁ ବୁଲିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଏହି ଜଳପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସୁଥିବା ବେଳେ ଭୋଜିଭାତ କରି ଫେରିଲା ବେଳକୁ ପ୍ଲାଷ୍ଟିକ ବୋତଲ, ଜରି, ମଦ୍ୟପାନ କରି କାଚ ବୋତଲକୁ ଏଣେ ତେଣେ ଫୋପାଡ଼ି ଦେଇଚାଲି ଯାଉଛନ୍ତି। ଫଳରେ ଅନ୍ୟପାଇଁ ଏହା ବିପଦ ସାଜୁଥିବା ବେଳେ ବହୁ ସମସ୍ୟା ଘଟୁଛି। ତେଣୁ ଆମର ଏଥିପାଇଁ ଏ ପ୍ରୟାସ ଜଳପ୍ରପାତଟିକୁ ସଫା କରିବା ସହିତ ପ୍ରଚାର ପ୍ରସାର, ହୋର୍ଡିଂ ଲଗାଇ ଆସୁଥିବା ପର୍ଯ୍ୟଟକଙ୍କୁ ସଚେତନତା କରିବା ମଧ୍ୟ ଆମର ମୂଳ ଲକ୍ଷ୍ୟବୋଲି କହିବା ସହ ଜଙ୍ଗଲ ସୁରକ୍ଷା, ପରିବେଶ ରକ୍ଷା କରିବା, ସୁନ୍ଦ ପରିବେଶ ସୃଷ୍ଟି କରିବା ମଧ୍ୟ ଆମର ଦାୟିତ୍ୱ ବୋଲି କହିଛନ୍ତି। ଲୋକମାନଙ୍କ ମନରେ ଥିବା ନକରାତ୍ମକ ଚିନ୍ତାଧାରାକୁ ଦୁରେଇ ରତ୍ନଗଣ୍ଡକୁ ଆସିଲେ ଅଳିଆ, ଆବର୍ଜନା ନକରି ବରଂ ଗୋଟିଏ କଡ଼ରେ ରଖିଯିବା ପାଇଁ ମଧ୍ୟ ଅନୁରୋଧ କରିଛନ୍ତି କମିଟି।

● ନାବାଳିକା ଅପହରଣ ଓ ଅସଦାଚରଣ

# ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

ଭୁବନେଶ୍ୱର/ଜଟଣୀ,୨୨।୧୧(ସମିସ): ଜଟଣୀ ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅପହରଣ ଓ ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଆଡହକ ଆଡିସନାଲ ସେସନ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍ସୋ)ର ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାରକରି ଅଭିଯୁକ୍ତ ଜୟ ଦେକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନା ଅନୁଯାୟୀ, ୨୦୨୧ ଡିସେମ୍ବର ୧୦ ତାରିଖ ଦିନ ଜୟ ଜଟଣୀ ଥାନା ଅଚଳର ଜଣେ ନାବାଳିକାକୁ ଅପହରଣ କରି ନେଇ ଅସଦାଚରଣ କରିଥିଲା। ପୀଡ଼ିତାଙ୍କ ମାଆ ଜଟଣୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସ୍‌ଆଇ ଶ୍ୟାମଘନ ବାରିକ ଆସାମୀ ଜୟକୁ ଗିରଫ କରିବା ସହ ପୋକସୋ ଆଇନର ଧାରା ୬ ସହ ଆଇପିସି ଧାରା ୩୬୩/୩୬୬/୩୭୬-ଏବି/୩୭୬(୨)(ଏନ୍) ଅନୁଯାୟୀ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସଂପୃକ୍ତ ୧୨ ଜଣ ସାକ୍ଷୀ ଓ ୪୫ଟି ଦଲିଲ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ଆସାମୀ ଜୟକୁ ଆଇପିସି ଧାରା ୩୬୬ ଅନୁଯାୟୀ ୧୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ଏବଂ ଆଇପିସି ଧାରା ୩୭୬(୧) ଅନୁଯାୟୀ ୧୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଇଟି ଯାକ ଦଣ୍ଡବିଧାନର ଜରିମାନା ଅନାଦେୟ କ୍ଷେତ୍ରରେ ଅତ୍ୟଧିକ ୩ ମାସର କାରାଦଣ୍ଡ ଆଦେଶ ଦେଇଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟ ଦଣ୍ଡାଦେଶ ସମବର୍ତ୍ତୀ ଭାବରେ ଲାଗୁ ହେବ। ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାସମଲ୍ ଓ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ପ୍ରମୁଖ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

## ବିଦେଶୀ ମଦ ଜବତ, ଜଣେ ଗିରଫ



ନିରାକାରପୁର,୨୨।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ପୁଲିସ୍ ପକ୍ଷରୁ ଚୋରା ନିଶାଦ୍ରବ୍ୟ କାରବାର ରୋକିବାକୁ ବିଶେଷ ଅଭିଯାନ ଚାଲିଛି। ଆଇଆଇସି ବିଶ୍ୱଜିତ ରାଉତରାୟଙ୍କ ନିର୍ଦ୍ଦେଶରେ ଏସଆଇ ଦୀପାଲିସା ନାୟକ ସଦଳବଳେ ଛଣଗିରି ଗ୍ରାମରେ ଚଢ଼ଉ କରି ମଦ ଜବତ କରିବା ସହ ପଦ୍ମଲୋଚନ ବଳିଆରସିଂଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ୪୪ ଲିଟର ୯୭୫ ମିଲି ବିଦେଶୀ ମଦ ଓ ସ୍କୁଟ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

# ପୂର୍ବ ଶତ୍ରୁତାରୁ ଗୋଷ୍ଠୀ ସଂଘର୍ଷ, ୬ ଗିରଫ

ବାଲୁଗାଁ,୨୨।୧୧(ସମିସ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାଲୁଗାଁ ଥାନା ଅନ୍ତର୍ଗତ ପାଟଣା ସାହି ଓ କେକେ ନୂଆଗାଁର ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଶୁକ୍ରବାର ରାତିରେ ବାଲୁଗାଁ ବଜାର ଅଶୋକ ନଗର ଛକରେ ସଂଘର୍ଷ ଘଟିଥିଲା। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ବାଲୁଗାଁ ଥାନାରେ ଅଭିଯୋଗ ହୋଇଥିବାବେଳେ ପୁଲିସ ଉଭୟ ଗୋଷ୍ଠୀର ୩ ଜଣ ଲେଖାଏଁ ମୋଟ ୬ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ବାଲୁଗାଁ ପାଟଣାସାହି ଓ କେକେ ନୂଆଗାଁର କିଛି ଯୁବକଙ୍କ ମଧ୍ୟରେ ପୂର୍ବରୁ କୌଣସି କାରଣକୁ ନେଇ ବିବାଦ ଥିଲା। ଏହାକୁ କେନ୍ଦ୍ର କରି ବିଭିନ୍ନ ସମୟରେ ପରସ୍ପରଙ୍କୁ ଆକ୍ରମଣ ଓ ପ୍ରତିଆକ୍ରମଣ କରିବା ଫଳରେ କ୍ରମେ ତୀବ୍ର ରୂପ ଧାରଣ କରି ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଶୁକ୍ରବାର ରାତ୍ରି ପ୍ରାୟ ୯ ଘଟିକା ସମୟରେ ଅଶୋକ ନଗର ଛକ ନିକଟ ଓଭରବ୍ରିଜ୍ ନିକଟରେ ପୂର୍ବ ବିବାଦକୁ ନେଇ ଉଭୟ ଗୋଷ୍ଠୀର ଯୁବକ ମୁହାଁମୁହିଁ ହୋଇ ଝଗଡ଼ା ହୋଇଥିଲା। ଏହା ଉଗ୍ରରୂପ ନେଇ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା।

ସଂଘର୍ଷ ବେଳେ ଏକ ଚା' ବିସ୍କୁଟ ଦୋକାନ ଭାଙ୍ଗିରୁଜି ଯାଇଛି। ଗଣ୍ଡଗୋଳ ଯୋଗୁଁ କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଯାତାୟାତ ଠପ ହୋଇଯାଇଥିଲା। ଖବର ପାଇ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡା ସଦଳେବଳେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଉଭୟ ଗୋଷ୍ଠୀର ଅଭିଯୋଗ କ୍ରମେ ବାଲୁଗାଁ ଥାନାରେ ୩୯୬ ଓ ୩୯୭/୨୫ରେ ପୃଥକ ମାମଲା ରୁଜୁ କରି ଉଭୟ ଗୋଷ୍ଠୀର ୩ ଜଣ ଲେଖାଁଏ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଉଭୟ ଗ୍ରାମରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

## ସୁଷମ ଖାଦ୍ୟ ମେଳା

ବେଗୁନିଆ,୨୨।୧୧(ସମିସ): କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତ ସୁଷମ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଛି। ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା ଓ ନର୍ମଦା ଆଦି ଦଳରେ ଛାତ୍ରଛାତ୍ରୀ ପ୍ରସ୍ତୁତ ସୁଷମ ଖାଦ୍ୟ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ବିଜୟ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ଶିକ୍ଷାବିତ୍ କୈଳାସ ସୁବୁଦ୍ଧି, ପରିଚାଳନା କମିଟି ସଭାପତି ପ୍ରଭାତ ନାୟକ ଓ ସଦସ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ ବିଚାରକ ଭାବେ ଯୋଗଦେଇ ସର୍ବଶ୍ରେଷ୍ଠ ବୈତରଣୀ ଦଳକୁ ପୁରସ୍କୃତ କରିଥିଲେ। ଶିକ୍ଷକ ଅମୀୟ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ପ୍ରଦୀପ ସ୍ମାରକୀ ଏକଦିବସୀୟ ଗ୍ରାମୀଣ ଫୁଟ୍‌ବଲ | ବାଲିଗାଡ଼ିଆ ୩-୦ ଗୋଲରେ ବିଜୟୀ



ନିରାକାରପୁର,୨୨।୧୧ (ସମିସ): ମା' ହରଚଣ୍ଡୀ କ୍ଲବ୍ ପକ୍ଷରୁ ଆୟୋଜିତ ପ୍ରଦୀପ ସ୍ମାରକୀ ଏକଦିବସୀୟ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ମା' ହରଚଣ୍ଡୀ ଫୁଟ୍‌ବଲ କ୍ଲବ ଓ ବାଲିଗଡ଼ିଆ ଜଙ୍କିଆ ଆମ୍ବେଦକର ଫୁଟବଲ ଆସୋସିଏସନ ବାଲିଗାଡ଼ିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ବାଲିଗାଡ଼ିଆ ୩-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଛି। ରେଫରୀ ଭାବେ ଅବିନାଶ ପଟ୍ଟନାୟକ, ଲାଇନ୍ସମ୍ୟାନ ଭାବେ ହୃଦାନନ୍ଦ ମହତରାୟ ଓ ସୁକାନ୍ତ ପ୍ରଧାନ ଖେଳ ପରିଚାଳନା କରିଥିଲେ।

ଅତିଥି ଭାବେ ସଖ୍ୟାସଂଘ କ୍ରୀଡ଼ା ସଂସଦ ସଭାପତି ବିପିନ ଜୟସିଂହ, କାର୍ଯ୍ୟକାରୀ ସଭାପତି ଶ୍ୟାମସୁନ୍ଦର ପଟ୍ଟନାୟକ, ଉପସଭାପତି ପ୍ରକାଶ ବଳିୟାରସିଂହ, ମାନସ ପଟ୍ଟନାୟକ, ସମ୍ପାଦକ ଭାଗୀରଥି ପ୍ରଧାନ, କାର୍ଯ୍ୟକାରୀ ସଂପାଦକ ଦୀପକ ପ୍ରଧାନ, ଯୁଗ୍ମସମ୍ପାଦକ ଉମେଶ ମିଶ୍ର, କୋଷାଧ୍ୟକ୍ଷ ହରିବନ୍ଧୁ ସିଂହ, ଉପଦେଷ୍ଟା ମଣ୍ଡଳୀର ସଭ୍ୟ ମହେଶ୍ୱର ବେହେରା, ପ୍ରକାଶ ମିଶ୍ର, ବିଶ୍ୱନାଥ ବେହେରା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଯୁବ ଖେଳାଳି ଚିତ୍ତରଞ୍ଜନ ମହାରଣା, କାର୍ତ୍ତିକ ସାମନ୍ତରାୟ, ଲକ୍ଷ୍ମୀକାନ୍ତ ପ୍ରଧାନ, ଦିନେଶ ଜୟସିଂହ ପ୍ରମୁଖ ସହଯୋଗ କରିଥିବାବେଳେ କମଳଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ଜି ଷ୍ଟାର୍ ପ୍ରିମିୟର ଲିଗ୍: ଖୁସି ୱାରିୟର ବିଜୟୀ



ଟାଙ୍ଗୀ,୨୨।୧୧(ସମିସ): କୁହୁଡ଼ି ଜନତା ମହାବିଦ୍ୟାଳୟ ଷ୍ଟାଡ଼ିୟମରେ ଆୟୋଜିତ ତୃତୀୟ ଜିପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଆଜି ପ୍ରଥମ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏମ୍ ୱାରିୟର ଓ ଖୁସି ୱାରିୟର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଖୁସି ୱାରିୟର ୧୦ ୱିକେଟ ହରାଇ ୧୪୫ ରନ୍ ସଂଗ୍ରହ କରିଥିବାବେଳେ ଏସ୍‌ଏମ୍ ୱାରିୟର୍ ୧୪୩ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ଖୁସି ୱାରିୟାର ୨ ରନରେ ବିଜୟୀ ହୋଇଥିଲା। ମୁଖ୍ୟଅତିଥି ଭାବେ କୁହୁଡ଼ି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଟୁକୁନା ପ୍ରଧାନ, କୁହୁଡ଼ି ମହାବିଦ୍ୟାଳୟ ଅଧ୍ୟକ୍ଷ ବନଶ୍ରୀ ରାଉତରାୟ, ସାମ୍ବାଦିକ ରମେଶ ନାଇଡୁ ଓ ଭାଲେଣ୍ଟିନା ନାହାକ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

● କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସୁଆଙ୍ଗ ଓ ମେଣ୍ଢାଶାଳ ବିଜୟୀ

ଖୋର୍ଦ୍ଧା,୨୨।୧୧(ସମିସ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ସୁଆଙ୍ଗ ଦଳ କାଇପଦରକୁ ୯ ୱିକେଟରେ ପରାସ୍ତ କରିଛି। କାଇପଦର ଦଳ ପ୍ରଥମେ ବ୍ୟାଟିଂ କରି ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୬୯ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଆଙ୍ଗ ପକ୍ଷରୁ ନିର୍ମଳ ମାର୍ଥା ୩ଟି ୱିକେଟ ହାସଲ କରିଥିଲେ। ଜବାବରେ ସୁଆଙ୍ଗ ଦଳ ୪ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଶ୍ରେଷ୍ଠ ଖେଳାଳି ନିର୍ମଳ ମାର୍ଥାଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ (ନନ ଆଧାର) ଟସ୍‌ରେ ବିଜୟ ଲାଭ କରି ମେଣ୍ଢାଶାଳ ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା ପ୍ରଥମେ ବ୍ୟାଟିଂ କରି ଭାଳିଆବାଡି ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୪ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସରୋଜ ପଟ୍ଟନାୟକ ୮୪ ରନ୍ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୧୯ ଓଭରରେ ୪ ୱିକେଟ ହରାଇ ୧୯୬ ରନ କରି ୬ ୱିକେଟରେ ବିଜୟ ହାସଲ କରି ନେଇଥିଲେ। ଦଳ ପକ୍ଷରୁ ଆଇ ଏସ ଗିରି ୯୫ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଆଜିର ଖେଳକୁ ସାନୁଜ ବିଶ୍ୱାଳ, ତୁଷାରକାନ୍ତ ସୁନ୍ଦରାୟ ଓ ରିଆଜତ୍ ଅଲ୍ଲୀ ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ।

# ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କମ୍ବଳ ବଣ୍ଟନ



ଟାଙ୍ଗୀ,୨୨।୧୧(ସମିସ): ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଟାଙ୍ଗୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ବିଭିନ୍ନ ପଞ୍ଚାୟତର ନିସହାୟ ମହିଳା ଓ ପୁରୁଷଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ସଭାପତି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡାକ୍ତର ମଧୁସୂଦନ ସେନାପତି, ଉପଦେଷ୍ଟା ଅରୁଣ ମହାନ୍ତି, ଜଗନ୍ନାଥ ସଂସ୍କୃତି ଗବେଷକ ଡଃ ଚନ୍ଦ୍ରଶେଖର ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲିଙ୍ଗରାଜ ସାହୁ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ସମ୍ପାଦକ ବିଜୟ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ବଡ଼ପାରୀ କମିଟି ସଭାପତି ବିଚ୍ଛେଦ ଜୟସିଂ, ସୁନ୍ଦରପୁର କମିଟି ସଭାପତି ବିଜୟ ପ୍ରଧାନ, ଉପଦେଷ୍ଟା ଘନଶ୍ୟାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଛୋଟରାୟ, ରଘୁନାଥ ସାହୁ, ଝାରପଡ଼ା କମିଟି ସଭାପତି ଭାସ୍କର ପ୍ରଧାନ, ମୟୂରଝାଲିଆ କମିଟି ସଭାପତି ରମେଶ ରାଉତ ପ୍ରମୁଖ ଯୋଗଦେଇଥିଲେ। ଟାଙ୍ଗୀ, ଚାନ୍ଦପୁର, କନ୍ଧନୟାଗଡ, କମାଗୁରୁ, ମୟୂରଝାଲିଆ, ଝାରପଡା, ବଡପାରୀ, ରାମଚନ୍ଦ୍ରପୁର, ପାରିଓରଡ, ଚଣ୍ଡେଶ୍ୱର, କୁଂଜୁରୀ, ରତନପୁର, ଜରିପଡା, କଳକଳେଶ୍ୱର, ସୁନ୍ଦରପୁର ପଞ୍ଚାୟତର ୬୦ ଜଣ ବୟସ୍କ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। କିଷ୍ଟାଚନ୍ଦ୍ର ପ୍ରଧାନ, ଅଧିକାରୀ ସୁବୁଦ୍ଧି, ଦିଲ୍ଲୀପ ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ଉମେଶ ଧଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶୁଣିଲାନି ପ୍ରଶାସନ | ରାସ୍ତା ମରାମତି କଲା ମା' ଭୂଇଁଆଣୀ ପରିଚାଳନା କମିଟି



ବୋଲଗଡ଼, ୨୨।୧୧(ସମିସ): ବୋଲଗଡ଼ ଉପକଣ୍ଠରେ ଥିବା ମା' ଭୂଇଁଆଣୀଙ୍କ ପୀଠ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାଟି ଖାଲଖମାରେ ପରିପୂର୍ଣ୍ଣ। ଉକ୍ତ ରାସ୍ତା ମରାମତି ପାଇଁ ପ୍ରଶାସନ ନିକଟରେ ଦାବି ହେଉଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ମା' ଭୂଇଁଆଣୀ ପରିଚାଳନା କମିଟି ରାସ୍ତା ମରାମତି ପାଇଁ ଅଣ୍ଟା ଭିଡ଼ିଛି।

ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଜନସାଧାରଣ ମା' ଭୂଇଁଆଣୀଙ୍କ ପୀଠ ଓ ରେଳଷ୍ଟେସନକୁ ଯାତାୟାତ କରନ୍ତି। ରାସ୍ତା ମରାମତି କାମ ଦୀର୍ଘଦିନ ହେଲା କରାଯାଉ ନ ଥିବାରୁ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଉକ୍ତ ରାସ୍ତାକୁ ପକ୍କା ରାସ୍ତା ନିର୍ମାଣ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଆସୁଥିଲେ ମଧ୍ୟ ଏଯାବତ କୌଣସି ସୁଫଳ ମିଳିପାରୁନାହିଁ। ୫୭ନଂ ଜାତୀୟ ରାଜପଥକୁ ବୋଲଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଏହି ରାସ୍ତା ସଂଯୋଗ କରୁଛି। ବ୍ଲକ୍ ପ୍ରଶାସନର ପ୍ରତ୍ୟକ୍ଷ ନଜରରେ ଥିବା ଉକ୍ତ ରାସ୍ତା ରାସ୍ତାର ଅବସ୍ଥା ଏତେ ଉତ୍ତମ ଯେ ଥରେ ସେ ରାସ୍ତାରେ ନ ଗଲେ କେହି ସହଜରେ ଜାଣିପାରିବେନାହିଁ। କି ବର୍ଷା କି ଖରା ରାସ୍ତାର ଅବସ୍ଥା ସଦାବେଳେ ତଦ୍ରୂପ। ବୋଲଗଡ଼ ପଞ୍ଚାୟତ ସମିତି ପଛ ପଟେ ଯାଇଥିବା ଏହି ରାସ୍ତା ବର୍ତ୍ତମାନ ଶୋଚନୀୟ। ସରକାର ଓ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କେହି ଶୁଣୁନାହାନ୍ତି। ତେଣୁ ରାସ୍ତା ମରାମତି ପାଇଁ ମା' ଭୂଇଁଆଣୀ ପରିଚାଳନା କମିଟିର ଫକୀରମୋହନ ଫତେସିଂହ, ଗଦାଧର ଚମ୍ପତି, ରାମ ମାର୍ଥା, ଭାସ୍କର ପ୍ରଧାନ ଓ ଗ୍ରାମର କେତେକ ବ୍ୟକ୍ତି ଆଜି ରାସ୍ତା ମରାମତି କାମ ପାଇଁ ଅଣ୍ଟା ଭିଡିଥିବା ଦେଖିବାକୁ ମିଳିଛି। ଏହାକୁ ସାଧାରଣରେ ପ୍ରଶଂସା କରାଯାଉଛି। ତେବେ ପ୍ରଶାସନ ଏହି ରସ୍ତାକୁ ଗୁରୁତ୍ୱ ଦେଇ ପକ୍କା ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ମୋ ଗେହ୍ଲା ଝିଅ' କାର୍ଯ୍ୟକ୍ରମ



ବାଣପୁର,୨୨।୧୧(ସମିସ): ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ବାଣପୁର ପଲଟଣ ପଡିଆସ୍ଥ ସହିଦ କୃତ୍ତିବାସ ମଣ୍ଡପରେ "ମୋ ଗେହ୍ଲା ଝିଅ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ଆଇନଜୀବୀ ବିପ୍ଳବ ମୁଦୁଲି, ପୂର୍ବତନ ଉପନଗରପାଳ ଦାଶରଥି ସାହୁ ଓ ଉମାକାନ୍ତ ଲାଠିଙ୍କ ସମେତ ଆଇସିଡିଏସ ବାଣପୁରର ଅଧିକାରୀ, ପ୍ରଶାସନିକ ଅଧିକାରୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଝିଅ ଓ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

# ସଚେତନତା ଅଭାବ; ଲାଭ ଉଠାଇ ପାରୁନାହାନ୍ତି ଲୋକେ

ନିରାକାରପୁର, ୨୨।୧୧ (ସମିସ)




ଖୋର୍ଦ୍ଧା ଜିଲ୍ଲାରେ ମାଛ ଚାଷ ବୃଦ୍ଧି ପାଇଁ ମାଛକୁ ମତ୍ସ୍ୟ କେନ୍ଦ୍ରରୁ ବଜାର କିମ୍ବା ପ୍ରକ୍ରିୟାକରଣ ୟୁନିଟରେ ପହଞ୍ଚାଇବା ପାଇଁ ବିଭିନ୍ନ ପ୍ରକାରର ପରିବହନ ଯାନ ବ୍ୟବହାର କରାଯାଏ, ଯାହା ମାଛର ତାଜାପଣ ବଜାୟ ରଖିବାରେ ସାହାଯ୍ୟ କରେ। ଶୀତଳିକୃତ ବା ଇନସୁଲେଟେଡ ଭ୍ୟାନ ଏହି ଯାନ ଗୁଡ଼ିକ ଲମ୍ବା ଦୂରତା ପାଇଁ ବ୍ୟବହାର କରାଯାଏ। ମାଛକୁ ବରଫ ସହିତ କିମ୍ବା ନିୟନ୍ତ୍ରିତ ତାପମାତ୍ରାରେ ରଖିବା ପାଇଁ ଏହି ଯୋଜନା ଗୁଡିକରେ ବିଶେଷ ବ୍ୟବସ୍ଥା ଥାଏ। ରାଜ୍ୟ ସରକାରଙ୍କ ଯୋଜନା ଯେପରିକି ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ସ୍ୱୀକୃତ ଭ୍ୟାନ ପାଇଁ ସବ୍‌ସିଡି ପ୍ରଦାନ କରାଯାଏ। ଆଇସ ପ୍ଲାଣ୍ଟ ଏବଂ ଫ୍ଲେକ୍ ଆଇସ ପ୍ଲାଣ୍ଟରେ ମାଛ ସଂରକ୍ଷଣ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣର ବରଫ ଉତ୍ପାଦନ କରିବା ଏହି ଭିତ୍ତିଭୂମିର ଅଂଶ ଅଟେ। ମତ୍ସ୍ୟ ପ୍ରକଳ୍ପର ଅଂଶ ଭାବରେ ଏଗୁଡ଼ିକୁ ସ୍ଥାପନ କରିବା ପାଇଁ ପ୍ରୋତ୍ସାହନ ରାଶି ଦିଆଯାଇଥାଏ।

ଫିସିଂ ହାର୍ବର ଏବଂ ଲାଣ୍ଡିଂ ସେଣ୍ଟର୍ ଜରିଆରେ ଓଡ଼ିଶାରେ ଗୋଟିଏ ମୁଖ୍ୟ ଫିସିଂ ହାର୍ବର ସେଣ୍ଟର୍ ରୂପେ ପାରାଦୀପ ବନ୍ଦର, ତିନୋଟି ମାଇନର ଫିସିଂ ହାର୍ବର ରୂପେ ଗୋପାଳପୁର, ଅସ୍ତରଙ୍ଗ, ଧାମରା ବନ୍ଦର ଏବଂ ପ୍ରାୟ ଆଉ ୬୯ଟି ଫିସିଂ ଲାଣ୍ଡିଂ ସେଣ୍ଟର୍ ରହିଛି। ମାଛ ଧରାଯିବ ପରେ ଖରାପ ନ ହେବା ପାଇଁ ଯେଉଁ ପଦ୍ଧତି ଗୁଡ଼ିକ ଗ୍ରହଣ କରାଯାଏ ତାହାକୁ ଅମଳ ପରବର୍ତ୍ତୀ ପରିଚାଳନା କୁହାଯାଏ। ଓଡ଼ିଶାରେ ଏହାର ମୂଳ ଲକ୍ଷ୍ୟ ହେଉଛି ମାଛର ଗୁଣବତ୍ତା ବଜାୟ ରଖିବା ଏବଂ କ୍ଷତିକୁ କମ୍ କରିବା। ମାଛ ସଂରକ୍ଷଣ ପଦ୍ଧତିରେ ବରଫ ବ୍ୟବହାର ଯଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାଛକୁ ଧରିବା କ୍ଷଣି ତାହା ଉପରେ ଏବଂ ତଳେ ବରଫ ଦେଇ ପରିବହନ କରାଯାଏ ଶୁଖାଇବା ଯଥା ବିଶେଷ କରି ଛୋଟ ମାଛକୁ ବଂଶଗତ ଜ୍ଞାନ କୌଶଳରେ ଖରାରେ ସୁଖାଯାଏ। ଅନେକ ସ୍ଥାନ ରେ ସ୍ୱଚ୍ଛତା ପାଇଁ ବାଉଁଶ ମଞ୍ଚା ଉପରେ ଶୁଖାଇ ଦିଆଯାଏ। ଲୁଣ ଦେଇ ସଂରକ୍ଷଣ ଯଥା ମାଛକୁ ଲୁଣ ଦେଇ ଅଧିକ ଦିନ ସଂରକ୍ଷିତ କରି ରଖା ଯାଏ। ରାଜ୍ୟରେ ମାଛ, ଚିଙ୍ଗୁଡ଼ି, କଙ୍କଡା ପ୍ରୋସେସିଂ ୟୁନିଟ ସ୍ଥାପନ ପାଇଁ ପ୍ରୋତ୍ସାହନ ରାଶି ଦିଆଯାଉଛି। ଏଗୁଡ଼ିକ ମାଛକୁ ପ୍ୟାକିଂ, ମୂଲ୍ୟ ବୃଦ୍ଧି, ଫ୍ରିଜିଂ, କ୍ୟାନିଂ କରି ରପ୍ତାନୀ ପାଇଁ ରଖାଯାଏ। ମାଛକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣବତ୍ତା ରଖିବା ପାଇଁ କୋଲ୍ଡ ଷ୍ଟୋରେଜ ଭିତ୍ତିଭୂମିର ବିକାଶ ହେବା ଆବଶ୍ୟକ।

୨୦୨୦-୨୧ ଆର୍ଥିକ ବର୍ଷରେ ଟାଙ୍ଗୀ ବ୍ଲକ୍‌ର କେବଳ ୩ ଜଣ ନିରାକାରପୁର ଗ୍ରାମ ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କୁ ୧.୮୦ ଲକ୍ଷ ଟଙ୍କା ସବସିଡି, ସୁନ୍ଦରପୁର ଗ୍ରାମ ପଞ୍ଚାୟତ ର ସୁଜିତ୍ ହଲଦର୍ ଏବଂ ସୁରେନ୍ଦ୍ର ରାଉତଙ୍କୁ ୨୦ ହଜାର ଲେଖାଏଁ ସବ୍‌ସିଡି ପ୍ରଦାନ କରାଯାଇଛି। ସେହିବର୍ଷ ବାଲିଅନ୍ତା ବ୍ଲକ୍‌ର ୮ ଜଣଙ୍କୁ ସର୍ବମୋଟ ୧.୨୫ ଲକ୍ଷ, ବାଣପୁର ବ୍ଲକ୍‌ର ୮ ଜଣକୁ ସର୍ବମୋଟ ୧ ଲକ୍ଷ ଟଙ୍କା, ବେଗୁନିଆ ବ୍ଲକ୍‌ର ୩ ଜଣଙ୍କୁ ୦.୪୮ ଲକ୍ଷ, ବୋଲଗଡ଼ ବ୍ଲକ୍‌ର ୧ ଜଣକୁ , ଖୋର୍ଦ୍ଧା ବ୍ଲକ ର ୩ ଜଣକୁ ସର୍ବମୋଟ ୦.୫୨ ଲକ୍ଷ ଟଙ୍କା ସବସିଡି ପ୍ରଦାନ କରାଯାଇଅଛି। ୨୦୨୧-୨୨ ଆର୍ଥିକ ବର୍ଷରେ ଉଜ୍ୱଳା ଗୋପୀନାଥପୁର ଗ୍ରାମ ପଞ୍ଚାୟତର ୫ ଜଣ ଯଥା ଅସୀମ ମିସ୍ତ୍ରି, ଫାଲଗୁନି ରାୟ, ପ୍ରସଂଜିତ୍ ମଣ୍ଡଳ , ପ୍ରତାପ ଚନ୍ଦ୍ର ମଣ୍ଡଳ, ସୁଶାନ୍ତ ମିସ୍ତ୍ରି ପ୍ରତ୍ୟେକଙ୍କୁ ୨୦ ହଜାର ଲେଖାଏଁ ସବସିଡି ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳରେ ସଚେତନତା ବୃଦ୍ଧି ଏବଂ ଜିଲ୍ଲାର ଚିଲିକା କୂଳିଆ ଗ୍ରାମ ପଞ୍ଚାୟତ ଯଥା ମଙ୍ଗଳା ଯୋଡି, ସୁନ୍ଦରପୁର, ଭୂଷଣ୍ଡପୁର, ବାଲିପାଟପୁର, ଟାଙ୍ଗୀ, ଅଙ୍ଗୁଲ, ବଡକୁଳ, ବାଉଲବନ୍ଧ, ବିରିବାଡି, ଚନଡେଶ୍ୱର, ହରିପୁର, ହାଟବରଡି, ଜରିପଡ଼ା, କଳକଳେଶ୍ୱର, କୁମଣ୍ଡଳପାଟଣା, ନିମିଖେତା, ସିଂହେଶ୍ୱର, ଶୋରଣରେ ଲୋକଙ୍କୁ ସଚେତନ କଲେ ଏହି ଯୋଜନାରୁ ଆହୁରି ଅନେକ ଇଚ୍ଛୁକ ଲୋକେ ଲାଭ ଉଠାଇ ପାରିବେ ବୋଲି କିଛି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ



ବାଣପୁର,୨୨।୧୧(ସମିସ): ବାଣପୁର ବ୍ଲକ୍ ଅନ୍ତର୍ଗତ ଆଦିବାସୀ ମାଳାଞ୍ଚଳସ୍ଥ ମା' ବିରିଜାଇଙ୍କ ପୀଠରେ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ସହିଦ ଲକ୍ଷ୍ମଣ ନାୟକଙ୍କ ଜୟନ୍ତୀ ପାଳନ କରାଯାଇଛି। ଏ ଅବସରରେ "ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ଆମେ ସ୍ୱାଧୀନ କି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଚାଷୀ ମୂଲିଆ ସଂଘ, ଓଡ଼ିଶା ଅଲ୍ ଇଣ୍ଡିଆ କ୍ଷେତ ମଜଦୁର କିଷାନ ସଭା ରାଜ୍ୟ ସମ୍ପାଦକ ନିରାକାର ନାୟକ ଯୋଗଦେଇ ଗୋରା ସାହୁକାର ବଦଳରେ ଏବେ କଳା ସାହୁକାର ଦେଶକୁ ଶାସନ କରୁଛନ୍ତି। ଯେଉଁ ଆଦିବାସୀ କୃଷକ ଓ ଶ୍ରମିକ ଇଂରେଜ ସରକାରର ଶୋଷଣ, ଜୁଲମ ଓ ଅତ୍ୟାଚାର ବିରୁଦ୍ଧରେ ସଂଘର୍ଷ କରି ଫାଶୀ ଖୁଣ୍ଟରେ ଝୁଲି ଜୀବନ ଦେଇ ଭାରତ ମାଟିରୁ ଇଂରେଜଙ୍କୁ ବିଦା କରିଥିଲେ, ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ବିଚାରର ଭାରତ ନିର୍ମାଣ କରାଯାଉନାହିଁ। ସ୍ୱାଧୀନତା ସଂଗ୍ରାମୀ ଜଳ, ଜମି ଓ ଜଙ୍ଗଲ ଅଧିକାର ପାଇଁ ସଂଘର୍ଷ କରିଆସୁଥିଲେ ମଧ୍ୟ ବର୍ତ୍ତମାନ ତାହା କର୍ପୋରେଟ କମ୍ପାନୀ ହାତରେ ଟେକି ଦିଆଯାଉଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲା ସମ୍ପାଦକ ରଞ୍ଜନ ଶବର, ବ୍ଲକ୍ ସଭାପତି ବିକ୍ରମ ଶବର, ଉପସଭାପତି ଲକ୍ଷ୍ମୀ ଶବର, ସମ୍ପାଦକ ଗାର୍ଡ ଶବର, ବସନ୍ତ ଶବର, ସୁରେନ୍ଦ୍ର ଶବର, କାର୍ଯ୍ୟକାରୀ ସଭାପତି ରମେଶ ଶବର, କୋଷାଧ୍ୟକ୍ଷ ହାରି ଯାନୀ, ଭାସ୍କର ଶବର ଓ ଜୟସେନ ପ୍ରଧାନ ପ୍ରମୁଖ ଯୋଗଦେଇ ନିଜ ଅଧିକାର ପାଇଁ ନିଜେ ଲଢ଼େଇ କରିବାକୁ ହେବ, ନଚେତ ଆଉ ୮୦ ବର୍ଷ ପରେ ମଧ୍ୟ ଆମକୁ ସ୍ୱାଧୀନ ମିଳିପାରିବନାହିଁ ବୋଲି କହିଥିଲେ। ଏଥିରେ ସଂଘର ବହୁ ମହିଳା ଓ ପୁରୁଷ କର୍ମୀ ସାମିଲ ଥିଲେ।

### ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ

# ଫାଇନାଲରେ ଲକ୍ଷ୍ୟ ସେନ୍



ସିଡ୍‌ନୀ, ୨୨ ।୧୧ (ଏଜେନ୍ସି): ଭାରତୀୟ ସଟଲର୍ ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମୁକାବିଲାରେ ଲକ୍ଷ୍ୟ ୧୭-୨୧, ୨୪-୨୨, ୨୧-୧୬ ଗେମ୍‌ରେ ଚାଇନିଜ ତାଇପେଇ’ର ଚୋଉ ତିଏନ୍ ଚେନଙ୍କୁ ପରାସ୍ତ କରିଥିଲେ। ରବିବାର ଫାଇନାଲରେ ଲକ୍ଷ୍ୟଙ୍କ ମୁକାବିଲା ଜାପାନର ୟୁଶି ତନାକାଙ୍କ ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ତନାକା ୨୧-୧୮, ୨୧-୧୫ ସିଧାସଳଖ ଗେମରେ ଚାଇନିଜ ତାଇପେଇ’ର ୫ମ ସିଡ୍ ଲିନ୍ ଚୁନ୍-ୟିଙ୍କୁ ପରାସ୍ତ କରିଥିଲେ। ୨୪ ବର୍ଷୀୟ ଲକ୍ଷ୍ୟ ଚଳିତ ସିଜନରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ହେଲେ ଟାଇଟଲ୍ ଜିତିପାରିନାହାନ୍ତି। ଏଥିପୂର୍ବରୁ ସେ ହଂକଂ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍ ରହିଥିଲେ। ଲକ୍ଷ୍ୟ ତାଙ୍କର ଶେଷ ଟାଇଟଲ୍ ଗତ ବର୍ଷ ସୟଦ ମୋଦି ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ଜିତିଥିଲେ।

**ମହିଳା କବାଡ଼ି ବିଶ୍ୱକପ୍**

## ଆଜି ସେମିରେ ଇରାନକୁ ଭେଟିବ ଭାରତ

ଢାକା, ୨୨ ।୧୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ରେ କ୍ରମାଗତ ୪ର୍ଥ ବିଜୟ ହାସଲ କରିଛି। ଶନିବାର ଭାରତୀୟ ମହିଳା ଦଳ ଏହାର ଅନ୍ତିମ ତଥା ୪ର୍ଥ ଲିଗ୍ ମ୍ୟାଚରେ ୫୧-୧୬ ପଏଣ୍ଟରେ ଘରୋଇ ବାଂଲାଦେଶକୁ ହରାଇଥିଲା। ପୂର୍ବରୁ ଉଗାଣ୍ଡା (୭୨-୧୫), ଥାଇଲାଣ୍ଡ (୬୫-୨୦) ଓ ଜର୍ମାନୀ (୬୩-୨୨)କୁ ପରାସ୍ତ କରିଥିବା ଭାରତ ଏବେ ସେମିଫାଇନାଲରେ ରବିବାର ଇରାନକୁ ଭେଟିବ। ଗ୍ରୁପ୍-ବି’ରେ ସ୍ଥାନ ପାଇଥିବା ଇରାନ ଲିଗ୍ ପର୍ଯ୍ୟାୟରେ ୪ ମ୍ୟାଚରୁ ୩ ବିଜୟ ସହ ସେମିଫାଇନାଲରେ ପହଞ୍ଚିଛି। ଯଦି ଭାରତ ସେମିରେ ବିଜୟୀ ହୁଏ ତେବେ କ୍ରମାଗତ ୨ୟଥର ଲାଗି ଫାଇନାଲ ଖେଳିବ। ଏଥିପୂର୍ବରୁ ୨୦୧୨ରେ ଅନୁଷ୍ଠିତ ମହିଳା କବାଡ଼ିର ପ୍ରଥମ ସଂସ୍କରଣର ଫାଇନାଲରେ ଇରାନକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା।



ପୁରୁଷ ହକି ଇଣ୍ଡିଆ ଲିଗ୍ ଲାଗି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟିମ୍ ପ୍ରସ୍ତୁତ

**ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର**

## ଫାଇନାଲରେ ସୁବ୍ରତ-ଆଶୁତୋଷ ମୁକାବିଲା




ଭୁବନେଶ୍ୱର,୨୨।୧୧(ସମିସ): ରାଜ୍ୟର ଦୁଇ ଶୀର୍ଷ ଖେଳାଳି ତଥା ଗୁରୁ ସୁବ୍ରତ ଦାସ ଓ ଶିଷ୍ୟ ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ରାଜ୍ୟ ସ୍ନୁକର ବିଭାଗର ଫାଇନାଲ ମୁକାବିଲା ହେବ। ଆସନ୍ତାକାଲି ଏହି ଫାଇନାଲ ମୁକାବିଲା ପଟିଆସ୍ଥିତ ୬ପକେଟ୍ସ କ୍ଲବ୍ ପରିସରରେ ଖେଳାଯିବ। ଆଜି ଅନୁଷ୍ଠିତ ସେମିଫାଇନାଲରେ ଆଶୁତୋଷ ୫-୦ ଫ୍ରେମ୍‌ରେ ରୁମିତ ଗୁପ୍ତାଙ୍କୁ ଓ ସୁବ୍ରତ ୫-୧ରେ ଅନ୍ୟତମ ସିନିଅର ଖେଳାଳି ସିଦ୍ଧାର୍ଥ ସେନ୍‌ଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ଟାଇଟଲ ଜିତିଲେ ସୁବ୍ରତଙ୍କ ୬ଷ୍ଠ ଓ ଆଶୁତୋଷଙ୍କର ୫ମ ଟାଇଟଲ ହେବ।

## ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ: ଓଡ଼ିଆଙ୍କୁ ଆଉ ୩ ପଦକ

ଭୁବନେଶ୍ୱର,୨୨।୧୧(ସମିସ): ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସର ଦ୍ୱିତୀୟ ଦିନରେ ଓଡ଼ିଆ ଆଥ୍‌ଲେଟମାନେ ଆଉ ୩ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ପଦକ ଜିତିଥିବା ଆଥଲେଟମାନେ ହେଲେ କମଳାକାନ୍ତ ନାୟକ, ପ୍ରଫୁଲ୍ଲ ଖଣ୍ଡାୟତରାୟ ଓ ସୁଚିତ୍ରା ପରିଡ଼ା। କମଳାକାନ୍ତ ଏଫ୍‌୫୩ କାଟାଗୋରୀର ପୁରୁଷ ଜାଭେଲିନ୍ ଥ୍ରୋ’ରେ ସ୍ୱର୍ଣ୍ଣ, ପ୍ରଫୁଲ୍ଲ ଏଫ୍‌୫୫ କାଟାଗୋରୀରେ ପୁରୁଷ ଡିସ୍କସ୍ ଥ୍ରୋ’ରେ କାଂସ୍ୟ ଓ ସୁଚିତ୍ରା ପରିଡ଼ା ଏଫ୍ ୫୪/୫୫/୫୬ କାଟାଗୋରୀର ମହିଳା ଡିସକସ୍ ଥ୍ରୋ’ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରଫୁଲ୍ଲ ଓ ସୁଚିତ୍ରାଙ୍କର ଏହା ଦ୍ୱିତୀୟ ପଦକ। ଗତକାଲି ପ୍ରଥମ ଦିନରେ ଓଡ଼ିଆମାନେ ୩ ସ୍ୱର୍ଣ୍ଣ ସହ ୬ ପଦକ ବିଜୟୀ ହୋଇଥିଲେ। ଦ୍ୱିତୀୟ ଦିନ ଶେଷରେ ଓଡ଼ିଆ ପ୍ରତିଯୋଗୀଙ୍କ ପଦକ ସଂଖ୍ୟା ୯ରେ ପହଞ୍ଚିଛି। ତାହା ମଧ୍ୟରେ ୪ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି।



## ଶରଣକୁଳ ଫୁଟବଲ୍ ଫାଇନାଲ ଆଜି

ଶରଣକୁଳ, ୨୨ ।୧୧ (ସମିସ): ଏଠାରେ ଚାଲିଥିବା ୬୪ତମ ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ବା ରବିବାର ୨ଟାରେ ଖେଳାଯିବ। ଏଥିରେ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ଓ ଭୁବନେଶ୍ୱର ଗଣ୍ଡରପୁର ଫୁଟବଲ୍ କ୍ଲବ ଟାଇଟଲ୍ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଲଡୁକେଶ୍ୱର ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ହେଉଛି। ଫାଇନାଲ ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱୀତାମୂଳକ ହେବ ବୋଲି ଆୟୋଜକ ସଂଘ ସମ୍ପାଦକ ରବୀନ୍ଦ୍ର ଚୌଧୁରୀ ଆଶାପ୍ରକାଶ କରିଛନ୍ତି।

## ଦିନିକିଆରେ ନ୍ୟୁଜିଲାଣ୍ଡର କ୍ଲିନ୍ ସୁଇପ୍

ସେଡନପାର୍କ,୨୨।୧୧(ଏଜେନ୍ସି): ମ୍ୟାଟ ହେନରୀ(୪/୪୩)ଙ୍କ ଘାତକ ବୋଲିଂ ବଳରେ ଏଠାରେ ଶନିବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୪ ୱିକେଟରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୩-୦ରେ କ୍ଲିନ୍ ସୁଇପ୍ କରିଛି। ହେନରୀଙ୍କୁ ଏହି ମ୍ୟାଚ୍‌ର ଓ କାଏଲ ଜାମିସନଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ର ୧୬୧ ରନ୍ ଜବାବରେ ନ୍ୟୁଜିଲାଣ୍ଡ ୬ ୱିକେଟରେ ୧୬୨ ରନ୍ କରି ଜିତିଥିଲା।



ରାଜ୍ୟ ରୋଲର ସ୍କେଟିଂ ଚାମ୍ପିଅନସିପରେ ଭାଗ ନେଇଥିବା ପ୍ରତିଯୋଗୀମାନେ

**ସୁଲତାନ ଆଜଲାନ ଶାହ କପ୍ ହକି**

## ଆଜି ଭାରତ-କୋରିଆ ଉଦ୍‌ଘାଟନୀ ଲଢ଼େଇ

ଇପୋ, ୨୨ ।୧୧ (ଏଜେନ୍ସି): ସୁଲତାନ ଆଜଲାନ ଶାହ କପ୍ ହକିର ୩୧ତମ ସଂସ୍କରଣ ରବିବାରଠାରୁ ମାଲେସିଆରେ ଆରମ୍ଭ ହେବ। ଚଳିତ ସଂସ୍କରଣରେ ଆୟୋଜକ ମାଲେସିଆ ସମେତ ଭାରତ, ବେଲ୍‌ଜିୟମ, କାନାଡା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ କୋରିଆ ମଧ୍ୟରେ ଟ୍ରଫି ପାଇଁ ଲଢ଼େଇ ହେବ। ପାଞ୍ଚଥରର ଚାମ୍ପିଅନ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଲଢ଼େଇ ରବିବାର ଅପରାହ୍ଣ ୪ଟାରେ ଖେଳାଯିବ। ରାଉଣ୍ଡ-ରବିନ ଫର୍ମାଟ୍‌ରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହାପରେ ପଏଣ୍ଟ ଆଧାରରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ନଭେମ୍ବର ୩୦ରେ ଫାଇନାଲ ଖେଳାଯିବ। ୨୦୧୯ ପରେ ଭାରତ ପ୍ରଥମଥର ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛି। ନିୟମିତ ଅଧିନାୟକ ହରମନପ୍ରୀତ୍ ସିଂହଙ୍କୁ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ଡିଫେଣ୍ଡର ସଞ୍ଜୟ ଦଳର ନେତୃତ୍ୱ ଭାର ସମ୍ଭାଳିବେ। ସେହିଭଳି ଓଡ଼ିଶାର ଅମିତ୍ ରୋହିଦାସଙ୍କ ସମେତ ନୀଲମ ସଞ୍ଜୀପ ଖେସ୍ ଓ ଶିଳାନନ୍ଦ ଲାକ୍ରା ସୁଲତାନ ଆଜଲାନ ଶାହ କପ୍ ଲାଗି ଘୋଷିତ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।

## ରିଲାଏନ୍ସ ଫାଉଣ୍ଡେସନ ଓ କ୍ରୀଡ଼ା ବିଭାଗ ପୁରସ୍କୃତ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଭାରତର କ୍ରୀଡ଼ା କ୍ଷେତ୍ରକୁ ପ୍ରୋତ୍ସାହନ ଓ ବିଶେଷ ଯୋଗଦାନ ଲାଗି ରିଲାଏନ୍ସ ଫାଉଣ୍ଡେସନକୁ ଫିକିର ୧୫ତମ ବିଶ୍ୱ କ୍ରୀଡ଼ା ସମ୍ମିଳନୀ (ଗ୍ଲୋବାଲ ସ୍ପୋର୍ଟ୍ସ ସମିଟ୍) ଟର୍ଫ-୨୦୨୫ରେ ପୁରସ୍କୃତ କରାଯାଇଛି। ଦେଶର ତୃଣମୂଳ ସ୍ତରରୁ ହାଇପରଫର୍ମାନ୍ସ ସ୍ତର ଯାଏ କ୍ରୀଡ଼ାକୁ ସଶକ୍ତ କରିବା ପାଇଁ ରିଲାଏନ୍ସ ଫାଉଣ୍ଡେସନ ନିରନ୍ତର ପ୍ରୟାସ କରିଛି। କ୍ରୀଡ଼ା କ୍ଷେତ୍ରରେ ନୀତା ଅମ୍ବାନୀଙ୍କ ନେତୃତ୍ୱ ତାଙ୍କୁ ଦେଶର ଉଦୀୟମାନ ‘ସ୍ପୋର୍ଟ୍ସ ଲିଡର ଅଫ୍ ଇଣ୍ଡିଆ’ ଭାବରେ ମଧ୍ୟ ଦେଖାଯାଉଛି। ରିଲାଏନ୍ସ ଫାଉଣ୍ଡେସନ କ୍ରୀଡ଼ାକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ କର୍ପୋରେଟ ବୋଲି ଫିକି ପକ୍ଷରୁ ଏହି ଅବସରରେ କୁହାଯାଇଛି। ସେହିଭଳି ନୀତା ଅମ୍ବାନୀ ଏହି ପୁରସ୍କାରକୁ ରିଲାଏନ୍ସ ଫାଉଣ୍ଡେସନ ପରିବାର ଏବଂ ଦେଶର ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସର୍ଗ କରିଛନ୍ତି।

ଅପରପକ୍ଷରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗକୁ ‘ଲିଡର୍ ଇନ୍ ସ୍ପୋର୍ଟ୍ସ ଇନଫ୍ରାଷ୍ଟ୍ରକଚର ଆଣ୍ଡ ହାଇପରଫର୍ମାନ୍ସ ସେଣ୍ଟର’ ପୁରସ୍କାର ପ୍ରଦାନ କରାଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ଏହି ପୁରସ୍କାର ଗ୍ରହଣ କରିଥିଲେ। ‘ଏହି ପୁରସ୍କାର ଲାଗି ଯେଉଁମାନେ ଆମକୁ ସମର୍ଥନ, ସହଯୋଗ ଓ ପ୍ରୋତ୍ସାହିତ କରିଛନ୍ତି ସମସ୍ତଙ୍କ ପ୍ରତି ଆମେ କୃତଜ୍ଞ। ଏହି ମାନ୍ୟତା ଓଡ଼ିଶାରେ କ୍ରୀଡ଼ାର ଅଭିବୃଦ୍ଧି ପାଇଁ ଅଧିକ ପ୍ରତିବଦ୍ଧତା, ନବସୃଜନ ଏବଂ ଉଦ୍ଦେଶ୍ୟ ସହିତ କାମ ଜାରି ରଖିବା ପାଇଁ ଆମର ସଂକଳ୍ପକୁ ଦୃଢ଼ କରିବ’ ବୋଲି ଯାଦବ କହିଛନ୍ତି।




**ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ**

## ଶ୍ରୀଲଙ୍କାର କ୍ରମାଗତ ଦ୍ୱିତୀୟ ପରାଜୟ

ରାୱଲପିଣ୍ଡି, ୨୨ ।୧୧ (ଏଜେନ୍ସି): ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ଶ୍ରୀଲଙ୍କା ଦଳ କ୍ରମାଗତ ୨ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଘରୋଇ ପାକିସ୍ତାନ ୭ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପୂର୍ବରୁ ଶ୍ରୀଲଙ୍କା ଦଳ ସିରିଜର ପ୍ରଥମ ମ୍ୟାଚରେ ଜିମ୍ବାୱେ ନିକଟରୁ ୬୭ ରନରେ ହାରିଥିଲା। ଅପରପକ୍ଷରେ ପ୍ରଥମ ମୁକାବିଲାରେ ଜିମ୍ବାୱେକୁ ହରାଇଥିବା ପାକିସ୍ତାନ ଏଥିସହ ୨ୟ ବିଜୟ ଲାଭ କରିଛି। ରବିବାର ପାକିସ୍ତାନ ଓ ଜିମ୍ବାୱେ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳିଯିବ। ଶନିବାର ଅନୁଷ୍ଠିତ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୭ ୱିକେଟ୍‌ରେ ମାତ୍ର ୧୨୮ ରନ କରିପାରିଥିଲା। ଦଳ ପକ୍ଷରୁ ଜାନିଥ ଲିୟାଙ୍ଗେ ସର୍ବାଧିକ ୪୧, କୁଶଲ ପେରେରା ୨୫, କାମିଲ ମିଶ୍ରା ୨୨ ରନ କରିଥିଲେ। ଘରୋଇ ପାକିସ୍ତାନର ବାମହାତୀ ସ୍ପିନର ମହମ୍ମଦ ନୱାଜଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ଶାହିବଜାଦ ଫରହାନଙ୍କ ଅପରାଜିତ ୮୦ ରନ ବଳରେ ପାକିସ୍ତାନ ୧୫.୩ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା।

**■ ଆନ୍ତଃଜିଲ୍ଲା ଟେବୁଲ ଟେନିସ ଚାମ୍ପିଅନସିପ୍**

## ଏଜି ପୁରୁଷ, କଟକ-ଏ’ ଯୁଥ୍ ଚାମ୍ପିଅନ

ଭୁବନେଶ୍ୱର,୨୨।୧୧(ସମିସ): କଟକ-ବି’କୁ ହରାଇ ଏଜି ଓଡ଼ିଶା କଟକରେ ଚାଲିଥିବା ୩୧ତମ ଆନ୍ତଃଜିଲ୍ଲା ଟେବୁଲ ଟେନିସ ଚାମ୍ପିଅନ ହୋଇଛି। କଟକ ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ମଲ୍ଟିପର୍ପୋଜ୍ ଇଣ୍ଡୋର ହଲ୍‌ରେ ଖେଳାଯାଇଥିବା ପୁରୁଷ ବିଭାଗେ ଫାଇନାଲରେ ଏଜି ଓଡ଼ିଶା ୩-୦ ସେଟ୍‌ରେ କଟକ-ବି’କୁ ପରାସ୍ତ କରି ଟାଇଟଲ ଜିତିଥିଲା। ଚାମ୍ପିଅନ ଏଜି ପକ୍ଷରୁ ତୁଷାର ଚୌହାନ, ମୈନାକ ଦାସ ଓ ସମ୍ରାଟ ଚକ୍ରବର୍ତ୍ତୀ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। କଟକ-ବି’କୁ ପ୍ରତିନିଧିତ୍ୱ କରୁଥିବା ସୌମ୍ୟରଞ୍ଜନ ପତି, ଫରାଜ ରାଜା ଓ ହାଞ୍ଜଲା ରେହାନ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ ଏଜି ଓଡ଼ିଶା ୩-୦ରେ କଟକ-ଏ’କୁ ଏବଂ କଟକ-ବି’ ୩-୨ରେ ପୁରୀକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।




ଏଜି ଓଡ଼ିଶା-ପୁରୁଷ ଚାମ୍ପିଅନ




କଟକ-ଏ’-ୟୁଥ୍ ଚାମ୍ପିଅନ

ସେହିପରି ଯୁଥ୍ ବିଭାଗ ଫାଇନାଲରେ କଟକ-ଏ’ ୩-୧ରେ ଖୋର୍ଦ୍ଧା ଟିଟି ସଂଘକୁ ହରାଇ ଚାମ୍ପିଅନ ହୋଇଛି। କଟକ-ଏ’ ପକ୍ଷରୁ ଜିଜ୍ଞାସୁ ସାହୁ ଦୁଇଟିଯାକ ସିଙ୍ଗଲ୍ସରେ ଏବଂ ଜିଜ୍ଞାସୁ ସାହୁ ଓ ଆୟାନ ମୁସ୍ତାକ ଡବଲ୍ସରେ ବିଜୟୀ ହୋଇଥିଲେ। କଟକ-ଏ’ର ତାକମିଲ ମହମ୍ମଦ୍ ଖୋର୍ଦ୍ଧାର ଅନିନ୍ଦ୍ୟ ଏ ଦାସଙ୍କଠାରୁ ୩-୦ରେ ହାରିଯାଇଥିଲେ। ଖୋର୍ଦ୍ଧାର ଅନ୍ୟ ଖେଳାଳିମାନେ ପରାଜିତ ହୋଇଥିଲେ। ପାଲଟା ସିଙ୍ଗଲ୍ସରେ ଅନିନ୍ଦ୍ୟ, ଆୟୁଷ୍ମାନ ପତି ଓ ଡବଲ୍ସରେ ଆୟୁଷ୍ମାନ ଓ ଅନିନ୍ଦ୍ୟଙ୍କ ଯୋଡି ହାରିଯାଇଥିଲେ। ପୂର୍ବରୁ ଖେଳାଯାଇଥିବା ସେମିଫାଇନାଲରେ କଟକ-ଏ’ ୩-୦ରେ ଭୁବନେଶ୍ୱର ଟିଟି ସଂଘକୁ ଏବଂ ଖୋର୍ଦ୍ଧା ଟିଟି ସଂଘ ୩-୦ରେ କଟକ-ବି’କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା।

**ରାଜ୍ୟସ୍ତରୀୟ ଦୃଷ୍ଟିହୀନ କ୍ରିକେଟ**

# କୋରାପୁଟ-ବରଗଡ଼ ଫାଇନାଲ୍ ଆଜି

ଧର୍ମଶାଳା,୨୨।୧୧(ସମିସ): ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ଓ ସକ୍ଷମ ଓଡ଼ିଶା ପୂର୍ବଙ୍କ ସହଯୋଗରେ ଯାଜପୁର ଜିଲ୍ଲା ଧର୍ମଶାଳା ଷ୍ଟାଡିୟମରେ ଚାଲିଥିବା ଦଶମ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ପୁରୁଷ କ୍ରିକେଟ ପ୍ରତିଯୋଗିତାର ୪ର୍ଥ ଦିନରେ ଦୁଇଟି ସେମି ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଆଜିର ପ୍ରଥମ ସେମି ଫାଇନାଲ୍‌ରେ କୋରାପୁଟ ଦୃଷ୍ଟିହୀନ କ୍ରିକେଟ କ୍ଲବ, ମୟୂରଭଞ୍ଜର ମାରଙ୍ଗବୁରୁ ଦୃଷ୍ଟିହୀନ କ୍ରିକେଟ କ୍ଲବ୍‌କୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ସେମି ଫାଇନାଲ୍‌ରେ ବାଲେଶ୍ୱର ୱାରିଅର୍‌କୁ ହରାଇ ବରଗଡ଼ର ରାଇଜିଂ ଷ୍ଟାର୍ ଦ୍ୱିତୀୟ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି। ଆଜିର ପ୍ରଥମ ସେମି ଫାଇନାଲ୍ ମ୍ୟାଚ୍‌ରେ ଧନପତି ଗୌଡ଼ ଓ ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ଲିଙ୍ଗରାଜ ରାଉତରାୟ ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ ହୋଇଛନ୍ତି। ଆସନ୍ତାକାଲି କୋରାପୁଟ ଦୃଷ୍ଟିହୀନ କ୍ରିକେଟ ଦଳ ଓ ବରଗଡ଼ର ରାଇଜିଂ ଷ୍ଟାର୍ କ୍ଲବ୍ ମଧ୍ୟରେ ଫାଇନାଲ୍ ମୁକାବିଲା ହେବ। ଖେଳରେ ଶେଷରେ ଆୟୋଜିତ ପୁରସ୍କାର ବିତରଣ ସମାରୋହରେ କେନ୍ଦ୍ରୀୟ ବିଦ୍ୟାଳୟ ବ୍ୟାସନଗରର ଅଧ୍ୟକ୍ଷ କମଳେଶ କୁମାର ମୁଖ୍ୟଅତିଥି, ସବ୍ୟସାଚୀ ଦେବାଶିଷ ପଲେଇ, ଶୁଭମ ଶ୍ରୀନାଜ୍ ଏବଂ ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।



**ଆଇଟିଏଫ୍ ଟେନିସ ଟୁର୍**

## ସେମିଫାଇନାଲରେ ହାରିଲେ କବୀର

ଭୁବନେଶ୍ୱର, ୨୨।୧୧ (ସମିସ): ମାତ୍ର ଗୋଟିଏ ଦିନ ପୂର୍ବରୁ ଓଡ଼ିଶାର ପ୍ରଥମ ଖେଳାଳିଭାବେ ଆଇଟିଏଫ୍ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଥିବା କିଟ୍‌ର କବୀର ହନ୍ସ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍ ଏମ୍-୧୫ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି। ଆଜି ଅନୁଷ୍ଠିତ ସେମିଫାଇନାଲରେ ଭାରତର ଅନ୍ୟତମ ଖେଳାଳି ଦିଗବିଜୟ ସିଂହଙ୍କଠାରୁ ପରାଜିତ ହୋଇଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା ଫାଇନାଲରେ ଦିଗବିଜୟଙ୍କ ସହ ପ୍ରଜ୍ୱଳ ଦେବଙ୍କର ମୁକାବିଲା ହେବ। ଆଜି ଅନୁଷ୍ଠିତ ଡବଲ୍ସ ଫାଇନାଲରେ ପ୍ରଜ୍ୱଳ ଦେବ- ସିଦ୍ଧାନ୍ତ ବାଣ୍ଠିଆଙ୍କ ଯୋଡି ଚାମ୍ପିଅନ ହୋଇଛନ୍ତି।

## ମହିଳା ଦୃଷ୍ଟିହୀନ ବିଶ୍ୱକପ୍ କ୍ରିକେଟ: ଫାଇନାଲରେ ଭାରତ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଅଷ୍ଟ୍ରେଲିଆକୁ ୯ ୱିକେଟରେ ହରାଇ ଭାରତ ମହିଳା ଦୃଷ୍ଟିହୀନ ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ଫାଇନାଲରେ ପ୍ରବେଶ କରିଛି। ଆଜି ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୧୦୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ମାତ୍ର ୧ ୱିକେଟ ହରାଇ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଭାରତ ପକ୍ଷରୁ ବାସନ୍ତୀ ହାଁସ୍‌ଦା ୪୫ ରନ୍ କରି ଆଉଟ ହୋଇଥିଲାବେଳେ ଗଙ୍ଗା କଦମ ୪୧ ଓ କରୁଣା କେ ୧୬ ରନ୍‌ରେ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ଇନିଂସରେ ୭ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ। ସିମରନଜିତ୍ କୌର, ଯମୁନାରାଣୀ ଟୁଡୁ ଓ ଅନୁକୁମାରୀ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।





# 'ଇସ୍କ ଟ୍ରାଫିକ୍'ରେ ୭ଟି ଗୀତ

ସାଧାରଣତଃ ଚଳଚ୍ଚିତ୍ରରେ ୪ଟି କିମ୍ବା ୫ଟି ଗୀତ ସ୍ଥାନିତ ହେଉଥିବା ଦେଖାଯାଏ । ତେବେ 'ଇସ୍କ୍ ଟ୍ରାଫିକ୍' ସିନେମାରେ ସମୁଦାୟ ୭ଟି ଗୀତ ରହିଛି । ଖୁବ୍ ଶୀଘ୍ର ଏହା ପରଦାକୁ ଆସିବାକୁ ଯାଉଛି । ଏହାର ଥିମ୍ ସଙ୍ଗ, ରୋମାଣ୍ଟିକ୍ ଡୁଏଟ୍, ଆଇଟମ୍ ନମ୍ବର, ସୁଫିଯାନା ଏବଂ ବିରହ ଗୀତ ଦର୍ଶକଙ୍କୁ ଆକର୍ଷିତ କରିବ । ତପୁ ନାୟକ, ରଞ୍ଜନ ନାୟକ, ପୁଷ୍ପକ ପରିଡ଼ା ଓ ଅସଦ୍ ନିଜାମଙ୍କ ରଚିତ ଗୀତଗୁଡ଼ିକରେ ହ୍ୟୁମାନ ସାଗର, ମଣ୍ଟୁ ଛୁରିଆ, କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ସତ୍ୟଜିତ ପ୍ରଧାନ ଓ ଅବିନାଶ କଣ୍ଠଦାନ କରିଛନ୍ତି । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଯୁବପିଢ଼ିର ଅନ୍ୟତମ ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଅସଦ୍ ନିଜାମ । ଅମର ମ୍ୟୁଜିକ୍‌ରେ ଗୀତଗୁଡ଼ିକ ମୁକ୍ତିଲାଭ କରିଛି । ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଭାବପ୍ରବଣ କରିବା ସହ ମନୋରଞ୍ଜନର ଭରପୂର ଖୋରାକ ଯୋଗାଇବ । । ମା'–ପୁଅ ଓ ମାମୁଁଙ୍କ ସମ୍ପର୍କକୁ ନେଇ ସିନେମାଟି ଗତିଶୀଳ ହୋଇଛି । କମେଡି ଅଭିନୟରେ ପପୁ ପମପମ୍ ଏହି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛନ୍ତି । ତା' ସାଙ୍ଗକୁ ନବାଗତ ଅଭିନେତା ପ୍ରେମଙ୍କ ଅଭିନୟ ବେଶ୍ ପ୍ରଭାବଶାଳୀ ହୋଇପାରିଛି । ଶୁଭ୍ରାଂଶୁ ବିଶ୍ୱାଳଙ୍କ କାହାଣୀ ଓ ସଂଳାପରେ ନିର୍ମିତ ଏହି ଚଳଚ୍ଚିତ୍ରରେ ରୋହନଜିତ ଦାସ ନିର୍ଦ୍ଦେଶନା ଦେଇଛନ୍ତି । 'ଗ୍ରୀନ୍ ଚିଲିଜ୍ ଆଣ୍ଡ ଏଣ୍ଟରଟେନମେଣ୍ଟ' ନିବେଦିତ ଫିଲ୍ମଟିରେ ପୁଷ୍ପା ପଣ୍ଡା, ମନସ୍ୱିନୀ ପତି, ଚୌଧୁରୀ ଜୟପ୍ରକାଶ ଦାସ, ଜୀବନ ପଣ୍ଡା, ସନ୍ତୁ ନିଜେ, ମହାପ୍ରସାଦ କର, ନୈନା ନାଥ, ପ୍ରିୟଙ୍କା ସାହୁ, ଅର୍ପିତା ସାହୁ, ଆନ୍ନା କମେଡି, ବାପି କମେଡି, କାଳିଆ, ସୁଧୀର ବାରିକ, ବେକାରିଆ ନୁକ ପ୍ରମୁଖ ଅଭିନୟ କରୁଛନ୍ତି । ସିନେମାଟି ଦର୍ଶକଙ୍କୁ ଏକ ପାରିବାରିକ ପ୍ରେମ କାହାଣୀ ଏବଂ ମନୋରଞ୍ଜନର ନୂତନ ଅନୁଭୂତି ପ୍ରଦାନ କରିବ । ■

# ଜାଗରଣ ଫିଲ୍ମ ଫେଷ୍ଟିଭାଲ୍‌ରେ 'ପୂର୍ଣ୍ଣୋଦକମ୍'



ମୁମ୍ବାଇଠାରେ ଅନୁଷ୍ଠିତ ଜାଗରଣ ଫିଲ୍ମ ଫେଷ୍ଟିଭାଲରେ ଓଡ଼ିଆ ଚଳଚ୍ଚିତ୍ର 'ପୂର୍ଣ୍ଣୋଦକମ୍' ପ୍ରଦର୍ଶିତ ହୋଇଛି । ଚଳଚ୍ଚିତ୍ରର ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି, ପ୍ରଯୋଜିକା ଗୁନ୍‌ଗୁନ୍, ରୀନା ଜେନା, କାର୍ଯ୍ୟକାରୀ ପ୍ରଯୋଜକ ନିର୍ମାଲ୍ୟ କୁମାର, ଖ୍ୟାତିସମ୍ପନ୍ନ ସାଉଣ୍ଡ ଡିଜାଇନର ସୁବାସ ସାହୁ, ବର୍ଷିଆନ ଅଭିନେତ୍ରୀ ଓ ନିର୍ଦ୍ଦେଶିକା ବିଜୟା ଜେନା (ଡଲି) ପ୍ରମୁଖ ଯୋଗ ଦେଇଥିଲେ । ନଭେମ୍ବର ୧୩ ରୁ ୧୬ ତାରିଖ ଯାଏଁ ଆୟୋଜିତ ଏହି ଅନ୍ତର୍ଜାତୀୟ ମହୋତ୍ସବରେ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସା ସାଉଁଟିଛି । ବଳିଷ୍ଠ କାହାଣୀ, ସ୍ୱତନ୍ତ୍ର ଉପସ୍ଥାପନା, ପ୍ରଭାବୀ ଅଭିନୟ ଓ ଉଚ୍ଚକୋଟୀର ନିର୍ମାଣ ଶୈଳୀ ପାଇଁ ଏହା ଉଭୟ ଦର୍ଶକ ଓ ସମାଲୋଚକଙ୍କ ଦ୍ୱାରା ଆଦୃତ ହୋଇଥିଲା । 'ଗୁନ୍‌ଗୁନ୍ ଫିଲ୍ମସ୍' ନିବେଦିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଶିବପ୍ରସାଦ ମହାନ୍ତି । କେବଳ ନିର୍ଦ୍ଦେଶନା ନୁହେଁ, ଚିତ୍ରନାଟ୍ୟ ଓ ସଂଳାପ ରଚନା ସହ ସମ୍ପାଦନା ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ବିଭିନ୍ନ ଭୂମିକାରେ ଗୁନ୍‌ଗୁନ୍, ଶ୍ରୀତମ ଦାସ, ଗାର୍ଗୀ ମହାନ୍ତି, ଅଭିଷେକ ଗିରି, ଶୁଭ୍ରାଂଶୁ ନାୟକ, ବିବୁ ଦାସ, ପୂର୍ଣ୍ଣେନ୍ଦୁ ଦତ୍ତ ପ୍ରମୁଖ ଅଭିନୟ କରିଛନ୍ତି । କ୍ୟାମେରାରେ ପ୍ରେମ ଜୟନ ଥିବାବେଳେ ସଙ୍ଗୀତରେ ଅଛନ୍ତି ସୁବାସ ସାହୁ ଓ ଅରୁଣ ଜ୍ୟୋତି । ସାଉଣ୍ଡ ଡିଜାଇନ କରିଛନ୍ତି ସୁବାସ ସାହୁ । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ଏହା ବଡ଼ ପରଦାକୁ ଆସିବ ବୋଲି ଗୁନ୍‌ଗୁନ୍ କହିଛନ୍ତି । ■

# ସର୍ବଗୁଣ ସମ୍ପନ୍ନ ଯୋଡ଼ି ରୁବିନା-ଅଭିନବ

କଲର୍ସ ଟିଭି ଏବଂ ଜିଓ ହଟ୍‌ଷ୍ଟାର୍‌ରେ ତିନି ମାସ ହେବ ଦର୍ଶକଙ୍କ ମନୋରଞ୍ଜନ କରି ଆସୁଥିଲା 'ପତି, ପତ୍ନୀ ଔର୍ ପଙ୍ଗା' ଶୋ' । ରୁବିନା ଦିଲାଇକ ଏବଂ ଅଭିନବ ଶୁକ୍ଳା ଶୋ'ର ବିଜେତା ହୋଇଛନ୍ତି । ଏହି ସିଜନ୍‌ରେ ଏହି ଦମ୍ପତିଙ୍କୁ ସର୍ବଗୁଣ ସମ୍ପନ୍ନ ଯୋଡ଼ିର ଟାଇଟଲ୍ ମିଳିଛି । ଏ ଦୁହିଁଙ୍କୁ ଶୋ'ର ସବୁଠୁ ଭଲ ଦମ୍ପତି ବୋଲି କୁହାଯାଇଛି । ଏହି ଶୋ'ରେ ପ୍ରତ୍ୟେକ ଦମ୍ପତି ନିଜ ସମ୍ପର୍କ ବିଷୟରେ ଖୋଲାଖୋଲି ଆଲୋଚନା କରିଥିଲେ । ଶୋ'ର ବିଜେତା ହୋଇ ଦୁହେଁ ଖୁବ୍ ଖୁସି ଏବଂ ଉତ୍ସାହିତ ଅଛନ୍ତି । ଅନ୍ୟପଟେ ଏହି ଶୋ'ରେ ହୀନା ଖାନ୍, ସ୍ୱରା ଭାସ୍କର, ଗୀତା ଫୋଗଟ, ସୁଦେଶ ଲହରୀ, ଦେବିନା ବାନାର୍ଜୀ, ଇଶା ମାଲବୀୟ, ଅଭିଷେକ କୁମାର, ଅବିକା ଗୌର ନିଜ ସାଥୀଙ୍କ ସହିତ ନଜର ଆସିଥିଲେ । ଶୋ'ର ବିଚାରପତି ଭାବେ ନଜର ଆସିଥିଲେ ସୋନାଲି ବିନ୍ଦ୍ରେ ଏବଂ ମୁନବ୍ବର ଫାରୁକି । ଶୋ'ରେ ସାମିଲ ପ୍ରତ୍ୟେକ ପ୍ରତିଯୋଗୀ ମଜାଦାର ଟାସ୍କ, ଡ୍ୟାନ୍ସ, ଗେମ୍ ଚ୍ୟାଲେଞ୍ଜ ପୂରା କରିଥିଲେ । ■




# ଚର୍ଚ୍ଚାରେ ଟାଇଗର୍



ଆକ୍ସନ ସିନେମା ଲାଗି ପରିଚିତ ବଲିଉଡ୍‌ର ଆଗଧାଡ଼ିର ଅଭିନେତା ଟାଇଗର୍ ଶ୍ରଫ୍ । ଏବେ 'ବାଗି-୪'ରେ ତାଙ୍କର ଆକ୍ସନ ଦୃଶ୍ୟକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି । ଏହାରି ଭିତରେ ଟାଇଗର ତାଙ୍କ ନୂଆ ସିନେମାକୁ ନେଇ ଚର୍ଚ୍ଚାରେ ଅଛନ୍ତି । ଫିଲ୍ମ ନିର୍ମାତା ରାମ ମାଧବାନୀଙ୍କ ସହିତ ଏକ ମଲ୍ଟି ଫିଲ୍ମ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଅବଶ୍ୟ ଏହି ସିନେମା ଉପରେ କାମ ଆରମ୍ଭ ହେଲାଣି । ସିନେମାର ଶୀର୍ଷକ ସ୍ଥିର ହୋଇ ନ ଥିଲେ ବି ସେ ଏହି ସିନେମାରେ ଆକ୍ସନ ଦୃଶ୍ୟରେ ନଜର ଆସିବେ । ତେବେ ଏହା ଏକ ଆଧ୍ୟାତ୍ମିକ ଆକ୍ସନ ଥ୍ରିଲର ସିନେମା ହେବ । ଯାହାକି ଭାରତୀୟ ସିନେମାରେ ପୂର୍ବରୁ କେବେ ହୋଇ ନ ଥିବା କୁହାଯାଉଛି । ସେହିପରି ଏହି ସିନେମା ଲାଗି ଟାଇଗର ବ୍ୟାପକ ପ୍ରସ୍ତୁତି କରିବେ । ସିନେମାର ସୁଟିଂ ୨୦୨୬ରେ ଆରମ୍ଭ ହେବ । ତା'ସହ ଫିଲ୍ମର ଏକ ବଡ଼ ଭାଗ ଜାପାନରେ ସୁଟିଂ ହେବ । ଅନ୍ୟପଟେ ଏବେ ଏହାର ନିର୍ମାତା ମୁଖ୍ୟ ଅଭିନେତ୍ରୀ ଏବଂ ଖଳନାୟକ ସନ୍ଧାନରେ ଅଛନ୍ତି । ■

# ୨୩ରେ 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍'ର ଗ୍ରାଣ୍ଡ ଫିନାଲେ

ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ରିୟାଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ'ର ଗ୍ରାଣ୍ଡ ଫିନାଲେ ଆଜି ଅର୍ଥାତ ନଭେମ୍ବର ୨୩ ତାରିଖ ସନ୍ଧ୍ୟା ୬ଟା ୩୦ ପ୍ରସାରିତ ହେବ । 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍‌ର ଖୋଜ୍' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ । ପ୍ରତି ପ୍ରତିଯୋଗୀମାନେ ଏହି ଗ୍ରାଣ୍ଡ ଫିନାଲେରେ ନିଜର ଦମଦାର ପ୍ରଦର୍ଶନ ଦେଇଛନ୍ତି । ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିଛନ୍ତି । ତେବେ ଶେଷ ପର୍ଯ୍ୟାୟରେ ଅର୍ଥାତ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ, ଯିଏ ପାଇବେ ବଡ଼ ପରଦାକୁ ପ୍ରବେଶ କରିବାର ବଡ଼ ସୁଯୋଗ । ବିଜୟୀ ପ୍ରତିଯୋଗୀଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ୍ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଶୋ'ର ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି । ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ । ଗ୍ରାଣ୍ଡ ଫିନାଲେରେ ସ୍ୱରାଜ ବାରିକ, ଶିବାନୀ ସଙ୍ଗୀତା, ସୁଜିତ, ଅସୀମା ପଣ୍ଡା, କୁଳଦୀପ ଓ ଗୌରବଙ୍କ ଆନନ୍ଦଙ୍କୁ ଦେଖିବାକୁ ମିଳିବ । ■



# "ଅଭିନୟ ସମୟରେ ଚରିତ୍ରରେ ହଜିଯାଏ"

ଲିପ୍‌ସା ମହାରଣା, ଅଭିନେତ୍ରୀ

ପାର୍ଥ ଓଝା

ଲୋକପ୍ରିୟ ପୁରୁଣା ଆଲବମ୍ ଦେଖି ସେ ଅଭିନୟ ଜଗତକୁ ଆସିବାକୁ ଭାବିଥିଲେ । ସୌଭାଗ୍ୟବଶତଃ ତାଙ୍କୁ ସେ ସୁଯୋଗ ମିଳିଲା । ଖୁବ୍ କମ୍ ବୟସରୁ କମେଡି ଶୋ'ରେ କାମ ଆରମ୍ଭ କରିଥିଲେ ଭୁବନେଶ୍ୱରର ଲିପ୍‌ସା ମହାରଣା । ପରବର୍ତ୍ତୀ ସମୟରେ ଦୁଇଟି ଓଡ଼ିଆ ସିନେମାରେ କାମ କରିଛନ୍ତି । ମ୍ୟୁଜିକ୍ ଭିଡିଓଠୁ ନେଇ ଧାରାବାହିକ ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗକୁ ହାତ ଛଡ଼ା କରି ନାହାଁନ୍ତି ସେ । ଏକାଧାରାରେ ଲିପ୍‌ସା ବହୁମୁଖୀ ପ୍ରତିଭାର ଅଧିକାରିଣୀ । ଏହି ଲାଇନ୍‌କୁ ସେ କେମିତି ଆସିଲେ ତଥା ଆଗକୁ ତାଙ୍କର କ'ଣ ଯୋଜନା ରହିଛି ଜାଣିବା ତାଙ୍କ ମୁହଁରୁ ।

**ଅଭିନୟ ଜଗତରେ କାମ କରିବାକୁ କେତେ ସଂଘର୍ଷ କରିଛନ୍ତି ?**

● ଭୁବନେଶ୍ୱରରେ ମୋର ଜନ୍ମ । ବ୍ରହ୍ମପୁରରେ ପାଠ ପଢ଼ିଛି । ପିଲାଦିନେ ନାଚ, ଗୀତ, ଅଭିନୟ କରୁଥିଲି । ଆଲବମ୍ ଅଭିନେତା ସ୍ୱର୍ଗତ ପପୁ ଭାଇଙ୍କ ମୃତ୍ୟୁ ପରେ ମୋ ସାନ ଭାଇର ନାଁ ରଖାଗଲା ପପୁ । ସେବେଠୁ ଓଲିଉଡ୍ ଇଣ୍ଡଷ୍ଟ୍ରିକୁ ମୁଁ ପରିବାର ବୋଲି ମାନି ନେଇଥିଲି । ଟିଭିରେ ଯାହା ଦେଖୁଥିଲି ସେମିତି ନିଜକୁ ନକଲ କରୁଥିଲି । ସୌଭାଗ୍ୟବଶତଃ 'ଏଇଟା ବାୟାଟା' କମେଡି ଶୋ'ରେ ପପୁ ଭାଇଙ୍କ ସହ ମୋର ମୋର ପ୍ରଥମ କାମ ଆରମ୍ଭ କରିଥିଲି । ପରେ ପରେ ତରଙ୍ଗରେ 'ଯାହା କହିବି ସତ କହିବି' କରିଥିଲି । ଏହି ଶୋ'କୁ ମୋ ବାପା ବହୁତ ଭଲ ପାଇଥିଲେ । 'ଶ୍ରୀମାନ ଶ୍ରୀଯୁକ୍ତ', 'ବଦମାସିଆ ପ୍ରେମ' ସିନେମା କରିଛି । ଏହା ରିଲିଜ୍ ହୋଇନି । ପପୁ ଭାଇଙ୍କ ସହ 'ମାଇପ ପ୍ରେମ ସର୍ବୋତ୍ତମ' ମ୍ୟୁଜିକ୍ ଭିଡିଓ କରିଛି । 'ସାଥି ସାତ ଜନ୍ମର' ଧାରାବାହିକରେ ନାୟିକାର ସାଙ୍ଗ ଚରିତ୍ରରେ ନଜର ଆସିଥିଲି । ନିକଟରେ ମୋର ଅଭିନୀତ 'ବାଲିଯାତ୍ରା' ଟେଲି ଫିଲ୍ମ ରିଲିଜ୍ ହୋଇଛି । ଏଥିରେ ମୁଁ ସାଧବ ବଡ଼ ବୋହୂ ଭୂମିକାରେ ଅଭିନୟ କରିଛି । ଅନେକ ଇଭେଣ୍ଟର ପରିଚାଳନା କରିବାକୁ ମୋତେ ଦାୟିତ୍ୱ ମିଳିଛି ।

**କ୍ୟାମେରାକୁ କେମିତି ସାମ୍ନା କରିଥିଲେ ?**

● ପ୍ରଥମେ କମେଡି ଶୋ' ସୁଟିଂ ପାଇଁ ପପୁ ଭାଇ ଡାକିଥିଲେ । ପ୍ରଥମେ ପ୍ରଥମେ କାମକୁ ନେଇ ବହୁତ ଡର ଥିଲା ମୋ ଭିତରେ । କାମକୁ ଯିବି କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ଥିଲି । ତେଣୁ ବୁଲିବା ଲକ୍ଷ୍ୟରେ ସୁଟିଂ ସେଟ୍‌କୁ ଯାଇଥିଲି । ପପୁ ଭାଇ ପରୀକ୍ଷାମୂଳକଭାବେ ମେକ୍‌ଅପ୍ ନେଇ କଷ୍ଟ୍ୟୁମ୍ ପିନ୍ଧିବାକୁ କହିଥିଲେ । କଷ୍ଟ୍ୟୁମ ପିନ୍ଧିଲା ପରେ ମୁଁ ସେ ଚରିତ୍ରରେ ପୂରା ପଶିଗଲି ଆଉ ଅଭିନୟ କରିଥିଲି । ସେବେଠୁ ମୋର ଯାତ୍ରା ଚାଲିଛି ।

**ଅଭିନୟକୁ ବାଦ୍ ଦେଲେ କ'ଣ କରିବାକୁ ଭଲ ପାଆନ୍ତି ?**

● ଗୀତ ଗାଇବାକୁ ଭଲ ପାଏ । ଚିତ୍ର ଆଙ୍କେ । ନିଜକୁ ସମୟ ଦିଏ । ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

**ସୋସିଆଲ ମିଡିଆକୁ କେମିତି ବ୍ୟବହାର କରନ୍ତି ?**

● ସାମାଜିକ ଗଣମାଧ୍ୟମରେ ଥିଲେ ବି ଏତେ ସକ୍ରିୟ ରହେନି । ସେଥିରେ ମୋତେ କିଛି ଭଲ ପ୍ରତିକ୍ରିୟା ଦିଅନ୍ତି । ଆଉ କିଛି ଖରାପ ପ୍ରତିକ୍ରିୟା ଦିଅନ୍ତି । ତାଳି ଆଉ ଗାଳି ହିଁ ଜଣେ ଅଭିନେତ୍ରୀ ପାଇଁ ଆଶୀର୍ବାଦ । ତେଣୁ ସେଥିରୁ କେଉଁଠି ମୋ ଅଭିନୟରେ ତ୍ରୁଟି ରହିଲା, କେମିତି ନିଜକୁ ଆଗକୁ ସଜାଡ଼ିବି ସେ ଦିଗ ପ୍ରତି ସଜାଗ ରହେ । ତେଣୁ ଗୋଟିଏ କଥା କହିବି ସାମଜିକ ଗଣମାଧ୍ୟମକୁ ସର୍ବଦା ସଦୁପଯୋଗ କରିବା ଆବଶ୍ୟକ ।

**ଡ୍ରିମ୍ ରୋଲ ?**

● ଭବିଷ୍ୟତରେ ମୋତେ ଯାହା ବି ଚରିତ୍ର ମିଳିବ, ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେବି । ସବୁ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରିବି ।

**ଆଗାମୀ ଯୋଜନା ?**

● ଆଗକୁ ଭଲ କାହାଣୀର ସିନେମାକୁ ଅପେକ୍ଷା କରିଛି । ଯେତେ ଦିନ ଯାଏଁ ଏହି ଲାଇନ୍‌ରେ ରହିଛି, ଦର୍ଶକଙ୍କ ମନୋରଞ୍ଜନ କରୁଥିବି । ■



**ଅଭିନୟକୁ ଭଲ କରିବାକୁ କ'ଣ କରନ୍ତି?**

● ଜଣେ ଭଲ ଅଭିନେତ୍ରୀ ସବୁ ଚରିତ୍ରରେ ଅଭିନୟ କରିପାରିବେ । ଏହାକୁ ମନେ ରଖି ମୁଁ ଅଭିନୟ କରେ । ପୁରୁଣା ସିନେମା, ଧାରାବାହିକ ସେଗୁଡ଼ିକ ସବୁବେଳେ ଦେଖେ । ସେଥିରୁ କିଛି ନା କିଛି ଭଲ କଥା ଗ୍ରହଣ କରେ । ତେବେ ମୋ ବାପା ଦୁନିଆରେ ନାହାଁନ୍ତି ସତ, କିନ୍ତୁ ବାପାଙ୍କ ଆଶୀର୍ବାଦ ଯୋଗୁଁ ମୁଁ ଅଭିନେତ୍ରୀଟିଏ ହୋଇପାରିଛି । ଆଉ ଗୋଟେ କଥା ପପୁ ଭାଇଙ୍କ ସାଙ୍ଗେ କାମ ଆରମ୍ଭ କରିଥିବାରୁ ମୁଁ ସବୁକାମ ସହଜରେ କରିପାରେ । ଯେଉଁ ଚରିତ୍ର ମିଳିଲେ ବି ବିନା ସ୍କ୍ରିପ୍ଟରେ ସଂଳାପ କହିପାରେ ।

ପରଦା ପଛର କାହାଣୀ

# ମାନବେତର ଜୀବର ଚମତ୍କାର ଅଭିନୟ

ଅନେକ ଚଳଚ୍ଚିତ୍ରରେ ମଣିଷ ଓ ପଶୁର ସୁସମ୍ପର୍କକୁ ଚମତ୍କାର ଭାବେ ଚିତ୍ରଣ କରାଯାଇଛି । ରାଜେଶ ଖନ୍ନାଙ୍କ 'ହାତୀ ମେରା ସାଥୀ'ର ହାତୀ ହେଉ ଅବା ଦେବାନନ୍ଦଙ୍କ 'ଇନ୍‌ସାନିୟତ୍' ଫିଲ୍ମର ସିମ୍ପାଜୀ ହେଉ । ମାନବେତର ଜୀବଜନ୍ତୁଙ୍କ ଅଭିନୟକୁ ଖୁବ୍ ସୁନ୍ଦର ଭାବେ ପରଦାରେ ଚିତ୍ରଣ କରାଯାଇଛି । ୯ ଅଗଷ୍ଟ ୧୯୮୫ ମସିହାରେ ରିଲିଜ୍ ହୋଇଥିଲା 'ତେରୀ ମେହେରବାନିୟା' ଫିଲ୍ମ । ଏହା କନ୍ନଡ଼ ଫିଲ୍ମ 'ଆଲିୟା ଭାଗ୍ୟ'ର ହିନ୍ଦୀ ରିମେକ ଥିଲା । ଏହି ଫିଲ୍ମରେ ମଣିଷ ପ୍ରତି କୁକୁରର ଭଲପାଇବା ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା । ଫିଲ୍ମର କାହାଣୀ ଅନୁଯାୟୀ ଅଭିନେତା, ଅଭିନେତ୍ରୀଙ୍କ ମୃତ୍ୟୁ ପରେ ଶେଷରେ କୁକୁର ଶତ୍ରୁଙ୍କଠାରୁ ପ୍ରତିଶୋଧ ନେଇଥିଲା । ଆଜି ମଧ୍ୟ ଏହି ଫିଲ୍ମ ଦେଖିଲେ ଦର୍ଶକଙ୍କ ଆଖିରେ ଲୁହ ଜକେଇ ଆସେ । ଏହି ସିନେମାରେ ଜ୍ୟାକି ଶ୍ରଫ୍ 'ରାମ', ପୁନମ ଢିଲ୍ଲୋ 'ବିଜୁଳି' ଓ ଅମରୀଶ ପୁରୀ 'ଠାକୁର ବିଜୟ ସିଂ' ଭୂମିକାରେ ଅଭିନୟ କରିଥିଲେ । ଏଥିରେ 'ବ୍ରାଉନି ମୋତି' ନାମକ ଏକ ବିଶ୍ୱସ୍ତ କୁକୁର ଥିଲା । ଫିଲ୍ମର କାହାଣୀ ଜଣେ ଦାୟିତ୍ୱବାନ ଯୁବକ ରାମଙ୍କୁ ନେଇ ଗତିଶୀଳ । ସେ ବାଇକ୍‌ରେ ଯିବାବେଳେ ଅଜାଣତରେ ଗୋଟିଏ କୁକୁରକୁ ଧକ୍କା ଦେବା ପରେ ତାକୁ ଘରକୁ ଆଣି ସେବାଯତ୍ନ କରି ରଖିଥିଲେ । ଗାଁକୁ ଯିବାପରେ ସେ ଭ୍ରଷ୍ଟାଚାରୀ ଠାକୁର ବିଜୟ କୁମାରଙ୍କ ଅତ୍ୟାଚାରର ଶିକାର ହୁଅନ୍ତି । ରାମ ଭଲ ପାଆନ୍ତି ବିଜୁଳିଙ୍କୁ । ହେଲେ ଠାକୁର ତାଙ୍କ ଉପରେ ନଜର ରଖନ୍ତି । ରାମ ଗାଁ ଲୋକଙ୍କୁ ଏକତ୍ର କରି ତାଙ୍କୁ ନ୍ୟାୟ ଦିଅନ୍ତି । କିନ୍ତୁ ଠାକୁର ଗୁଣ୍ଡା ଲଗାଇ ରାମଙ୍କୁ ମାରି ଦିଅନ୍ତି । ଏହାପରେ ମୋତି ସମସ୍ତ ଅପରାଧୀଙ୍କ ଠାରୁ ପ୍ରତିଶୋଧ ନିଏ । ସମସ୍ତ ଗୁଣ୍ଡାକୁ ମାରି ପ୍ରମାଣ ଏକତ୍ର କରି ପୋଲିସକୁ ହସ୍ତାନ୍ତର କରେ । ବ୍ରାଉନି ମୋତି ଏଥିରେ ଚମତ୍କାର ଅଭିନୟ କରିଛି । ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ଏହି ଫିଲ୍ମର ବଜେଟ୍ ୧.୨୦ କୋଟି ଟଙ୍କା ଥିଲା । ଏହା ଭାରତରେ ୨.୮ କୋଟି ଆୟ କରିଥିଲା । ଏହି ଫିଲ୍ମରେ ପାଞ୍ଚଟି ଗୀତ ଥିଲା । ଗୀତଗୁଡ଼ିକୁ ଗାଇଥିଲେ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍ । ଫିଲ୍ମର ସବୁଠୁ ଲୋକପ୍ରିୟ ଗୀତ ଥିଲା 'ତେରୀ ମେହେରବାନିୟା' । ଏହି ଟାଇଟଲ୍ ଟ୍ରାକ୍‌ଟି ରାମ ଓ ମୋତି ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇଥିଲା । ■



# ଭାରତ-ପାକ୍ ମୁକାବିଲା ଫେବୃଆରୀ ୧୫ରେ

ନୂଆଦିଲ୍ଲୀ,୨୨।୧୧(ଏଜେନ୍ସି): ଆସନ୍ତାବର୍ଷ ଫେବୃଆରୀ ୭ରୁ ମାର୍ଚ୍ଚ ୮ ତାରିଖ ଯାଏ ଭାରତ ଓ ଶ୍ରୀଲଙ୍କାରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ମୁମ୍ବଇରେ ନଭେମ୍ବର ୨୫ ତାରିଖରେ ଡ୍ର ଘୋଷଣା କରାଯିବ। ଏହା ପୂର୍ବରୁ ମିଳିଥିବା ସୂଚନା ଅନୁଯାୟୀ ଡିଫେଣ୍ଡିଂ ଚାମ୍ପିଅନ ଭାରତ, ପାକିସ୍ତାନ ଓ ଆମେରିକା କ୍ରମାଗତ ଦ୍ୱିତୀୟ ସଂସ୍କରଣରେ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଏହି ଗ୍ରୁପ୍‌ରେ ଅନ୍ୟ ଦୁଇଦଳ ଭାବେ ନେଦରଲାଣ୍ଡସ ଓ ନାମିବ୍ୟା ସ୍ଥାନ ପାଇବେ। ଭାରତ ଓ ପାକିସ୍ତାନ ମଧ୍ୟରେ ଫେବୃଆରୀ ୧୫ରେ ମୁକାବିଲା ହେବ। ଏହା ଶ୍ରୀଲଙ୍କାର କଲମ୍ବୋ ସହରରେ ଖେଳାଯିବ। ଆଇସିସି, ଏସିସି, ବିସିସିଆଇ ଓ ପିସିବି ମଧ୍ୟରେ ହୋଇଥିବା ରାଜିନାମା ଅନୁଯାୟୀ ଭାରତ ଓ ପାକିସ୍ତାନରେ ଟୁର୍ଣ୍ଣାମେଣ୍ଟ ହେଲେ ନିରପେକ୍ଷ ଭେନ୍ୟୁରେ ଏମାନଙ୍କ ମଧ୍ୟରେ ମୁକାବିଲା ହେବ। ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ଭାରତ ନଂ-୧, ପାକିସ୍ତାନ ନଂ-୭, ନେଦରଲାଣ୍ଡସ ନଂ-୧୩, ନାମିବ୍ୟା ନଂ-୧୫ ଓ ଆମେରିକା ନଂ-୧୮ ସ୍ଥାନରେ ଥିବାରୁ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇବେ। କିନ୍ତୁ ସହ ଆୟୋଜକ ଦେଶ ଶ୍ରୀଲଙ୍କା କଷ୍ଟସାଧ ଗ୍ରୁପ୍‌ରେ ରହିବ। ଗୋଟିଏ ଗ୍ରୁପ୍‌ରେ ଅଷ୍ଟ୍ରେଲିଆ, ଜିମ୍ବାୱେ, ଆୟର୍ଲାଣ୍ଡ, ଓମାନ ସହ ଶ୍ରୀଲଙ୍କା ସ୍ଥାନ ପାଇବ। ଏଥର ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ଭାଗନେବେ। ଏହି ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ରହିବେ।


**୨୦୨୬ ଟି-୨୦ ବିଶ୍ୱକପ୍**

## ଗୌହାଟୀର 'ବର୍ଷାପଡ଼ା'ରେ ଖେଳାଗଲା ପ୍ରଥମ ଟେଷ୍ଟ କ୍ରିକେଟ ମ୍ୟାଚ୍

# ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬

ଗୌହାଟୀ, ୨୨।୧୧ (ଏଜେନ୍ସି):

ଭାରତର ୩୦ତମ ଟେଷ୍ଟ ଭେନ୍ୟୁ ଗୌହାଟୀସ୍ଥିତ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ଟେଷ୍ଟ ଆଜିଠାରୁ ଆରମ୍ଭ ହୋଇଛି। ଏଠାରେ ଦକ୍ଷିଣ ଆଫ୍ରିକାର ଅଧିନାୟକ ତେମ୍ବା ବଭୁମା କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୨୪୭ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ସେନୁରନ ମୁଥୁସ୍ୱାମୀ ୨୫ ଓ କାଏଲ ଭେରିନ ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଦଳ ପକ୍ଷରୁ ପ୍ରଥମ ୫ଜଣ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ଜଣେ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ସେମାନଙ୍କ ମଧ୍ୟରେ ଟ୍ରିଷ୍ଟାନ୍ ଷ୍ଟବ୍ସ ସର୍ବାଧିକ



ବର୍ଷାପଡ଼ା ଷ୍ଟାଡିୟମ୍, ଗୌହାଟୀ

୪୯, ତେମ୍ବା ବଭୁମା ୪୧, ଆଇଡେନ୍ ମାରକ୍ରମ ୩୮, ରିୟାନ ରିକେଲଟନ ୩୫ ଓ ଟୋନି ଡି ଜୋର୍ଜି ୨୮ ରନ୍ କରିଥିଲେ। ଭାରତ ପକ୍ଷରୁ ବାମହାତୀ ସ୍ପିନର କୁଲଦୀପ ଯାଦବ ସର୍ବାଧିକ ୩ଟି, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ ଓ ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଛି। ଆଲୋକ ଅଭାବରୁ ୮ ଓଭର ପୂର୍ବରୁ ଖେଳ ବନ୍ଦ କରାଯାଇଥିଲା। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର କୋଲକାତାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୩୦ ରନ୍‌ରେ ବିଜୟୀ ହୋଇ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

କୋଲକାତାରେ ଖେଳିଥିବା ପ୍ରଥମ ଟେଷ୍ଟରୁ ଭାରତ ଆହତ ଅଧିନାୟକ ଶୁବମନ ଗିଲ୍ ଓ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ବାଦ୍ ଦେଇଥିଲା। ସେମାନଙ୍କ ସ୍ଥାନରେ ସାଇ ସୁଦର୍ଶନ ଓ ପେସ୍ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ସାମିଲ କରିଛି। ଦକ୍ଷିଣ ଆଫ୍ରିକା ପେସ୍ ବୋଲିଂ ଅଲରାଉଣ୍ଡର କୋର୍ବିନ ବୋଶ୍‌ଙ୍କ ସ୍ଥାନରେ ସ୍ପିନ ବୋଲିଂ ଅଲରାଉଣ୍ଡର ସେନୁରନ ମୁଥୁସ୍ୱାମୀଙ୍କୁ ଖେଳିବାକୁ ସୁଯୋଗ ଦେଇଛି। ଏହି ଟେଷ୍ଟରେ ପ୍ରଥମେ ଚା'ପାନ ବିରତି ହୋଇଥିଲା। ଦ୍ୱିତୀୟ ସେସନ ପରେ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା।



**ସ୍କୋରବୋର୍ଡ**
ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୭/୬, ୮୧.୫ ଓଭର (ଷ୍ଟବ୍ସ-୪୯, ବଭୁମା-୪୧, ମାରକ୍ରମ-୩୮, କୁଲଦୀପ-୩/୪୮)।

**୧୦୪ ବର୍ଷ ପରେ...**

# ଟେଷ୍ଟରେ ଟ୍ୱିଷ୍ଟ: ୨ ଦିନରେ ଖେଳ ଶେଷ

ପର୍ଥ, ୨୨।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଅନୁଷ୍ଠିତ ୨୦୨୫ ଆସେସ୍ ସିରିଜ୍‌ର ପ୍ରଥମ ଟେଷ୍ଟ ଦୁଇଦିନ ଭିତରେ ଶେଷ ହୋଇଛି। ଏଥିରେ ଘରୋଇ ଅଷ୍ଟ୍ରେଲିଆ ଦଳ ୮ ୱିକେଟରେ ବିଜୟୀ ହୋଇଛି। ଦୀର୍ଘ ୧୦୪ ବର୍ଷ ପରେ ଏକ ଟେଷ୍ଟ ମ୍ୟାଚ୍ ଦୁଇ ଦିନରେ ଶେଷ ହେବାର ରେକର୍ଡ ହୋଇଛି। ଶେଷ ତଥା ୧୯୨୧ ନଟିଂହାମରେ ଖେଳାଯାଇଥିବା ଇଂଲଣ୍ଡ- ଅଷ୍ଟ୍ରେଲିଆ ଟେଷ୍ଟ ୨ ଦିନ ଭିତରେ ଶେଷ ହୋଇଥିଲା। ଏହି ମ୍ୟାଚ୍‌ର ପ୍ରଥମ



ଇନିଂସରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ଆଉ ୯ ରନ୍ କରିବା ପରେ ଅଷ୍ଟ୍ରେଲିଆର ଦ୍ୱିତୀୟ ଇନିଂସ ୧୩୨ ରନ୍‌ରେ ଶେଷ ହୋଇଥିଲା। ୪୦ ରନ୍‌ରେ ଅଗ୍ରଣୀ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୬୪ ରନ୍‌ରେ ଅଲଆଉଟ ହୋଇଥିଲା। ଏହା ଫଳରେ ଅଷ୍ଟ୍ରେଲିଆ ଆଗରେ ୨୦୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଇନିଂସ ଓପନ କରିବାକୁ ସୁଯୋଗ ପାଇଥିବା ଟ୍ରାଭିସ୍ ହେଡ୍‌ଙ୍କ ୬୯ ବଲ୍‌ରେ ଶତକ ତଥା ୮୩ ବଲ୍‌ରେ ୧୨୩ ରନ୍ କରିବା ଫଳରେ ଅଷ୍ଟ୍ରେଲିଆ ମାତ୍ର ୨୮.୨ ଓଭରରେ ୨ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମାର୍ନସ ଲାବୁସେନ ୫୧ ରନ୍‌ରେ ଶେଷଯାଏ ବ୍ୟାଟିଂ କରିଥିଲେ। ବ୍ରିସ୍‌ବେନ୍‌ର ଗାବ୍‌ବାରେ ଦ୍ୱିତୀୟ ଟେଷ୍ଟ ଡିସେମ୍ବର ୪ରୁ ଖେଳାଯିବ।

**ବିବାହର ଦିନକୁ ପୂର୍ବରୁ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍**

# ପଲାଶଙ୍କୁ ହରାଇଲେ ମନ୍ଧାନା

ମୁମ୍ବଇ, ୨୨।୧୧ (ଏଜେନ୍ସି): ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ସ୍ମୃତି ମନ୍ଧାନା ରବିବାର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ସଙ୍ଗୀତ ନିର୍ଦ୍ଦେଶକ ପଲାଶ ମୁଛଲଙ୍କ ହାତ ଧରି ୨୯ ବର୍ଷୀୟା ମନ୍ଧାନା ତାଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ। ମନ୍ଧାନାଙ୍କ ଘରୋଇ ସହର ସାଙ୍ଗଲୀରେ ଏହି ଚର୍ଚ୍ଚିତ ବିବାହ ଅନୁଷ୍ଠିତ ହେବ। ବିବାହ ପୂର୍ବରୁ ଗତ ଦୁଇଦିନ ଧରି ହଳଦୀ ଓ ମେହେନ୍ଦୀ ଉତ୍ସବ ଖୁବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ମନ୍ଧାନାଙ୍କ ବିବାହ ଉତ୍ସବରେ ସାମିଲ ହୋଇଥିବା ମହିଳା କ୍ରିକେଟ୍ ଦଳର ସାଥୀ ଖେଳାଳିମାନେ ହାତରେ ମେହେନ୍ଦୀ କରି ଖୁବ୍ ମସ୍ତି କରୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ତେବେ ପ୍ରି-ୱେଡିଂର ଏକ କାର୍ଯ୍ୟକ୍ରମ ସ୍ୱରୂପ ବର ଓ କନ୍ୟା ପକ୍ଷ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ କନ୍ୟା ତଥା ଟିମ୍ ବ୍ରାଇଡ୍‌ର ନେତୃତ୍ୱ ନିଜେ ମନ୍ଧାନା ନେଇଥିଲେ। ସେହିଭଳି ପଲାଶଙ୍କ ନେତୃତ୍ୱରେ



'ଟିମ୍ ଗ୍ରୁମ୍' ଖେଳିଥିଲା। ଏହି ମ୍ୟାଚରେ କନ୍ୟା ପକ୍ଷ ତଥା ମନ୍ଧାନାଙ୍କ ଦଳ ବିଜୟୀ ହୋଇଥିଲା। ମନ୍ଧାନାଙ୍କ ଟିମ୍‌ରେ ଭାରତୀୟ ଦଳର ସାଥୀ ଖେଳାଳି ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସେଜ, ଶ୍ରେୟଙ୍କା ପାଟିଲ, ରେଣୁକା ସିଂ ଠାକୁର, ରାଧା ଯାଦବ ଓ ରିଚା ଘୋଷ ପ୍ରମୁଖ ଖେଳିଥିଲେ।


ଆଜି ସକାଳ ୯ ଘଣ୍ଟିକା

ସକାଳ THE SAKALA
A Unit of Nandighosha Network Pvt. Ltd.

ନନ୍ଦିଘୋଷ

Presented by: BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

In Association with:
CBSE-XI & XII
SRI VINAYAKA Concept School
BHUBANESWAR

5th Anniversary

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଡୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |
| ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ଯୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୧୮୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ,ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼ , ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ରାଉରକେଲା | ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୭ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୬୧୩୩୦ |

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS